# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 35 ଭାଗ ୩୪ | ସଂଖ୍ୟା ୩୫

Sunday 26 April 2026 | Page 8 Rs. 5.00

● ଭୁବନେଶ୍ୱର ରବିବାର ୨୬ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ବିଜେପିରେ ମିଶିଲେ ସ୍ୱାତୀ ମାଲିୱାଲ

ପୃଷ୍ଠା ୪

## ସେଲ୍ଫ ଆପ୍ରାଇଜାଲ ଦେବେ ସରକାରୀ କର୍ମଚାରୀ

**ଡିସେମ୍ବର ୩୧ ସୁଦ୍ଧା ଶେଷ ହେବ ପ୍ରକ୍ରିୟା**



ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ): ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ ଦାଖଲ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ' ୩୧ ତାରିଖ ସୁଦ୍ଧା ସରକାରୀ କର୍ମଚାରୀମାନଙ୍କୁ ଅନଲାଇନ୍‌ରେ ସେଲ୍ଫ ଆପ୍ରାଇଜାଲ୍ ରିପୋର୍ଟ ଦାଖଲ କରିବାକୁ ପଡ଼ିବ। ସେମାନେ କେତେ କାମ କରୁଛନ୍ତି, ସେସବୁର ସମ୍ପୂର୍ଣ୍ଣ ଭାବେ ହିସାବ ନିକାଶ ହେବ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ କାର୍ଯ୍ୟସୂଚୀ ଜାରି ହୋଇଥିବା ବେଳେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଜୁଲାଇ ୩୧ ତାରିଖ ସୁଦ୍ଧା କର୍ମଚାରୀ ଦେଇଥିବା ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ଉପରେ ମନ୍ତବ୍ୟ ଦେବେ ତାଙ୍କର ରିପୋର୍ଟିଂ ଅଥରିଟି। କର୍ମଚାରୀ ଠିକ ଲେଖିଛନ୍ତି କି ନାହିଁ, ସେନେଇ ଅନଲାଇନରେ ମତ ରଖିବେ। ଡିସେମ୍ବର ୩୧ ତାରିଖ ସୁଦ୍ଧା ଚୂଡ଼ାନ୍ତ ଅଧିକାରୀ ମତ ଦେବେ। ପୂର୍ବରୁ ଗତ ୧୫ ତାରିଖରେ ଏ ନେଇ ସମସ୍ତ ଜିଲ୍ଲାପାଳ, ଆର୍‌ଡିସିଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଜରିଆରେ ଆବଶ୍ୟକ ପଦକ୍ଷେପ ନେବା ବାବଦରେ ସୂଚିତ କରାଯାଇଥିଲା।

'ୱାନ୍ ହେଲ୍‌ଥ' ଆଭିମୁଖ୍ୟ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ବହୁଗୁଣିତ ହେବ ଚାଷୀଙ୍କ ଆୟ

ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ): ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଆଜି ରାଜ୍ୟ କନଭେନସନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ଏହି ଅବସରରେ ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ଟି ପ୍ରାଣୀ ଚିକିତ୍ସାଳୟ ଓ ୪ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ଉଦଘାଟନ କରିଛନ୍ତି।

- ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ
- ୭୬ ପ୍ରାଣୀ ଚିକିତ୍ସାଳୟ, ୪ ପ୍ରାଣୀ ସହାୟତା କେନ୍ଦ୍ର ଉଦଘାଟିତ
- ୨୧୯ ନୂତନ ପ୍ରାଣୀ ଚିକିତ୍ସାଳୟ ଓ ଲ୍ୟାବ୍ ପାଇଁ ଏମଓୟୁ ସ୍ୱାକ୍ଷରିତ
- ୫୦ କୋଟି ବ୍ୟୟରେ ଭଦ୍ରକରେ ହେବ ମତ୍ସ୍ୟ ଅବତରଣ କେନ୍ଦ୍ର
- ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନ ବିପଣନ କେନ୍ଦ୍ରର ଶୁଭାରମ୍ଭ
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଉପକୃତ ହେବେ ୧୫ ଲକ୍ଷ ଗୋପାଳକ

ମାଝୀ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

ଏଥିସହ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ସରକାରୀ ଉଦ୍ୟୋଗ ସହ ଏମଓୟୁ ମଧ୍ୟ ସ୍ୱାକ୍ଷର ହୋଇଛି।



ଏହି ବୁଝାମଣାପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ ଓପୋଲଫେଡର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହା କୁକୁଡ଼ା ପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶା ➪ପୃଷ୍ଠା-୬

## ଭକ୍ତଙ୍କ ଗଡ଼ରେ ଦମ୍ ଦେଖାଇବେ ମୋକିମ



ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ): କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମ ପିସିସି ସଭାପତି ଭକ୍ତ ଦାସଙ୍କୁ ତାଙ୍କ ଗଡ଼ରେ ଚ୍ୟାଲେଞ୍ଜ କରିବେ। ଓଡ଼ିଶା ଜନତା କଂଗ୍ରେସ (ଓଜେସି) ଲୋକାର୍ପିତ ହେବା ପରେ ମୋକିମ ପିସିସି ସଭାପତିଙ୍କୁ କାଉଣ୍ଟର କରିବାକୁ ଅଣ୍ଟା ଭିଡ଼ିଛନ୍ତି। କଳାହାଣ୍ଡି ଜିଲ୍ଲାରେ ଓଜେସିର ବଡ଼ ସମାବେଶ ଜରିଆରେ ମୋକିମ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ କରିବେ।

- ମେ' ପ୍ରଥମ ସପ୍ତାହରେ କଳାହାଣ୍ଡିରେ ସମାବେଶ
- ସମୀକ୍ଷକଙ୍କ ଆକଳନ, ଦାନା ବାନ୍ଧୁନି 'ଓଜେସି'

ଯଦିଓ ଏ ସମ୍ପର୍କରେ ଦଳ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା ହୋଇନାହିଁ, ଆପାତତଃ କାର୍ଯ୍ୟସୂଚୀ କିନ୍ତୁ ପ୍ରସ୍ତୁତ ହୋଇସାରିଛି। ଯୁବ ବର୍ଗଙ୍କୁ ଟାର୍ଗେଟ କରି ମୋକିମ ନିଜ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। ଏଥିସହ ସେ କଳାହାଣ୍ଡି ଜିଲ୍ଲାର କିଛି ଭକ୍ତବିରୋଧୀ ନେତାଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। କଳାହାଣ୍ଡି ପରେ ପଶ୍ଚିମ ଓଡ଼ିଶାର ଆଉ କିଛି ଜିଲ୍ଲାରେ ମଧ୍ୟ ସେ ଓଜେସିର ସମାବେଶ କରିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି।

ତେବେ ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ମୋକିମ ନୂଆ ଦଳ ଗଠନ ପାଇଁ ଘୋଷଣା କରିବା ସମୟରେ ଯେଉଁଭଳି ଆଶା କରାଯାଉଥିଲା, ଦଳ ଗଠନ ପରେ ରାଜନୀତିରେ ସେ ସ୍ପାର୍କ ଦେଖାଯାଉନାହିଁ। ଜଣେ ରାଜନେତା ଭାବେ ମୋକିମ ଆସନ୍ତା ୨୦୨୯ ପାଇଁ ନିଜର କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ହେଲେ କଂଗ୍ରେସରୁ ନିଲମ୍ବିତ ବିଧାୟିକା ଝିଅ ସୋଫିଆ ଫିର୍ଦ୍ଦୋସ୍‌ଙ୍କୁ ଛାଡ଼ିଦେଲେ ମୋକିମଙ୍କ ପାଖରେ ଜେନ-ଜିଙ୍କୁ ଆକର୍ଷିତ କଲା ଭଳି ଆଉ କେହି ଚେହେରା ନାହାଁନ୍ତି। ଏପରିକି ମୋକିମଙ୍କ ପାଖରେ ରାଜନୈତିକ ଶକ୍ତି ଭାବେ କେବଳ ତାଙ୍କର ବିଧାୟିକା ଝିଅ ହିଁ ଅଛନ୍ତି। ➪ପୃଷ୍ଠା-୬

## ୪୭ ମାଓବାଦୀଙ୍କ ଆତ୍ମସମର୍ପଣ



ହାଇଦ୍ରାବାଦ, ୨୫।୪: ଶନିବାର ହାଇଦ୍ରାବାଦରେ ତେଲଙ୍ଗାନା ପୁଲିସ ଉପସ୍ଥିତିରେ ୪୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ଛତିଶଗଡ଼ ଦକ୍ଷିଣ ବସ୍ତର ଡିଭିଜନର ସଦସ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିବା ପୁଲିସ ମହାନିର୍ଦ୍ଦେଶକ ଶିବଧର ରେଡ୍ଡୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମାଓବାଦୀମାନେ ପୁଲିସ ଉପସ୍ଥିତିରେ ସେମାନଙ୍କର ୩୨ରୁ ଅଧିକ ମାରଣାସ୍ତ୍ର ସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ସେମାନଙ୍କ ଥଇଥାନ ପାଇଁ ୧.୨୦ କୋଟି ଟଙ୍କାର ପ୍ୟାକେଜ, ମାଗଣା ସ୍ୱାସ୍ଥ୍ୟ କାର୍ଡ ଓ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ ସୁବିଧା ➪ପୃଷ୍ଠା-୬

ଦେବଗଡ଼ରେ ୨୮୦ କୋଟିର ୧୨୪ଟି ପ୍ରକଳ୍ପର ଶିଳାନ୍ୟାସ କଲେ କେନ୍ଦ୍ର ମନ୍ତ୍ରୀ

## ବିକାଶରେ ବାଧା ଦେଉଛନ୍ତି ବିରୋଧୀ: ଧର୍ମେନ୍ଦ୍ର

ଦେବଗଡ଼, ୨୫।୪ (ସଂଚାର ବ୍ୟୁରୋ): 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସମଗ୍ର ଦେଶର ମାତୃଶକ୍ତି ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି। ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି ବୋଲି ଆଜି ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି ଏହି ଜିଲ୍ଲା ଗସ୍ତ କରି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏଥିସହ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତର



**ଦେବଗଡ଼ର ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ହେବ**

କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମହିଳା ସଂରକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାଦ୍ୱାରା ଲୋକସଭା ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ପାଇବ, ଯାହା ଓଡ଼ିଶାରେ ଅଧିକରୁ ଅଧିକ ମହିଳା ଜନପ୍ରତିନିଧି ସୃଷ୍ଟି କରିବା ସହ ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ➪ପୃଷ୍ଠା-୬

## ଯୁଦ୍ଧ ଥମିବା ଆଶାକୁ ଝଟ୍‌କା

- ଆଲୋଚନା କରି ଫେରିଲେ ଆରାଘ୍‌ଚି
- ପ୍ରତିନିଧି ପଠାଇବାକୁ ମନା କଲେ ଟ୍ରମ୍ପ୍

ଇସଲାମାବାଦ,୨୫।୪: ମଧ୍ୟପ୍ରାଚ୍ୟ ସଙ୍କଟକୁ ବନ୍ଦ କରିବା ପାଇଁ ପାକିସ୍ତାନରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ଝଟ୍‌କା ଲାଗିଛି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘ୍‌ଚି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ଓ ପାକ୍ ସେନାମୁଖ୍ୟ ଅସୀମ ମୁନୀରଙ୍କୁ ଭେଟି ଓମାନ ଚାଲିଯିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ପ୍ରତିନିଧି ଦଳର ଇସଲାମାବାଦ ଗସ୍ତକୁ ବାତିଲ କରିଦେଇଛନ୍ତି। ଆରାଘ୍‌ଚିଙ୍କ ପ୍ରତ୍ୟାବର୍ତ୍ତନ ଖବର ପାଇ ଟ୍ରମ୍ପ୍ ତୁରନ୍ତ ଜେରେଡ କୁଶନର ଓ ଷ୍ଟିଭ୍ ୱିଟକଫ୍‌ଙ୍କ ଗସ୍ତକୁ ବାତିଲ କରିଦେବା ସହିତ କହିଛନ୍ତି ଯେ, ୧୮ ଘଣ୍ଟା ବିମାନ ଯାତ୍ରା କରିବାର ଆଉ କୌଣସି ଆବଶ୍ୟକତା ନାହିଁ। ଟ୍ରମ୍ପ୍‌ଙ୍କ ଏହି ବିବୃତ୍ତି ପରେ ବିଶ୍ୱ ନଜରରେ ରହିଥିବା ବହୁ ପ୍ରତୀକ୍ଷିତ ଶାନ୍ତି ଆଲୋଚନା ଆରମ୍ଭ ହେବା ଆଗରୁ ବାଧାପ୍ରାପ୍ତ ହୋଇଛି।



ସୂଚନାଯୋଗ୍ୟ, ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘ୍‌ଚି ଆଜି ଏଠାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ଓ ପାକ୍ ସେନାମୁଖ୍ୟ ଅସୀମ ମୁନୀରଙ୍କୁ ଭେଟି ଆଲୋଚନା କରିଛନ୍ତି। ସେମାନଙ୍କ ➪ପୃଷ୍ଠା-୬

## ଜଗତସିଂହପୁରରେ ପୂଜ୍ୟପୂଜାକୁ ଅସମ୍ମାନ

- ଡା. ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲା ପ୍ରଶାସନ
- ଉଦ୍‌ଘାଟନର ଦୁଇ ଦିନ ପୂର୍ବରୁ ଡିଏଫଓଙ୍କ ନିର୍ଦ୍ଦେଶରେ ଭଙ୍ଗାଗଲା
- ପ୍ରଶାସନ କାର୍ଯ୍ୟକୁ ବିଜେପି ସାଂସଦଙ୍କ ସମାଲୋଚନା

ପାରାଦୀପ,୨୫।୪(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ପ୍ରତିଷ୍ଠିତ ନେତା ସ୍ୱର୍ଗତଃ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତିକୁ ଅତି ନିର୍ଦ୍ଦୟ ଭାବେ ଭାଙ୍ଗିଦେଇଛି ପ୍ରଶାସନ। ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ଶିଆଳିଠାରେ ତିଆରି ହୋଇଥିବା ଏହି ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନର ଦୁଇ ଦିନ ପୂର୍ବରୁ ଡିଏଫଓଙ୍କ ନିର୍ଦ୍ଦେଶରେ ଗୁଣ୍ଡ କରିଦିଆଯାଇଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଏହି ପ୍ରତିମୂର୍ତ୍ତିକୁ ଆସନ୍ତାକାଲି ଜଗତସିଂହପୁରର ବିଜେପି ସାଂସଦ ବିଭୁପ୍ରସାଦ ତରାଇ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲା।



ଜିଲ୍ଲା ବିଜେପିର ଗୋଳିଆ ରାଜନୀତି ପ୍ରଭାବରେ ଶିଆଳି ବାଲିଯାତ୍ରା କମିଟି ପକ୍ଷରୁ ତିଆରି ହୋଇଥିବା ଡାକ୍ତର ରାଉତଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଆଯାଇଥିବା ଅଭିଯୋଗ ହେଉଛି। ଶିଆଳି ଜଗତସିଂହପୁରର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏଠାରେ ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମଧ୍ୟ ରହିଛି। ଏପରିକି ସେଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ଓ ସରକାରୀ ଘର ମଧ୍ୟ ତିଆରି ହୋଇଛି। ତଥାପି ଏହା ଜଙ୍ଗଲ ବିଭାଗର ଜମି ଉପରେ ତିଆରି ହୋଇଛି ଓ ଏଥିପାଇଁ ପୂର୍ବରୁ ଅନୁମତି ନିଆଯାଇନାହିଁ ବୋଲି ଦର୍ଶାଇ ଡିଏଫଓ ଏହି ପ୍ରତିମୂର୍ତ୍ତିକୁ ଭାଙ୍ଗିଦେଇଛନ୍ତି।

ରାଜ୍ୟ ସରକାର ବାରମ୍ବାର ପୂଜ୍ୟପୂଜାକୁ ଗୁରୁତ୍ୱ ଦିଆଯାଉଥିବା କହୁଛନ୍ତି। ତେବେ ଜଗତସିଂହପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ➪ପୃଷ୍ଠା-୬

## ସ୍ୱତନ୍ତ୍ର ଅଧିବେଶନ ଦ୍ୱନ୍ଦ୍ୱରେ ନବୀନ

**ଅଧିବେଶନରେ ଯୋଗଦେବନି ବିଜେଡି!**

ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ): ଆସନ୍ତା ୩୦ ତାରିଖରେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନକୁ ନେଇ ଆରମ୍ଭ ହୋଇଯାଇଛି ବାକ୍‌ଯୁଦ୍ଧ। ସରକାରଙ୍କୁ ସିଧା ନିଶାନା କରିଛନ୍ତି ବିରୋଧୀ। ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପରେ ଏଭଳି ଦିନିକିଆ ଅଧିବେଶନ ଡାକିବାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ସରକାରୀ ଦଳ ଗଣତନ୍ତ୍ରରେ ମହିଳାଙ୍କ ଭାଗିଦାରୀକୁ ନେଇ ସଙ୍କଳ୍ପ ଆଣିବାକୁ ଯୋଜନା କରିଥିବା କୁହାଯାଉଛି। ତେବେ ଏହି ଅଧିବେଶନରେ ବିଜେଡି ଭାଗ ଦେବ କି ନାହିଁ ତା' ଉପରେ ସମସ୍ତଙ୍କ ନଜର।



ବିଜେଡିର ରାଜନୈତିକ ଇତିହାସ ଦେଖିଲେ ଦଳ ସଂସଦ ହେଉ କି ବିଧାନସଭା ହେଉ ସିଧାସଳଖ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କି ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରି ମନ୍ତବ୍ୟ ଦେବାର ନଜିର କମ୍। ସଂସଦର ସ୍ୱତନ୍ତ୍ର ଅଧିବେଶନ ସମୟରେ ମଧ୍ୟ ବିଜେଡି ମହିଳା ସଂରକ୍ଷଣକୁ ପୂର୍ବଭଳି ସମର୍ଥନ କରିଥିଲା। ହେଲେ ସୀମା ପୁନଃନିର୍ଦ୍ଧାରଣ ଉପରେ ପ୍ରଶ୍ନ ଉଠାଇଥିଲା। ହେଲେ ଦଳର ଜଣେ ହେଲେ ସାଂସଦ ରାଜ୍ୟସଭାରେ ମୋଦି କି ଶାହଙ୍କ ରଣନୀତିକୁ ନେଇ ପ୍ରଶ୍ନ ଉଠାଇ ନ ଥିଲେ କି ସମାଲୋଚନା କରି ନ ଥିଲେ। ତେଣୁ ବିଧାନସଭାରେ ଯେତେବେଳେ ଗଣତନ୍ତ୍ରରେ ମହିଳାଙ୍କ ଭାଗିଦାରୀ ନେଇ ଆଲୋଚନା ➪ପୃଷ୍ଠା-୬

# ଉତ୍ତର ଓଡ଼ିଶାରେ ଭୁଶୁଡ଼ିଗଲାଣି ଶଙ୍ଖ ଗଡ଼

ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିର ଉତ୍ତର ଓଡ଼ିଶା ଗଡ ଭାଙ୍ଗୁଛି। ଭଦ୍ରକର ମଣ୍ଡଳ ଦମ୍ପତି ଓ ଦକ୍ଷ ସଙ୍ଗଠକ ଶଶୀକାନ୍ତ

- ସାମୂହିକ ଇସ୍ତଫା ଦେଲେ ମଣ୍ଡଳ ଦମ୍ପତି ଓ ଶକ୍ତିକାନ୍ତ
- ଖୁବ୍‌ଶୀଘ୍ର ବିଜେପିରେ ସାମିଲ ହେବା ଚର୍ଚ୍ଚା
- ପ୍ରଫୁଲ୍ଲ କହିଲେ ପଦ୍ମ ପୋଖରୀରେ ହଜିଯିବ ପରିଚୟ

ସାହୁ ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି। ଏହାପୂର୍ବରୁ ଉତ୍ତର ଓଡ଼ିଶାର ଏକାଧିକ ହେଭିୱେଟ ବିଜେଡି ନେତାଙ୍କୁ ଦଳରେ ସାମିଲ କରି ବଳ ଗୋଟାଉଛି ବିଜେପି।



ତୃଣମୂଳସ୍ତରରେ ସଙ୍ଗଠିତ ହୋଇ ବିଜେଡିକୁ ପଞ୍ଚାୟତ ପରୀକ୍ଷାରେ ମାତ ଦେବାକୁ ଗୋଟି ଚଳାଇଛନ୍ତି ବିଜେପି ମୁଖିଆ ମନମୋହନ ସାମଲ।

କ୍ଷମତାରୁ ଯିବା ପରେ ବିଜେଡି ଗଡ ପର୍ଯ୍ୟାୟକ୍ରମେ ଧସିବାରେ ଲାଗିଛି। ସଙ୍ଗଠିତ ତଥା ଶକ୍ତିଶାଳୀ ଥିବା ଉତ୍ତର ଓଡ଼ିଶାରେ ଦଳ ଏବେ ବଡ ବିପର୍ଯ୍ୟୟ ମୁହାଁ ହୋଇଛି। କେବେ ନବୀନଙ୍କ ଗୁଡବୁକରେ ଥିବା ମଣ୍ଡଳ ଦମ୍ପତି ଆଜି ବିଜେଡିକୁ ବାଏ ବାଏ କରିଛନ୍ତି। ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ମୁକ୍ତିକାନ୍ତ ଓ ମଞ୍ଜୁଲତାଙ୍କ ସହ ବିଜେଡିରୁ ମୁହଁ ମୋଡିଛନ୍ତି ଦଳର ଟାଣୁଆ ସଙ୍ଗଠକ ଶଶିକାନ୍ତ ସାହୁ। ଗତ ନିର୍ବାଚନରେ ଶଶିକାନ୍ତଙ୍କ ପତ୍ନୀଙ୍କୁ ମୈଦାନକୁ ଓହ୍ଲାଇଥିଲା ବିଜେଡି। ହେଲେ ଗତ କିଛି ଦିନ ପୂର୍ବରୁ ମଣ୍ଡଳ ଦମ୍ପତିଙ୍କ ସହ ଶଶିକାନ୍ତଙ୍କ ଉପରେ ଦଳବିରୋଧୀ ଟ୍ୟାଗ ଲଗାଇ ନିଲମ୍ବନ କରିଥିଲା ବିଜେଡି। ଯାହାର ପ୍ରତିବାଦରେ ମଣ୍ଡଳ ଦମ୍ପତି ଓ ଶଶିକାନ୍ତଙ୍କ ସହ ୫୦୦ରୁ ଅଧିକ କର୍ମୀ ବିଜେଡିରୁ ସାମୂହିକ ଇସ୍ତଫା ଦେଇଛନ୍ତି। କିଛି କୁଚକ୍ରୀ ଗୋଷ୍ଠୀଙ୍କ ପାଇଁ ଦଳ ଛାଡ଼ିଥିବା କହିଛନ୍ତି ମଣ୍ଡଳ ଦମ୍ପତି। ସେହିଭଳି ଶଶୀ କହିଛନ୍ତି ଯେ, ଏବେ ମୁରବିଶୂନ୍ୟ ହୋଇଯାଇଛି ବିଜେଡି।

ମଣ୍ଡଳ ଦମ୍ପତିଙ୍କ ପୂର୍ବରୁ ବିଜେଡିକୁ ବଡ ଝଟକା ଦେଇଥିଲେ ଭେଟରାନ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ। ପ୍ରୟାସକାନ୍ତି ନିଜେ ପଦ୍ମ ଧରିବା ସହ ୪ଟି ବ୍ଲକର ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କୁ ବିଜେପିରେ ସାମିଲ କରି ବିଜେଡିର ତୃଣମୂଳସ୍ତରର ଭୋଟବ୍ୟାଙ୍କକୁ ଭାଙ୍ଗିଥିଲେ। ସେହିଭଳି ମୟୂରଭଞ୍ଜରୁ ମମତା ମହନ୍ତ, ବାଲେଶ୍ୱରରୁ ରବୀନ୍ଦ୍ର ଜେନା ଦଳ ଛାଡିଥିବା ବେଳେ କ୍ରସ ଭୋଟିଂ ପାଇଁ ସୁବାସିନୀ ଜେନାଙ୍କୁ ନିଲମ୍ବନ କରିଛି ବିଜେଡି। ଦଳ ବିରୋଧୀ ଟ୍ୟାଗ ଲଗାଇ ଚମ୍ପୁଆ ବିଧାୟକ ସନା ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାକୁ ପୂରିଲା ୬ଦିନ

## ଦାବି ପୂରଣ ନହେଲେ ସୋମବାରଠାରୁ ଆମରଣ ଅନଶନ

**କେନ୍ଦ୍ରାପଡା,୨୫।୪(ସଂଚାର ବ୍ୟୁରୋ):** ଆଳି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬ଦିନ ହେବ ଧାରଣାରେ ବସିଥିବା ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ଦାବି ପୂରଣ ନହେଲେ ଆଗାମୀ ସୋମବାର ଠାରୁ ସେ ଆମରଣ ଅନଶନ ଆରମ୍ଭ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ପଞ୍ଚାୟତରେ ଥିବା ବଜାରଦାଣ୍ଡି ଅଙ୍ଗନବାଡ଼ି କେନ୍ଦ୍ରରେ ହୋଇଥିବା ଦୁର୍ନୀତିର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ୭ଦଫା ଦାବି ପୂରଣ ପାଇଁ ଆଳି ଶିଶୁ ବିକାଶ ପକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଆଜିକୁ ୬ ଦିନ ହେବ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଧାରଣା ଦେଇଛନ୍ତି । ଯଦି ତାଙ୍କୁ ଆଗାମୀ ୭୨ ଘଣ୍ଟା ମଧ୍ୟରେ ନ୍ୟାୟ ପ୍ରଦାନ କରାନଯାଏ ତେବେ ସେ ଆସନ୍ତା ସୋମବାର ଠାରୁ ଆମରଣ ଅନଶନ କରିବେ ବୋଲି ଲିଖିତ ଭାବେ ପ୍ରଶାସନକୁ ଶୁକ୍ରବାର ଦିନ ଅବଗତ କରି ଚେତାବନୀ ଦେଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ସେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରି







ଦର୍ଶାଇଛନ୍ତି ଯେ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତି ଅଭିଯୋଗ ଉପରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପ ହୋଇ ବସିଯାଇଛି। ଏମିତିକି ଉଚ୍ଚତମ ନ୍ୟାୟଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଓଲଟା ଅଭିଯୁକ୍ତଙ୍କୁ ସୁରକ୍ଷା ଦିଆଯାଉ ଥିବାରୁ ସେ ବାଧ୍ୟ ହୋଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ୭ ଦଫା ଦାବି ନେଇ ଧାରଣା ଦେବେ ବୋଲି ପୂର୍ବରୁ ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଥିଲେ ।

ଏହି ଦୁର୍ନୀତି ବିରୋଧରେ ସିଡିପିଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବି ଆଜି ଯାଏ ତାହା ପାଳନ କରାଯାଇନାହିଁ । ଏହାର ପ୍ରତିବାଦରେ ଗତ ୨୦ ତାରିଖ ଠାରୁ ନ୍ୟାୟ ପାଇଁ ଅଭିଯୋଗକାରୀ ଦୁଷ୍ମନ୍ତ ଆଚାର୍ଯ୍ୟ ଆଳି ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜକୁ ୬ ଦିନ ହେଲା ଧାରଣାରେ ବସିଛନ୍ତି । ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ନଚେତ ଆଗାମୀ ୭୨ ଘଣ୍ଟା ଅର୍ଥାତ ଆସନ୍ତା ସୋମବାର ସୁଦ୍ଧା ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ସେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବା ବଦଳରେ ସୋମବାର ଠାରୁ ଆମରଣ ଅନଶନ ଆରମ୍ଭ କରିବେ ବୋଲି ଶୁକ୍ରବାର ଲିଖିତ ଭାବେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

ଏ ବାବଦରେ ଆଳି ସି.ଡ଼ି.ପି.ଓ ମାମିନାବାଳା ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଆମ୍ଭର କିଛି କରିବାର କ୍ଷମତା ନାହିଁ ସେଥିପାଇଁ ଉପରିସ୍ଥ ଅଧିକାରୀଙ୍କୁ ଏସମ୍ପର୍କରେ ଅବଗତ କରାଇସାରିଛୁ । ସିଏ ଯାହା ପଦକ୍ଷେପ ଗ୍ରହଣ କରିବେ ବୋଲି ସିଡିପିଓ କହିଛନ୍ତି। ଅପରପକ୍ଷରେ ଅଭିଯୋଗକାରୀ ଦୁଷ୍ମନ୍ତ ଆଚାର୍ଯ୍ୟ କହିଛନ୍ତି ଆଳି ସି.ଡ଼ି. ପି.ଓଙ୍କ ର ଯଦି କିଛି କ୍ଷମତା ନାହିଁ ତେବେ ହୋଇଥିବା ଅନିୟମିତତାକୁ ଚପାଇ ରଖି ଦୁର୍ନୀତିକାରୀ ଅଙ୍ଗନବାଡି କର୍ମୀ କେମିତି ସୁରକ୍ଷିତ ରହିବେ ସେହି ପ୍ରକାରର ତଦନ୍ତ ରିପୋର୍ଟ କେମିତି ଦେଉଛନ୍ତି। ତେବେ ତଦନ୍ତ ରିପୋର୍ଟ ଯଦି ଫର୍ଜରୀ କରାଯାଏ ତେବେ ଉପରିସ୍ଥ ଅଧିକାରୀ କେମିତି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି ?

## ଟ୍ରଷ୍ଟ ପକ୍ଷରୁ ବାଜି ରାଉତ ଛାତ୍ରାବାସରେ ମେଧାବୃତ୍ତି ପ୍ରଦାନ



**କେନ୍ଦ୍ରାପଡ଼ା,୨୫।୪(ସଂଚାର ବ୍ୟୁରୋ):** ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାଜି ରାଉତ ଛାତ୍ରାବାସରେ ଜଣେ ଗରୀବ ମେଧାବୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି ।ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ସୁଦୂର ଆମେରିକା ସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟ ପକ୍ଷରୁ ଏହି ମେଧାବୃତ୍ତି ପ୍ରଦାନ କରାଯାଇଛି। ଅନୁଗୁଳସ୍ଥିତ ବାଜିରାଉତ ଛାତ୍ରାବାସର ୮୦ତମ ବାର୍ଷିକ ଉତ୍ସବ ଅବସରରେ ମେଧାବୀ ଛାତ୍ରୀ ଅଭିପ୍ସା ପାତ୍ରଙ୍କୁ ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ୨୩ହଜାର ୮୫୦ଟଙ୍କାର ମେଧାବୃ ପ୍ରଦାନ କରାଯାଇଛି । ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ଅଭିପ୍ସାଙ୍କୁ ଏହି ମେଧାବୃ ପ୍ରଦାନ କରିଛନ୍ତି । ଅଭିପ୍ସା ବାଜି ରାଉତ ଛାତ୍ରାବାସରେ +୨ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ରୀ ଭାବେ ଅଧ୍ୟୟନରତ ଅଛନ୍ତି । ଏଥିସହିତ ବାଜିରାଉତ ଛାତ୍ରାବାସର ଅଧୀକ୍ଷିକା କ୍ରିଷ୍ଣା ମହାନ୍ତିଙ୍କୁ ଟ୍ରଷ୍ଟ ପକ୍ଷରୁ 'ତୁଳସୀକ୍ଷେତ୍ର ସମ୍ମାନ' ସ୍ୱରୂପ ଏକ ଶାଲ ଓ ମେଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭ୍ୟ ଶରତ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରୀବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃ ପ୍ରଦାନ କରାଯିବା ସହ ଚିକିତ୍ସା ସହାୟତା ଏବଂ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ପିଡିତ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ ।

## କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କୁ ଜାତୀୟ ସ୍ୱୀକୃତି




**କେନ୍ଦ୍ରାପଡ଼ା,୨୫।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କୁ ଜାତୀୟ ସ୍ୱୀକୃତି ପ୍ରଦାନ କରାଯାଇଛି । ଦେଶର ସମସ୍ତ ଅର୍ବାନବ୍ୟାଙ୍କ ଗୁଡିକର ସାମୁହିକ କଲ୍ୟାଣ ଓ ଉନ୍ନତି ନିମନ୍ତେ ଜାତୀୟ ସ୍ତରରେ ଗଠନ କରାଯାଇଥିବା ଅମ୍ବ୍ରେଲା ଅର୍ଗାନାଇଜେସନ ଏନୟୁସିଏଫ୍‌ଡିସି ପକ୍ଷରୁ ସ୍ୱୀକୃତି ମିଳିଛି । ସେହି ସଂଗଠନର ଜଣେ ସଦସ୍ୟ ଭାବେ ଶ୍ରୀ ମହାନ୍ତିଙ୍କୁ ମନୋନୀତ କରାଯାଇଛି । ଏଭଳି ଜାତୀୟ ସ୍ୱୀକୃତି ପାଇବାରେ ଶ୍ରୀ ମହାନ୍ତି ହେଉଛନ୍ତି ପ୍ରଥମ ଓଡିଆ । ଏଠାରେ ପ୍ରକାଶ ଥାଉକି ଶ୍ରୀ ମହାନ୍ତି ସଭାପତି ଭାବେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ଦାୟିତ୍ୱ ନେବା ପରେ ବ୍ୟାଙ୍କର ଆର୍ଥିକ ସୁପରିଚାଳନା, ଅଣକାର୍ଯ୍ୟକ୍ଷମ ସମ୍ପି(ଏନପିଏ)କୁ ବହୁ ପରିମାଣରେ ହ୍ରାସ କରାଯାଇ କମ ସୁଧରେ ପହଞ୍ଚାଇବା, ବ୍ୟାଙ୍କର ଲାଭ କରିବାରେ ରେକର୍ଡ ସୃଷ୍ଟିକରିବା, ରିଜର୍ଭବ୍ୟାଙ୍କର ସମସ୍ତ ବର୍ଗୀୟ ଅନୁପାତ ଗୁଡିକୁ ସଠିକ ଢଙ୍ଗରେ ନିୟନ୍ତ୍ରଣରେ ରଖିବାଦ୍ୱାରା (ଫାଇନାନସିଆଲ ସାଉଣ୍ଡ ଆଣ୍ଡ ୱେଲ ମ୍ୟାନେଜଡ ବ୍ୟାଙ୍କ)ଭାବେ ସ୍ୱୀକୃତି ଲାଭ କରିବାରେ ସଫଳକାମ ହୋଇଥିବାରୁ ବ୍ୟାଙ୍କର ଗ୍ରାହକ, କର୍ମଚାରୀଗଣ, ଅଂଶିଦାର ବନ୍ଧୁ, ନିର୍ଦ୍ଦେଶକ ମଣ୍ଡଳୀ, ଶୁଭେଚ୍ଛୁ ଓ ସର୍ବପରି ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ସମସ୍ତେ ବ୍ୟାଙ୍କ ସଭାପତି ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ଜନ୍ମଦିନରେ ରକ୍ତଦାନ ଶିବିର

### ସମାଜକୁ ଦେଲେ ନିଆରା ବାର୍ତ୍ତା



**ମାର୍ଶାଘାଇ,୨୫।୪ (ସଂଚାର ବ୍ୟୁରୋ):** ଜଣେ ଯୁବ ସଙ୍ଗଠକ ନିଜର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ରକ୍ତଦାନ ଶିବିର ଆୟୋଜନ କରି ନିଜର ଜନ୍ମଦିନ କୁ ସମାଜ ପାଇଁ ଉତ୍ସର୍ଗ କରିଛନ୍ତି ସେ।

ସୂଚନା ମୁତାବକ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ ଦକ୍ଷିଣୀ ପଞ୍ଚାୟତର ଜଣେ ଯୁବ ସଙ୍ଗଠକ ହେଉଛନ୍ତି ସତ୍ୟବ୍ରତ ନାୟକ(ଲାଲୁ)। ସେ ତାଙ୍କର ଜନ୍ମଦିନକୁ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଜରିଆରେ ପାଳନ କରିଛନ୍ତି।ଅନ୍ୟମାନେ ନିଜର ଜନ୍ମଦିନକୁ ସାଙ୍ଗସାଥୀ ମାନଙ୍କ ଗହଣରେ ମଜାମସ୍ତିର ସହ ପାଳନ କରୁଥିବା ବେଳେ ସତ୍ୟବ୍ରତ ରକ୍ତଦାନ ଶିବିର ଆୟୋଜନ କରାଇ ତାଙ୍କର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳଛନ୍ତି। ରକ୍ତଦାନ ଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଆଉ କିଛି ହୋଇ ନପାରେ। ପ୍ରତିଟି ସମୟରେ କେହି ନା କେହି ରକ୍ତ ଟୋପିଏ ପାଇଁ ଛଟପଟ ହେଉଛି। ତେଣୁ ଏହି ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ସେ ଏମିତି ଏକ ପ୍ରୟାସ କରିଛନ୍ତି ବୋଲି ସତ୍ୟବ୍ରତ କହିଛନ୍ତି।ମାର୍ଶାଘାଇର ଓରିଷାବିନ୍ଧା ଠାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଶିବିରରୁ ମୋଟ୍ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରାପଡ଼ା ରକ୍ତ ଭଣ୍ଡାରକୁ ହସ୍ତାନ୍ତର କରାଯାଇଥିଲା।

## ଖୋଲା ଆକାଶ ତଳେ ବିତୁଛି ସଫେଇ କର୍ମଚାରୀଙ୍କ ରାତି

### ସମସ୍ୟା ଭୋଗିଲେ ବି ନଜର ଦେଉନି ପ୍ରଶାସନ



**କେନ୍ଦ୍ରାପଡା,୨୫।୪ (ସଂଚାର ବ୍ୟୁରୋ):** ରାଜ୍ୟର ସର୍ବ ପୁରାତନ ପୌରସଂସ୍ଥା ଭାବେ ପରିଚିତ କେନ୍ଦ୍ରାପଡା ପୌରସଂସ୍ଥା ରେ ପିଢି ପିଢ଼ି ଧରି ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିବା ସଫେଇ କର୍ମଚାରୀଙ୍କ ପାଇଁ ପୌରସଂସ୍ଥା କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିନାହିଁ । କୋର୍ଟ ପଛପଟେ ରହୁଥିବା କଲୋନୀରେ ୧୦୦ରୁ ଉର୍ଦ୍ଧ୍ୱ ପରିବାର ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି ।

ଏହି କଲୋନୀ ଭିତରେ କଲୋନୀ ବାସିନ୍ଦା ମାନଙ୍କ ପାଇଁ ନା ଶୌଚାଳୟ ଅଛି ନା ପାନୀୟ ଜଳର ସୁବିଧା ରହିଛି । ଏପରିକି କେତେକ କର୍ମଚାରୀଙ୍କ ବିଦ୍ୟୁତ୍ ସଂଯୋଗ ନଥିବାରୁ ଏମାନଙ୍କର ପିଲାଛୁଆ ଦୟନୀୟ ଅବସ୍ଥାରେ ରହି ପାଠ ପଢୁଛନ୍ତି । କଲୋନୀ ଭିତରେ ଦୀର୍ଘ ବର୍ଷ ତଳେ ପୌରସଂସ୍ଥା ଦ୍ୱାରା ନିର୍ମାଣ ହୋଇଥିବା ଆଜବେଷ୍ଟ ଘର ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି । ଏମାନଙ୍କ ଜନସଂଖ୍ୟା ବଢିବାରୁ ଅଧିକାଂଶ ସଫେଇ କର୍ମଚାରୀଙ୍କର ରହିବା ପାଇଁ ଜାଗା ଅଭାବ ହେବାରୁ ରାତିରେ ଏମାନେ ରାସ୍ତା କଡରେ ଏବଂ ସିନେମା ହଲ ପଡିଆରେ ଖୋଲା ଆକାଶ ତଳେ ରାତି କାଟୁଛନ୍ତି । ପ୍ରବଳ ଖରାରେ ଏବଂ ବର୍ଷା ଓ ଶୀତରେ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ଘଡଘଡି ମାରିଲେ ଏମାନେ ଉଠି ବାରଣ୍ଡାରେ ବସି ରାତି କାଟୁଛନ୍ତି।

ଏମାନଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଗୋଟିଏ ଯୋଜନା କାର୍ଯ୍ୟକାରୀ ହୋଇନାହିଁ । ଯାହା ଫଳରେ ଏହି ସଫେଇ କର୍ମଚାରୀଙ୍କ ପରିବାର ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି । ତୁରନ୍ତ ଏମାନଙ୍କର ପାଇଁ ରହିବା ବାସସ୍ଥାନ କରିବାକୁ ସାଧାରଣରେ ଦାବି ହେଉଛି ।

## ବିଜେପିର ପଞ୍ଚାୟତସ୍ତରୀୟ ବୈଠକ



**ଡେରାବିଶ,୨୫।୪(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ କୋଶିଦା ସ୍ଥିତ ଅଗସ୍ତି ମହାପୁରୁଷଙ୍କ ମଠ ପରିସରରେ ବିଜେପିର ପଞ୍ଚାୟତ ସ୍ତରୀୟ କର୍ମୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରମୁଖ ଅଜୟ କୁମାର ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଆଗାମୀ ପଞ୍ଚାୟତ ନିର୍ବାଚନ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ କରୁଥିବା ବିଜେପି ଦଳର ଲୋକାଭିମୁଖି କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ମଣ୍ଡଳ ତରଫରୁ ସିମାଦ୍ରି ଶେଖର ପରିଡ଼ା ଓ ପ୍ରଦୀପ କୁମାର ବାରିକ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ପଞ୍ଚାୟତର କାର୍ଯ୍ୟକର୍ତା ସମରେନ୍ଦ୍ର ଜେନା, ସନ୍ତୋଷ କୁମାର ତ୍ରିପାଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରତି ମାସରେ ଏହିଭଳି ବୈଠକ ପଞ୍ଚାୟତର ବିଭିନ୍ନ ଗ୍ରାମରେ କରାଯିବାକୁ ସ୍ଥିର କରାଯାଇଥିଲା।

## ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ



**ପଟ୍ଟାମୁଣ୍ଡାଇ,୨୫।୪(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୦ନଂ ୱାର୍ଡ ମା ତାରିଣୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇ ଯାଇଛି । ମହିଳା ସମିତି ସମ୍ପାଦକ ଆଶା କର୍ମୀ ସୌଭାଗିନି ମଲିକଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା ସଭାରେ ସେବାଶ୍ରମ ସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଜୟଶ୍ରୀ ଦାଶ ସମାଜସେବୀ ମିଟୁ ମନୋଜ ନାୟକ ଓ ଆଡ଼ଭୋକେଟ ଶିଶିର ମଲିକ ଏ ଏନ ଏମ ନିରୁପମା ସାହୁ ଯୋଗ ଦେଇ ସମଗ୍ର ବିଶ୍ୱରୁ ମ୍ୟାଲେରିଆ ରୋଗ ଦୂର କରିବା ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗ ନିରୋଧକ ସଚେତନତା କାର୍ଯ୍ୟକ୍ରମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ମହିଳା ସମିତି ସଭାପତି ବବିତା ମଲିକ, ମମତା ମଲିକ ମଣିମାଳା ମଲିକ ରଶ୍ମିତା ମଲିକ ମଞ୍ଜୁଲତା ମଲିକ ସରସ୍ୱତୀ ମଲିକ ମମତା ମଲିକ ମିତା ମଲିକ ସୁନିତା ମଲିକ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ ।

## ଯୋଡ଼ା ଟ୍ରକ୍ ଓନର୍ସ ଆସୋସିଏସନ୍ ବିରୋଧରେ ଟ୍ରକ୍ ମାଲିକଙ୍କ ଧାରଣା

**ଯୋଡ଼ା,୨୫।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ଯୋଡ଼ା ଟ୍ରକ୍ ଓନର ଆସୋସିଏସନ୍ (ଜେଟିଓଏ) ବିରୋଧରେ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସଂଘର କାର୍ଯ୍ୟପ୍ରଣାଳୀ, ଲୋଡିଂ ଡିଓ ବଣ୍ଟନରେ ଅନିୟମିତତା ଓ କର୍ମକର୍ତ୍ତାଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୁଷ୍ଟ ଗାଡ଼ି ମାଲିକମାନେ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିରୋଧ ପ୍ରଦର୍ଶନ କରିଛନ୍ତି।



ଟ୍ରକ୍ ମାଲିକମାନଙ୍କ ଅଭିଯୋଗ ଅନୁଯାୟୀ, ସଂଘର ସଭାପତି ମାତା ପ୍ରସାଦ ଜେଶ୍ୱାଲ ଓ ସମ୍ପାଦକ ସୁଶାନ୍ତ ବାରିକଙ୍କୁ ପୂର୍ବରୁ ସଭାରେ ଯୋଗଦେବା ପାଇଁ ଫୋନ୍ ଯୋଗେ ଅନୁରୋଧ କରାଯାଇଥିଲା। କିନ୍ତୁ ସେମାନେ ଉପସ୍ଥିତ ହୋଇନଥିବାରୁ ସଦସ୍ୟମାନଙ୍କ ମଧ୍ୟରେ କ୍ଷୋଭ ଆହୁରି ବଢ଼ିଛି। ୨୦ ଏପ୍ରିଲରେ ଗ୍ରୁପ୍ ମାଧ୍ୟମରେ ସମସ୍ୟା ଆଲୋଚନା ପାଇଁ ସୂଚନା ଦିଆଯାଇଥିଲା ବୋଲି ସଦସ୍ୟମାନେ କହିଛନ୍ତି। ତଥାପି ସଭାରେ କୋଷାଧ୍ୟକ୍ଷ ରାଜେଶ ରୋଶନଙ୍କୁ ଛାଡ଼ି ଅନ୍ୟ କୌଣସି କର୍ମକର୍ତ୍ତା ନଥିବା ନେଇ ପ୍ରଶ୍ନ ଉଠିଛି। ଧାରଣାରେ ବସିଥିବା ଗାଡ଼ି ମାଲିକମାନେ କହିଛନ୍ତି ଯେ, ଦୀର୍ଘଦିନ ଧରି ଲୋଡିଂ ଡିଓ ବଣ୍ଟନରେ ସ୍ୱଚ୍ଛତାର ଅଭାବ ରହିଛି। ସାଧାରଣ ସଦସ୍ୟମାନେ କାମ ପାଇବାରେ ବଞ୍ଚିତ ହେଉଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗାଡ଼ିକୁ ପ୍ରାଥମିକତା ଦିଆଯାଉଛି। ସଂଘର କିଛି କର୍ମକର୍ତ୍ତା ନିଜ ପରିଚିତ ଓ ନିଜସ୍ୱ ଗାଡ଼ିକୁ ଅଧିକ ଲାଭ ଦେବା ପାଇଁ ଡିଓ ବଣ୍ଟନରେ ପକ୍ଷପାତ କରୁଥିବା ଅଭିଯୋଗ ଉଠିଛି।

ସଂଘର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ଆଣିବା, ଲୋଡିଂ ବଣ୍ଟନରେ ସମାନ ଅଧିକାର ଓ ଟ୍ରକ୍ ମାଲିକଙ୍କ ସମସ୍ୟାର ତୁରନ୍ତ ସମାଧାନ ଦାବି କରି ଗାଡ଼ି ମାଲିକମାନେ ଆନ୍ଦୋଳନ ଜାରି ରଖିବାକୁ ସତର୍କ କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଅନଶନ ଓ ବ୍ୟାପକ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି।

## ଶ୍ରଦ୍ଧାଳୁମାନଙ୍କ ପାଇଁ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ



**ମହାକାଳପଡ଼ା, ୨୫।୪(ସଂଚାର ବ୍ୟୁରୋ):** ଗ୍ରହରାଜ ପ୍ରଭୁ ଶନିଦେବଙ୍କ ଜଳାଭିଷେକ ଅବସରରେ ଶହଶହ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ପ୍ରଚଣ୍ଡ ରୌଦ୍ରତାପ ଓ ଜନସମାଗମକୁ ଦୃଷ୍ଟିରେ ରଖି ଆଜି ବଡକୁଳ ମେଡିକାଲ ଛକ ନିକଟରେ ଏକ ଥଣ୍ଡା ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୀତାରାମ ଆଶ୍ରମ, ବଡକୁଳର ମୁଖ୍ୟ ବ୍ରହ୍ମଚାରୀ ବାବା ବିଭୂତି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ




**ଯାଜପୁର, ୨୫।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ର ଚିଙ୍ଗୁଡ଼ିପାଳ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ସନୁଷ୍ଠିତ ହୋଇଯାଇଅଛି। ଏହି କ୍ରମରେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହା ପୂର୍ବରୁ ଏକ ସଚେତନତା ରାଲି ସ୍ଥାନୀୟ କାଳିଆପାଣି ଠାରେ ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ସକାଳ ୭.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ସଭା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଶ୍ରୀ ବଳଦେବ ନନ୍ଦ, ଜିଲ୍ଲା ଭେକ୍ଟର ବାହିତ ରୋଗ କାର୍ଯ୍ୟକ୍ରମର ପରାମର୍ଶଦାତା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ବିଶ୍ୱ ମ୍ୟାଲେରିଆ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ଼ା. ଜୟଦେବ ନନ୍ଦ ଜ୍ୱର ହେବା କ୍ଷଣି ତୁରନ୍ତ ରକ୍ତ ପରୀକ୍ଷା ଏବଂ ମ୍ୟାଲେରିଆର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ବନ୍ଧରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ା. ରଶ୍ମିରଞ୍ଜନ ସାହୁ ସମ୍ପୂର୍ଣ୍ଣ ଚିକିତ୍ସାର ତଦାରଖ ଆଶା ମାନଙ୍କ ଦ୍ୱାରା କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ସମସ୍ତ ଅଂଶଗ୍ରହଣକାରୀ ମାନେ ମ୍ୟାଲେରିଆ ମୃତ୍ୟୁ ଶୂନ୍ୟ ପାଇଁ ଶପଥ ପାଠ କରିଥିଲେ।

## ମଧୁସୂଦନ ଜୟନ୍ତୀ ସପ୍ତାହ ଉପଲକ୍ଷେ ଓକିଲ ସମାଜର ସତ୍ୟଭାମାପୁର ଯାତ୍ରା

**ଯାଜପୁର ରୋଡ଼,୨୫।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଓକିଲ ସମାଜ ତରଫରୁ ଉତ୍କଳ ଗୌରବ ମଧସୂଦନ ଦାସଙ୍କ ଜୟନ୍ତୀ ସପ୍ତାହ ପାଳନ ପରିପ୍ରେକ୍ଷୀରେ ତାଙ୍କର ପବିତ୍ର ଜନ୍ମସ୍ଥାନ ସତ୍ୟଭାମାପୁର ଅଂଚଳକୁ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଓକିଲ ସାମିଲ ହୋଇଥିବା ବେଳେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେଠାରେ ଓକିଲ ସମାଜକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଙ୍ଘର ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ସାଲେପୁରର ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ସାଲେପୁର ପଂଚାୟତ ଅଧ୍ୟକ୍ଷ




ରାମଚନ୍ଦ୍ର ଭୋଇ, ସ୍ଥାନୀୟ ସରପଂଚ ସୁଧାଂଶୁ ଜେନାଙ୍କ ସହିତ ଚଣ୍ଡିଖୋଲ ବାରର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ଯାଜପୁର ରୋଡର ବରିଷ୍ଠ ସଭ୍ୟ ବିଜୟ କୁମାର ମହାନ୍ତି, ଅରୁଣ କୁମାର ସାହୁ, ଉପସଭାପତି ଗୀତାରାଣୀ ପରିଡ଼ା, ଯାଜପୁର ଡିଷ୍ଟ୍ରିକ୍ଟବାର ସମ୍ପାଦକ ଦିବାକର ନାୟକ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଦାସ, କଳିଙ୍ଗ ନଗର ବାରର ବ୍ରଜକିଶୋର ପତି ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉଦବୋଧନ ଦେଇଥିଲେ।

ଏଥିରେ ଯାଜପୁର ରୋଡ ସମେତ, ସୁକିନ୍ଦା, ଯାଜପୁର ଟାଉନ୍, ଧର୍ମଶାଳା, ଚଣ୍ଡିଖୋଲ ଏବଂ ସାଲେପୁର ବାରର ଓକିଲ ମାନେ ସାମିଲ ହେବା ସହିତ କଟକ ଓ ଭୁବନେଶ୍ୱରରୁ ମଧ୍ୟ ଓକିଲ ମାନେ ଯୋଗ ଦେଇ ପଗଡ଼ି ପୁରୁଷଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ଏଥି ସହିତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ପନ୍ଥାରେ ମଧୁସୁଦନଙ୍କୁ ଭାରତ ରତ୍ନ ପ୍ରଦାନ ନିମନ୍ତେ ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକ ପତ୍ରରେ ସମସ୍ତେ ସ୍ୱାକ୍ଷର କରିଥିଲେ। ଏଭଳି ଯାତ୍ରାକୁ ମାନ୍ୟବର ବିଧାୟକ ଭୂୟସୀ ପ୍ରଶଂସା କରିଥିବାବେଳେ ମଧୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ଏ ପର୍ଯ୍ୟଂତ ପ୍ରଦାନ ନକରିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ସରକାର ଭାରତ ରତ୍ନ ପ୍ରଦାନ ନିମନ୍ତେ ଘୋଷଣା କରିବା ଉଚିତ୍ ବୋଲି ଦାବୀ କରିଥିଲେ ଏବଂ ସ୍ୱାକ୍ଷର ମଧ୍ଯ କରିଥିଲେ। ମଧୁବାବୁ ବାବୁଙ୍କ ବଂଶଜ ଭୁବନେଶ୍ୱରର ଓକିଲ ରବି ଶଙ୍କର ମହାନ୍ତି ସ୍ୱାଗତ ଭାଷଣ ଟ୍ୟାକ୍ସ ବାର ସଂପାଦକ ଧନେଶ୍ୱର ବାରିକ ମଧୁ ସପ୍ତାହର ବିବରଣୀ ରଖିଥିଲେ। ସଭାରେ ବିଧାୟକ ଶ୍ରୀଯୁକ୍ତ ବେହେରାଙ୍କୁ ଟ୍ୟାକ୍ସ ବାର ତାରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

ପ୍ରାରମ୍ଭରେ ମାନ୍ୟବର ବିଧାୟକ ଓକିଲ ମାନଙ୍କୁ ମଧୁ ବାବୁଙ୍କ ଏକୁଡ଼ି ଶାଳ, କୋଠରୀ, ମ୍ୟୁଜିଅମ୍ ଏବଂ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପରିଦର୍ଶନରେ ସହଯୋଗ କରିଥିଲେ । ପରେ ପରେ ତାଙ୍କର ପୂର୍ଣ୍ଣାୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସେଠାରେ କସ୍ତୁରବା ବାଳାଶ୍ରମରେ ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା।

### କ୍ୟାନଫେଷ୍ଟ-୨୦୨୬ର ୫ମ ସନ୍ଧ୍ୟା

## ଓଡ଼ିଆ ନାଟକ 'ପୂର୍ଣ୍ଣ ପୁରୁଷ' ମଞ୍ଚସ୍ଥ

**ପାରାଦ୍ୱୀପ,୨୫।୪ (ସଂଚାର ବ୍ୟୁରୋ):** ପାରାଦୀପରେ କ୍ୟାନମାସ୍ ଦ୍ୱାରା ପରିଚାଳିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ର ୫ମ ସନ୍ଧ୍ୟାରେ, ଭୁବନେଶ୍ୱରର ମୁକ୍ତି ଅନୁଷ୍ଠାନ ସୂର୍ଯ୍ୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ପୂର୍ଣ୍ଣ ପୁରୁଷ ମଞ୍ଚସ୍ଥ କରିଥିଲା । ପୂର୍ଣ୍ଣ ପୁରୁଷ, ପୁରୁଷ ଏବଂ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କକୁ ପରଖିଛନ୍ତି। ଏହି ନାଟକ ଶାରୀରିକ ଆବଶ୍ୟକତା ମହତ୍ତ୍ୱାକାଂକ୍ଷାରେ ପରିଣତ ହେଲେ ଫଳାଫଳକୁ ଚିତ୍ରଣ କରିଥାଏ । କଳା ଆପଣଙ୍କର ଅବିଭକ୍ତ ଧ୍ୟାନ, ଆପଣଙ୍କ ସମର୍ପଣ ଦାବି କରେ । ଯିଏ ଏହା କରେ ତାକୁ କ୍ଷୁଦ୍ର ଆବଶ୍ୟକତା ଏବଂ ଲୋଭରୁ ଉପରକୁ ଉଠିବାକୁ ପଡ଼ିଥାଏ, କିନ୍ତୁ ତା'ପରେ ଜୀବନ ଆଉ ସରଳ ରୁହେ ନାହିଁ, ତାକୁ ସାଂସାରିକ ମୂଷା-ଦୌଡ଼ରେ ଅଂଶଗ୍ରହଣ କରିବାକୁ ପଡ଼ିଥାଏ । ନାଟକର ନାୟକ, ସମଗ୍ରା, ଦୈନନ୍ଦିନ ଜୀବନ ସହିତ ସଂଘର୍ଷ କରୁଛନ୍ତି। ପ୍ରତ୍ୟେକ ମହିଳା ଜଣେ ପୂର୍ଣ୍ଣ ପୁରୁଷ ଖୋଜନ୍ତି।



ନାଟକର ନାୟିକା ଶାଶ୍ୱତୀ ମଧ୍ୟ ଏପରି ପୁରୁଷ ଚାହାଁନ୍ତି କିନ୍ତୁ ଏହା ଘଟେ ନାହିଁ । ସେ ଜୀବନର ବର୍ତ୍ତମାନ ପର୍ଯ୍ୟାୟରେ ଆଶାବାଦୀ କିନ୍ତୁ ଶେଷରେ ଅନୁଭବ କରନ୍ତି ଯେ କେହି ସମ୍ପୂର୍ଣ୍ଣ ନୁହଁନ୍ତି । ସିଦ୍ଧତା କେବଳ ଏକ ପ୍ରକ୍ରିୟା, ଏବଂ ବାସ୍ତବରେ ଏହାର କୌଣସି ଅସ୍ତିତ୍ୱ ନାହିଁ । ଉପସ୍ଥାପନା ସମୟରେ ନାଟକଟି ପ୍ରେକ୍ଷାଳୟର ଦର୍ଶକଙ୍କୁ ନୀରବ ରଖିଥିଲା। ଷଷ୍ଠ ସନ୍ଧ୍ୟାରେ ମୁମ୍ବାଇର ପଲି ଥିଏଟର ଗ୍ରୁପ୍ ବିଜୟ ସିଂହ ପରମାରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଗୋଲଡେନ୍ ବଜାର ମଞ୍ଚସ୍ଥ କରିବ।

# ନାମ ବିଶାଳ, ଦୁର୍ନୀତିରେ ବି ବିଶାଳଃ ୟାସିର୍



ଭୁବନେଶ୍ୱର,୨୫।୪ (ସଂଚାର ବ୍ୟୁରୋ)ଃ ଆମେ ଆଇଟି ପ୍ରିନ୍ସପାଲ ସଚିବ ବିଶାଳ ଦେବ ଓ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କୃତ ଦୁର୍ନୀତିର ୩ଟି ଉଦାହରଣ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଲୋକଲୋଚନକୁ ଆଣିଲୁ। ଓକାକ ମାଧ୍ୟମରେ ସରକାରୀ ଅର୍ଥକୁ ଚଲୁ କରିବା ପାଇଁ ସାଂଘାତିକ ଷଡ଼ଯନ୍ତ୍ର ହୋଇଛି। ସ୍କୁଲରେ ଏଆଇ କ୍ଲାସରୁମ ପାଇଁ ୦କ କମ୍ପାନୀ ସେଲେକନ ଇମପେକ୍ସ ପ୍ରାଇଭେଟ ଲିମିଟେଡକୁ ୧୦୦୦ କୋଟିର ଟେଣ୍ଡର ପ୍ରଦାନ, ୦କ କମ୍ପାନୀ ଆଇଏନପି ଟେକ୍ନୋଲୋଜି ଲିମିଟେଡକୁ ଆଦର୍ଶ ବିଦ୍ୟାଳୟରେ କମ୍ପ୍ୟୁଟର ଲ୍ୟାବ ପାଇଁ ୭୦ କୋଟି ଟଙ୍କାର ଟେଣ୍ଡର ପ୍ରଦାନ, ପୌରାଞ୍ଚଳ କାର୍ଯ୍ୟାଳୟ, ସହରାଞ୍ଚଳ ବିକାଶ ବିଭାଗ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସିଂ ଇନଫ୍ରାଷ୍ଟ୍ରକ୍ଚର ସ୍ଥାପନ ପାଇଁ ୦କ କମ୍ପାନୀ ଓମିନି ଲିଙ୍କକୁ ମଧ୍ୟ ୭୦ କୋଟି ଟଙ୍କା ଟେଣ୍ଡର ଦିଆଯାଇଛି। ଏହିସବୁ କମ୍ପାନୀ ବିଶାଳ ଦେବଙ୍କର ଅତି ନିଜର। ଏମାନଙ୍କ ନାମରେ ୦କେଇ ଆଦି ବିଭିନ୍ନ ଅପରାଧିକ ମାମଲା ଓ ବିଶ୍ୱସନୀୟତା ହରାଇଥିବା ଅଭିଯୋଗ ଥିଲେ ମଧ୍ୟ ଏହାକୁ ବିଶାଳ ଦେବ ବିଚାରକୁ ନେଲେନାହିଁ, କାରଣ ବିଶାଳ ଦେବଙ୍କର ସେତିକି ବିଶାଳ ହୃଦୟ ରହିଛି। ସ୍କୁଲ ନେଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଗତବର୍ଷ ଅଗଷ୍ଟ ୩୦ରେ ବିଜ୍ଞାପିତ ଟେଣ୍ଡର ଅନୁଯାୟୀ କାର୍ଯ୍ୟାଦେଶ ଦିଆଯାଇଛି। ତେବେ ଏହି କମ୍ପାନୀକୁ କାର୍ଯ୍ୟାଦେଶ ଦେଲେ ଏହାର ନିମ୍ନମାନର କାର୍ଯ୍ୟପାଇଁ ୧୫୦ କୋଟି ଟଙ୍କାର କ୍ଷତି ହେବ ବୋଲି ସୂଚନା ଅଧିକାର କର୍ମୀ ବନମାଳୀ ମେହେର ଏକ ପତ୍ର ଲେଖିଥିଲେ, ଯାହାକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଗ୍ରହଣ କରିଛନ୍ତି। ଏଥିରେ ଅଭିଯୋଗ ହୋଇଛି ଯେ ଟେଣ୍ଡର ପୂର୍ବରୁ କାର୍ଯ୍ୟର କ୍ୱାରି କିଛି ହୋଇନାହିଁ। ଏହି ଟେଣ୍ଡରରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ରବୋଟିକ୍ସ ଆଇଟମରେ ଯେଉଁ ପରିବର୍ତ୍ତନ କରାଯାଇଛି, ସେଥିରେ ଷ୍ଟାଣ୍ଡାର୍ଡବିହୀନ କମ୍ପୋନେଟସ୍ ବ୍ୟବହାର କରାଯାଇଛି। ସ୍କୁଲ ସ୍ତରର ରବୋଟିକ୍ସ ଶିକ୍ଷା ପାଇଁ ଏହା ଆବଶ୍ୟକୀୟ ନୁହେଁ। ଏହା ଜେନେରାଲ ଫାଇନାନ୍ସ ରୁଲ ୧୭୩ ଅଫ ଜେନେରାଲ ଫାଇନାନ୍ସ ୨୦୧୭କୁ ଉଲ୍ଲଙ୍ଘନ କରୁଛି। ବିଶ୍ୱ ସ୍ତରରେ ବ୍ୟବହୃତ ଓ ଶିକ୍ଷାକ୍ଷେତ୍ରରେ ଯେଉଁ ପ୍ଲାଟଫର୍ମ ରହିଛି, ସେହି ବ୍ୟବସ୍ଥାକୁ ଏହି ସଂଶୋଧନରେ ଉଲ୍ଲଙ୍ଘନ କରାଯାଇଛି। ଫଳରେ ଟେଣ୍ଡରରେ ଖୋଲା କମ୍ପିଟିସନକୁ ଏହା ପ୍ରଭାବିତ କରିଛି। ସୂଚନା ଅଧିକାର କର୍ମୀ ଜଣଙ୍କ ଟେଣ୍ଡର ପ୍ରକ୍ରିୟାରେ ଯେଉଁ ପ୍ରିୟାପ୍ରୀତି ତୋଷଣ ଓ ମ୍ୟାନିପୁଲେସନ ହୋଇଛି, ତା'ର ତଦନ୍ତ ପାଇଁ ଅନୁରୋଧ କରିଥିଲେ। ଯେଉଁ ପରିବର୍ତ୍ତନ ହୋଇଛି ତାହାର ସଂଶୋଧନ ଓ ତାହାକୁ ଦୃଷ୍ଟିକୁ ଆଣିବା ପାଇଁ ବି କୁହାଯାଇଥିଲା। ପ୍ରେଜେଣ୍ଟେସନ ଷ୍ଟେଜ୍‌ର ଭିଡିଓ ରେକର୍ଡିଂ ପାଇଁ ଅନୁରୋଧ କରାଯାଇଥିଲା। ତତ୍କାଳୀନ ମୁଖ୍ୟ ସଚିବ ସେତେବେଳେ ବିଶାଳ ଦେବଙ୍କୁ ତଦନ୍ତ ଭାର ଦେଇଥିଲେ। ହେଲେ ବିଶାଳ ଦେବ ତ ସବୁବେଳେ ଅସାଧୁ କମ୍ପାନୀମାନଙ୍କର ସର୍ଦ୍ଦାର। ବିଶାଳ ଦେବ ଏହି ୦କ କମ୍ପାନୀକୁ କାର୍ଯ୍ୟ କରିବା ପାଇଁ ସୁପାରିସ୍ କରିଦେଲେ। ବିଶାଳ ଦେବ ଟେଣ୍ଡର କରାଇବେ, କେଉଁ କମ୍ପାନୀ ଟେଣ୍ଡର ଜିତିବ ତା'ର ଦାୟିତ୍ୱ ନେବେ, ଦୁର୍ନୀତି କେମିତି ହେବ ତା'ର ବାଟ ବି ବାହାର କରିବେ ଏବଂ ପରିଶେଷରେ ଦୁର୍ନୀତିର ତଦନ୍ତ ଦାୟିତ୍ୱ ମଧ୍ୟ ସେ ନେବେ। ବିଶାଳ ଦେବଙ୍କ ଶାସନଗତ ପ୍ରଭାବ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି କଂଗ୍ରେସ ନେତା ୟାସିର୍ ନୱାଜ୍।

ରଥଯାତ୍ରା-୨୦୨୬ ସମୀକ୍ଷା ବୈଠକ

# ଏବର୍ଷ କମିବ କର୍ଡନ ପାସ୍ ସଂଖ୍ୟା



ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ)ଃ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆସନ୍ତା ଜୁଲାଇ ମାସରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ପ୍ରସ୍ତୁତି ସମ୍ପର୍କିତ ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ (ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲ, ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ, ପୁରୀ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପୁରୀ ପ୍ରତୀକ ସିଂ ଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରଥଟଣା କିପରି ଶୃଙ୍ଖଳିତ ଭାବେ ହୋଇପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ରଥ କର୍ଡନ ଭିତରକୁ ପାସ୍‌ଧାରୀଙ୍କ ପ୍ରବେଶ ଅଧିକ ରହୁଥିବାରୁ ରଥଟଣାରେ ଅସୁବିଧା ଉପୁଜୁଛି। ଏଥିପାଇଁ ଏଥର କର୍ଡନ ପାସ୍ ସଂଖ୍ୟା କମାଇବାକୁ ଆଲୋଚନା କରାଯାଇଥିଲା। ବୈଠକରେ ରଥ ନିର୍ମାଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ପାଢ଼ୀ ସୂଚନା ଦେଇଥିଲେ। ରଥଯାତ୍ରା ପୂର୍ବରୁ ବଡଦାଣ୍ଡରେ ୫୦ଟି ହାଇମାଷ୍ଟ ଲାଇଟ୍ ଲାଗିବ। ସମୁଦ୍ରକୂଳରେ ୬ଟି ବାୟୋ-ଶୌଚାଳୟ ବ୍ଲକ ସ୍ଥାପନ କରାଯିବ। ଏଥିସହିତ ପୁଲିସ୍ ଶିବିର, ପାର୍କିଂ ଆଦି ବିଷୟ ନେଇ ସୂଚନା ଦିଆଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜରୁରୀ କାଳୀନ ଚିକିତ୍ସା ପାଇଁ ବିଭିନ୍ନ ସ୍ଥାନରେ ୮ ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଚିକିତ୍ସାଳୟ ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି। ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ୮ ଟି ଅଧିକ ରେଳ ଟିକେଟ୍ କାଉଣ୍ଟର କରାଯିବା ନେଇ ସୂଚନା ଦିଆଯାଇଛି।

● ଅସହାୟ କନ୍ୟାରତ୍ନଙ୍କୁ ମିଳିଲା ବାପା-ମା' କୋଳ

## ୨ ଶିଶୁଙ୍କୁ କୋଳେଇଲେ ଇଟାଲୀୟ ଦମ୍ପତି



ଗଜପତି,୨୫।୪(ସଂଚାର ବ୍ୟୁରୋ)ଃ ଅସହାୟ ଦୁଇ ଝିଅଙ୍କୁ ମିଳିଲା ବାପା-ମା' କୋଳ। ଆଜି ଇଟାଲୀୟ ଦମ୍ପତି ଗଜପତିର ୨ ଝିଅଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଏହାପରେ ଗଜପତିର ଏହି ଦୁଇ ଅସହାୟ ଝିଅଙ୍କ ବଦଳିଯିବ ଠିକଣା। ଗଜପତିରେ ଜନ୍ମିତ ଏହି ଦୁଇ ଝିଅଙ୍କୁ ଇଟାଲୀୟ ଦମ୍ପତି ପୋଷ୍ୟ ସନ୍ତାନ ରୂପେ କୋଳେଇ ନେଇଛନ୍ତି। ଶୈଶବରେ ମା' କୋଳରୁ ବଞ୍ଚିତ ଦୁଇ ଝିଅ ଏବେ ମା'-ବାପାଙ୍କ ସ୍ନେହ ଓ ମମତା ପାଇବେ। ପ୍ରାୟ ଚାରି ବର୍ଷ ତଳେ ଏହି ଦୁଇ ସନ୍ତାନଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉତ୍କଳ ବାଳାଶ୍ରମରେ ରହୁଥିବା ବେଳେ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରର କର୍ମଚାରୀଙ୍କ ଲାଳନପାଳନରେ ସେମାନେ ବଢ଼ି ଆସିଥିଲେ। ଇଟାଲୀୟ ଦମ୍ପତିଙ୍କର କୌଣସି ସନ୍ତାନ ନ ଥିବାରୁ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ସେମାନେ ଆବେଦନ କରିବା ସହ ସୁଯୋଗକୁ ଅପେକ୍ଷା କରିଥିଲେ। ଶେଷରେ ସେମାନଙ୍କ ଆବେଦନକୁ ଗ୍ରହଣ କରାଯାଇଛି। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ଜିଲ୍ଲା ପ୍ରଶାସନ ଇଟାଲୀୟ ଦମ୍ପତିଙ୍କୁ ଶିଶୁଦ୍ୱୟଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ସକାଶେ ଅନୁମତି ପ୍ରଦାନ କରିଥିଲେ। ଏହାପରେ ଆଜି ଇଟାଲୀୟ ଦମ୍ପତି ଦୁଇ ଶିଶୁ କନ୍ୟାଙ୍କୁ ଗ୍ରହଣ କରିଛନ୍ତି। ଦୁଇ ଶିଶୁକନ୍ୟାଙ୍କୁ ଗ୍ରହଣ କରିବା ପରେ ସେମାନେ ବିଶେଷ ଖୁସି ଥିବା କହିଛନ୍ତି।

## ମିଳିଲାନି ପ୍ରଶାସନ ଅନୁମତି ଗାନ୍ଧିପଥେ ନ୍ୟାୟଯାତ୍ରା ସ୍ଥଗିତ




ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ)ଃ ଆସନ୍ତାକାଲିଠାରୁ ଜଗତସିଂହପୁରର ଢିଙ୍କିଆଠାରୁ ଆରମ୍ଭ ହୋଇ ଭୁବନେଶ୍ୱର ଲୋକ ଭବନରେ ପହଞ୍ଚିବାକୁ ଥିବା ୮ ଦିନର ଯାତ୍ରାକୁ ଜଗତସିଂହପୁର ପ୍ରଶାସନ ଅନୁମତି ଦେଇନାହିଁ। ଫଳରେ ଉକ୍ତ ପଦଯାତ୍ରାକୁ ସ୍ଥଗିତ ରଖାଯାଇଛି ବୋଲି ଆଜି କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ତେବେ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରି ପିସିସି ମୁଖପାତ୍ର କହିଛନ୍ତି ଯେ ଜଗତସିଂହପୁର, ଯାଜପୁର, ଅନୁଗୁଳ, ସୁନ୍ଦରଗଡ଼ଠାରୁ କୋରାପୁଟ ରାୟଗଡ଼ା ପର୍ଯ୍ୟନ୍ତ କେବଳ ଶିଳ୍ପସଂସ୍ଥାଙ୍କ ସ୍ୱାର୍ଥରକ୍ଷା ପାଇଁ ଆଦିମ ଜନଜାତିଙ୍କୁ ବେଆଇନ ଭାବେ ବିସ୍ଥାପିତ କରାଯାଉଛି। କଂଗ୍ରେସ ଯେତେବେଳେ ବି ଆଦିବାସୀ ଓ ଶିଳ୍ପାୟନ ଦ୍ୱାରା ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ଲଢେଇ ପାଇଁ ଉଦ୍ୟମ କରୁଛି, ସେତେବେଳେ ପ୍ରଶାସନ ଦଳର ମୁହଁବନ୍ଦ ପାଇଁ ଉଦ୍ୟମ କରିଆସିଛି। ସଦ୍ୟ ଘଟଣାରେ ପ୍ରଶାସନ ଅନୁମତି ନ ଦେବାକୁ ସେ ଦୁଃଖଦାୟକ ବୋଲି କହିଛନ୍ତି। ସେହିପରି ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ପଦଯାତ୍ରାକୁ ପ୍ରଶାସନ ଅନୁମତି ନ ଦେବା ଗଣତନ୍ତ୍ରର ହତ୍ୟା। ଦଳ ପକ୍ଷରୁ ହେବାକୁ ଥିବା ନ୍ୟାୟଯାତ୍ରା ପାଇଁ ଜଗତସିଂହପୁର ପ୍ରଶାସନ ଅନୁମତି ନ ଦେବା ଘଟଣା ନିନ୍ଦନୀୟ। ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତିଙ୍କ ପକ୍ଷରୁ ଅନୁମତି ସକାଶେ ଆବେଦନ କରାଯାଇଥିଲେ ମଧ୍ୟ ଅନୁମତି ନ ମିଳିବାରୁ ବାଧ୍ୟ ହୋଇ ଦଳ ଉକ୍ତ ଯାତ୍ରା ସ୍ଥଗିତ ରଖିଛି ବୋଲି ଡଃ ମହାପାତ୍ର କହିଛନ୍ତି। କହିଲେ ଆମେ ଜଗତସିଂହପୁର ପ୍ରଶାସନ କୁ ପଦଯାତ୍ରା କରିବାପାଇଁ ପୁଣି ଅନୁମତି ମାଗିଛୁ ସେହି ଅନୁସାରେ ପଦଯାତ୍ରା ର ତାରିଖ ଆମେ ଘୋଷଣା କରିବୁ ଓ ଆସନ୍ତା କାଲି ଆରମ୍ଭ ହେବାକୁ ଥିବା ପଦଯାତ୍ରା ସ୍ଥଗିତ କରାଯାଇଛି।

● ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ବିଏମସିର ସ୍ୱତନ୍ତ୍ର ପଦକ୍ଷେପ

## ସାମୂହିକ ଜଳାତଙ୍କ ପ୍ରତିରୋଧୀ ଟୀକାକରଣ




ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ମହାନଗର ନିଗମ (ବିଏମସି )ପକ୍ଷରୁ 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ' ପାଳନ କରାଯାଇଛି। ଏହି ଅବସରରେ ୯ଟି ସ୍ଥାନରେ ସାମୁହିକ ଜଳାତଙ୍କ ପ୍ରତିରୋଧୀ ଟୀକାକରଣ ଶିବିର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ବିଏମସିର ପ୍ରାଣୀ ଚିକିତ୍ସା ଡାକ୍ତର, ଓଡ଼ିଶା ପ୍ରାଣୀ ଚିକିତ୍ସା କଲେଜ, ଓୟୁଏଟିର ପ୍ରାଣୀ ଚିକିତ୍ସା ଇଣ୍ଟର୍ଣ୍ଣମାନଙ୍କୁ ସାମିଲ କରାଯାଇଥିବା ବେଳେ ଦକ୍ଷ କୁକୁର ଧରାଳି ଏବଂ ପାରାଭେଟଙ୍କ ସହାୟତା ନିଆଯାଇଥିଲା। ସେମାନଙ୍କୁ ସୈନିକ ସ୍କୁଲ, ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, କଳିଙ୍ଗ ଷ୍ଟାଡିୟମ୍, କ୍ୟାପିଟାଲ ହସ୍ପିଟାଲ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଏବଂ ପ୍ରାଣୀ ପାଳନ କଲେଜ, ରାଜ ଭବନ, ଲୋକସେବା ଭବନ, ଏଆଇଆଇଏମଏସ ଭୁବନେଶ୍ୱର ଏବଂ କଳିଙ୍ଗ ନଗର ରେସିଡେଣ୍ଟ ୱେଲଫେୟାର ଆସୋସିଏସନ୍ ସୋସାଇଟି ପରିସରରେରେ ନିୟୋଜିତ କରାଯାଇଥିଲା। ଅନୁଷ୍ଠାନିକ ଓ ଆବାସିକ ପରିସରରେ ଥିବା କୁକୁରମାନଙ୍କର ଟୀକାକରଣ କରାଯାଇଥିଲା। ଶିବିର ସମୟରେ ମୋଟ ୩୭୪ ଟି କୁକୁରଙ୍କୁ ଟିକା ଦିଆଯାଇଥିଲା। ଆରମ୍ଭରୁ ଏ ପର୍ଯ୍ୟନ୍ତ ୧୧୬୨୪ ଟି କୁକୁରଙ୍କୁ ଏମଡିଭି କାର୍ଯ୍ୟକ୍ରମ ଅଧୀନରେ ଟିକା ଦିଆଯାଇଛି। ବିଏମସି ନୋଡାଲ ଅଧିକାରୀ ଡକ୍ଟର ପ୍ରଶାନ୍ତ କୁମାର ଶିକା କହିଛନ୍ତି ଯେ, ଏହି ଅଭିଯାନ ବୁଲା କୁକୁରଙ୍କ ସଂଖ୍ୟା ମଧ୍ୟରେ ଅତି କମରେ ୭୦ ପ୍ରତିଶତ ଟୀକାକରଣ କଭରେଜ୍ ହାସଲ କରିବା ପାଇଁ ଏକ ବ୍ୟାପକ ରଣନୀତିର ଅଂଶବିଶେଷ। ଏହି ଅଭିଯାନ ମାନବ ଏବଂ ପ୍ରାଣୀସ୍ୱାସ୍ଥ୍ୟ ଉଭୟର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ।

ପୁଞ୍ଜିନିବେଶ ଉପରେ ଓଇଆରସିରେ ବିଶେଷଜ୍ଞ ଦଳ ବୈଠକ

# ଶକ୍ତିଶାଳୀ ଭିତ୍ତିଭୂମି ପାଇଁ ବାର୍ଷିକ ୧୦ ହଜାର କୋଟି ଆବଶ୍ୟକ



ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ)ଃ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଗଠନକୁ ୩୦ ବର୍ଷ ପୂରଣ ହୋଇଥିଲେ ବି ବିଦ୍ୟୁତ କ୍ଷେତ୍ରରେ ହେଉଥିବା ପୁଞ୍ଜିନିବେଶ ଉପରେ କୌଣସି ଅଧିନିୟମ ନ ଥିଲା। ଫଳସ୍ୱରୂପ ସରକାର ନିବେଶ କରୁଥିବା ପୁଞ୍ଜିର ବ୍ୟାପକ ଅପବ୍ୟବହାର ହେଉଥିଲା। ପୁଞ୍ଜିନିବେଶ, ଭିତ୍ତିଭୂମି ନିର୍ମାଣ, ଉପଭୋକ୍ତା ସଂଖ୍ୟା, ଭରସାଯୋଗ୍ୟ ବିଦ୍ୟୁତସେବା ଓ ମୁଣ୍ଡପିଛା ବିଦ୍ୟୁତ ବ୍ୟବହାର କ୍ଷେତ୍ରରେ ଆନ୍ଧ୍ର, ତେଲଙ୍ଗାନା, ପଞ୍ଜାବ ଓ ହରିୟାନା ଆଦି ରାଜ୍ୟ ଯଥେଷ୍ଟ ଅଗ୍ରଗତି କରିଥିଲେ ହେଁ ଓଡ଼ିଶା ଯଥେଷ୍ଟ ପଛରେ ରହିଛି। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପୁଞ୍ଜିନିବେଶକୁ ସଫଳ କରିବା ପାଇଁ ଓଇଆରସି ଏକ ଚିଠା ଅଧିନିୟମ ମାଧ୍ୟମରେ ଗତ ଜାନୁଆରୀ ୧୨ରେ ଜନସାଧାରଣଙ୍କ ମତାମତ ଲୋଡ଼ିଥିଲେ। ଏହି ଚିଠା ଅଧିନିୟମକୁ ଚୂଡ଼ାନ୍ତ କରିବା ପାଇଁ ଆଜି ଓଇଆରସିର ଏକ ୬ଜଣିଆ ବିଶେଷଜ୍ଞ ଟିମ୍ ବୈଠକ କରିଛନ୍ତି। ବୈଠକରେ ଓଇଆରସି ସଭ୍ୟ ସୁଶାନ୍ତ ରାୟମହାପାତ୍ର ଓ ବିଶ୍ୱଜିତ ମହାନ୍ତି, ଓଇଆରସି ସଚିବ ଉପେନ୍ଦ୍ରନାଥ ପତି, ଗ୍ରୀଡ୍‌କୋର ପୂର୍ବତନ ଅର୍ଥ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ର, ପୂର୍ବତନ ବିଦ୍ୟୁତ ଲୋକପାଳ ସୁକାନ୍ତ ସ୍ୱାଇଁ, ଉପଦେଷ୍ଟା କମିଟି ସଭ୍ୟ ଶିବଦତ୍ତ ଭଞ୍ଜ, ଶକ୍ତି ପରାମର୍ଶଦାତା (ପାୱାରଟେକ) ବିଭୁ ସ୍ୱାଇଁ, ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଓ ଓଇଆରସି ନିର୍ଦ୍ଦେଶକମଣ୍ଡଳୀ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଶ୍ରୀ ମହାପାତ୍ର ଆୟୋଗଙ୍କ ଅଧିନିୟମକୁ ସ୍ୱାଗତ କରିବା ସହ ବିଦ୍ୟୁତ କ୍ଷେତ୍ରର ବିକାଶ ପାଇଁ ଏହା ଖୁବ ଉପଯୋଗୀ ହେବ ବୋଲି ମତ ଦେଇ ଅଧିନିୟମର କିଛି ଅନୁଚ୍ଛେଦର ସଂଶୋଧନ ପ୍ରସ୍ତାବ ଦେଇଥିଲେ।

ସେହିପରି ସିଏଏ ରିପୋର୍ଟକୁ ଉପସ୍ଥାପନ କରି ଶ୍ରୀ ମହାପାତ୍ର ଓଡ଼ିଶାର ନୈରାଶ୍ୟଜନକ ବିଦ୍ୟୁତସେବା ପାଇଁ ଦୁର୍ବଳ ଭିତ୍ତିଭୂମି ମୁଖ୍ୟ କାରଣ ବୋଲି କହିବା ସହ ପଡ଼ୋଶୀ ଆନ୍ଧ୍ର ସମକକ୍ଷ ହେବା ସକାଶେ ବାର୍ଷିକ ୧୦ ହଜାର କୋଟି ନିବେଶ ଜରୁରୀ ବୋଲି କହିଛନ୍ତି। ଏହି ବ୍ୟବସ୍ଥା କରାଗଲେ ହିଁ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ପୂରଣ ହେବ ବୋଲି ସେ କହିଛନ୍ତି। ତେବେ ଶ୍ରୀ ମହାପାତ୍ରଙ୍କ ପ୍ରସ୍ତାବ ସହ ବିଭୁ ମହାପାତ୍ର ସହମତ ହୋଇପାରିନଥିଲେ। ତା'ଛଡ଼ା ଶ୍ରୀ ମହାପାତ୍ରଙ୍କ ରିଟର୍ଣ୍ଣ ଅନ ଇକ୍ୱିଟି ସଂକ୍ରାନ୍ତ ପ୍ରସ୍ତାବକୁ ବି ସେ ବିରୋଧ କରିଛନ୍ତି। ଏହାଛଡ଼ା ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟବହୃତ ହେବାକୁ ଥିବା ବିଦ୍ୟୁତ ସରଞ୍ଜାମ ଓ ଯନ୍ତ୍ରପାତିର ବେଞ୍ଚମାର୍କ ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ଜାତୀୟ ବିଦ୍ୟୁତ ନୀତିରେ ରାଜ୍ୟ ବିଦ୍ୟୁତ ଆୟୋଗଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଚିଠା ଅଧିନିୟମରେ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ସେଥିରେ ସଂଶୋଧନ ପାଇଁ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଥିବା ବେଳେ ବୈଠକ ଉପସ୍ଥିତ ଥିବା ସୁକାନ୍ତ ସ୍ୱାଇଁ ଓ ଶିବଦତ୍ତ ଭଞ୍ଜ ସ୍ୱାଗତ କରିବା ସହ ବିଦ୍ୟୁତ ଭିତ୍ତିଭୂମିକୁ ଶକ୍ତିଶାଳୀ କରିବା ଦିଗରେ ମତାମତ ରଖିଛନ୍ତି।

## ଘରୋଇ ଦଲିଲ୍ ନିବନ୍ଧନ ଓ ପଞ୍ଜୀକରଣ ପ୍ରକ୍ରିୟା ବନ୍ଦ ପାଇଁ ନିର୍ଦ୍ଦେଶ

**ବିଶେଷ ସ୍ଥିତିରେ ବ୍ୟବସ୍ଥା ଲାଗୁ କରାଯିବ**

**ପୂର୍ବରୁ ନିଆଯିବ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି**

ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦଲିଲ୍ ନିବନ୍ଧନ ତଥା ପଞ୍ଜୀକରଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥାର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ନିବନ୍ଧନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ଡ. ଅରବିନ୍ଦ ପାଢ଼ୀ ଏ ସଂକ୍ରାନ୍ତରେ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନଙ୍କୁ କଡା ନିର୍ଦ୍ଦେଶ ଜାରି କରିଛନ୍ତି। ଦଲିଲ୍ ନିବନ୍ଧନ କିମ୍ବା ଜମା ପାଇଁ ବହୁ ସଂଖ୍ୟକ ମାମଲାରେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସରକାରଙ୍କ ନଜରକୁ ଆସିଛି। ଏହା ଭାରତୀୟ ନିବନ୍ଧନ ଆଇନ, ୧୯୦୮ ଏବଂ ଓଡିଶା ନିବନ୍ଧନ ନିୟମ, ୧୯୮୮ର ମୂଳ ଉଦ୍ଦେଶ୍ୟ ତଥା ରୂପରେଖ ଅନୁଯାୟୀ ସମୁଚିତ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଇନ୍ ଅନୁଯାୟୀ, ଶାରୀରିକ ଅସୁସ୍ଥତା, ଆଇନଗତ ଗିରଫଦାରୀ କିମ୍ବା ଅନ୍ୟ କୌଣସି ଆବଶ୍ୟକତାବଶତଃ ଯଦି କୌଣସି ବ୍ୟକ୍ତି ନିବନ୍ଧନ କାର୍ଯ୍ୟାଳୟକୁ ଯିବାରେ ଅସମର୍ଥ, ସେହି ସ୍ଥିତିରେ ଏପରି ବ୍ୟବସ୍ଥା ଲାଗୁହେବ।

## ମହେଶ କରଙ୍କ ସ୍ମୃତିରେ ଦହି ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ




ଗରଦପୁର,୨୫।୪(ସଂଚାର ବ୍ୟୁରୋ)ଃ ଆଜି ପବିତ୍ର ଶନିଶ୍ଚରଙ୍କ ଜଳାଭିଷେକ ଅବସରରେ ବିଭିନ୍ନ ସ୍ଥାନରେ ଥିବା ଶନିଦେବଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଛନ୍ତି। ଏହି ଅବସରରେ ଗରଦପୁର ଅଞ୍ଚଳର ଥିବା କଳାବୁଢ଼ା ବାରୁଣୀ ଘାଟସ୍ଥିତ ଶନିଶ୍ଚରଙ୍କ ପୀଠରେ ଚଳିତ ବର୍ଷ ହଜାର ହଜାର ଭକ୍ତ ଜଳାଭିଷେକ କରିଛନ୍ତି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେତୁ ଭକ୍ତଙ୍କୁ ମହେଶ କରଙ୍କ ସ୍ମୃତିରେ ପ୍ରମୁଖ ସାମାଜିକ ସଂଗଠନ ମହେଶ କର ଫାଉଣ୍ଡେସନ ପକ୍ଷରୁ ଆଜି ସକାଳ ୯ଟାଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଦହି ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଥିଲା। ସ୍ୱର୍ଗତଃ କରଙ୍କ ସୁପୁତ୍ର ସମାଜସେବୀ ହିମାଂଶୁ ଭୂଷଣ କର (ହାପି)ଙ୍କ ନିବେଦନ କ୍ରମେ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରତିଭା ପୂଜା ସଂସଦର ସଭାପତି ତଥା ସ୍ୱର୍ଗତ କରଙ୍କ ବନ୍ଧୁ ପ୍ରଦୀପ ମହାନ୍ତି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୩ ହଜାରରୁ ଉର୍ଦ୍ଧ୍ୱ ପଥଚାରୀଙ୍କୁ ଦହି ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଥିଲା। କୋରୁଆ ମୁଖ୍ୟ ରାସ୍ତା ସତସଙ୍ଗ ବିହାର ସମ୍ମୁଖରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ଭାଗିରଥି ଜେନା, ଦେବେନ୍ଦ୍ର ଦାସ (ମଣ୍ଟୁ), ପୁରୁଷୋତ୍ତମ ସାହୁ, ପ୍ରମୋଦ ମହାପାତ୍ର, ମୁକ୍ତେଶ୍ୱର ସ୍ୱାଇଁ, ଜନ୍ମେଞ୍ଜୟ ଲେଙ୍କା, ଅଲେଖ ପଲେଇ, ଦିଲ୍ଲୀପ ବରାଳ ସହଯୋଗ କରିଥିଲେ।

## ଓରମାସ୍‌ର ଆମ୍ବ ଚାଷ ସମ୍ପର୍କିତ ବିକାଶ କର୍ମଶାଳା

ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ)ଃ ଓରମାସ ପକ୍ଷରୁ ଆମ୍ବ ଚାଷ ସମ୍ପର୍କିତ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଛି। ରାଜ୍ୟର ୧୫ଟି ପ୍ରମୁଖ ଆମ୍ବ ଉତ୍ପାଦନକାରୀ ଜିଲ୍ଲାରୁ ଚାଷୀ ଓ କୃଷି ଅଧିକାରୀମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ଆମ୍ବକୁ କିପରି ସୁରକ୍ଷିତ ଭାବେ ଅମଳ କରାଯିବ ଓ ବିଦେଶକୁ ରପ୍ତାନି କରି ଅଧିକ ଲାଭାର୍ଜନ କରାଯାଇପାରିବ, ସେନେଇ କର୍ମଶାଳାରେ ଆଲୋଚନା ହୋଇଥିଲା। ବୈଜ୍ଞାନିକ ପଦ୍ଧତିରେ ଆମ୍ବ ଅମଳ ଓ ଅମଳ ପରବର୍ତ୍ତୀ ଦକ୍ଷ ପରିଚାଳନା ସମ୍ପର୍କରେ ପ୍ରତିଭାଗୀମାନଙ୍କୁ ସଚେତନ କରାଯାଇଥିଲା। ଓରମାସ୍‌ର ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ କହିଥିଲେ ଯେ ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀମାନେ ନିଜ ବଗିଚାର ଆମ୍ବକୁ କିପରି ବିଦେଶ ବଜାରରେ ପହଞ୍ଚାଇପାରିବେ, ସେଥିପାଇଁ ସଠିକ୍ ଜ୍ଞାନ ଅର୍ଜନ କରିପାରିବେ। ଏଥିସହ ଅତିରିକ୍ତ ସିଇଓ (ପ୍ରଶାସନ) ଗୀତାଞ୍ଜଳି ବେହେରା କହିଥିଲେ ଯେ ସଠିକ୍ ଯତ୍ନ ନେଲେ ସମୟ ପୂର୍ବରୁ ଆମ୍ବ ନଷ୍ଟ ହେବ ନାହିଁ ଓ ଚାଷୀମାନଙ୍କର ଆୟ ବୃଦ୍ଧି ପାଇବ।

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଜେଡି ସାଂସଦ

## ମହାନଦୀ ବିବାଦରେ ତୁରନ୍ତ ହସ୍ତକ୍ଷେପ ଦାବି



ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ)ଃ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରନ୍ତୁ, ନହେଲେ ବୁଡ଼ିଯିବ 'ମହାନଦୀ' ଆଶା ବୋଲି ବିଜେଡି ସାଂସଦ କହିଛନ୍ତି।

ଏ ସମ୍ପର୍କରେ ସେ ଏକ ଭିଡିଓ ଭିଡିଓ ବାର୍ତ୍ତା ମଧ୍ୟ ଜାରି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ସେ ଦାବି କରିଛନ୍ତି ଯେ, ମହାନଦୀ ଟ୍ରିବ୍ୟୁନାଲରେ ଏହି ସମ୍ବେଦନଶୀଳ ମାମଲାର ଶୁଣାଣି ମେ ୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ତାପୂର୍ବରୁ ରାଜ୍ୟ ଜଳସଂପଦ ବିଭାଗ ଏବଂ ଆଇନ ବିଭାଗ ସହ ମୁଖ୍ୟମନ୍ତ୍ରୀ ବୈଠକ ଡାକନ୍ତୁ। ଟ୍ରିବ୍ୟୁନାଲରେ ଓଡ଼ିଶା ସରକାର ଏମିତି ତଥ୍ୟ ରଖନ୍ତୁ ଯେମିତି ଟ୍ରିବ୍ୟୁନାଲର ନିଷ୍ପତ୍ତି ଓଡ଼ିଶା ସପକ୍ଷରେ ଯିବ। ପୂର୍ବ ଶୁଣାଣିରେ ଟ୍ରିବ୍ୟୁନାଲଙ୍କ ରାୟକୁ ଆଧାର କରି ସେ କହିଛନ୍ତି ଯେ, ଦୁଇ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଓ ସହମତି ହୋଇପାରୁନାହିଁ। ସହମତିରେ ଉଭୟ ପକ୍ଷର ମନ୍ଥରତାକୁ ନେଇ ଟ୍ରିବ୍ୟୁନାଲ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେଉଁ ନିର୍ଦ୍ଦିଷ୍ଟ ତାରିଖ ଥିଲା ବୈଠକର ବିବରଣୀ ଚୂଡ଼ାନ୍ତ କରିବା ପାଇଁ ସେହି ତାରିଖରେ ସହମତିର ପ୍ରତିଶ୍ରୁତି ରକ୍ଷା କରାଯାଇନାହିଁ। ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏପର୍ଯ୍ୟନ୍ତ କୌଣସି ଠୋସ ପ୍ରସ୍ତାବ ଏପର୍ଯ୍ୟନ୍ତ ରେକର୍ଡ କରାଯାଇନଥିବାରୁ ଟ୍ରିବ୍ୟୁନାଲ ଉଦବେଗ ପ୍ରକାଶ କରିଥିବା ସେ କହିଛନ୍ତି। ଏହି ବିବାଦ ଓଡ଼ିଶାର ଅନେକ ଜିଲ୍ଲାର ଭାଗ୍ୟ ନିର୍ଭର କରୁଛି। ସେଠାରେ ହେଉଥିବା ଚାଷ କାର୍ଯ୍ୟ, ପାନୀୟ ଜଳ ଏବଂ ପରିବେଶ ସୁରକ୍ଷା ସହିତ ମହାନଦୀ ଜଡ଼ିତ। ଛତିଶଗଡ଼ ସରକାରଙ୍କ ସହ ଉଚ୍ଚସ୍ତରୀୟ ରାଜନୈତିକ ବା ପ୍ରାଶାସନିକ ଆଲୋଚନା ଜରିଆରେ ସହମତି ପାଇଁ ଚେଷ୍ଟା କରାଯିବା ଉଚିତ। ମେ' ୨ ସୁଦ୍ଧା ମହାନଦୀ ଜଳ ବିବାଦକୁ ନେଇ ସମସ୍ତ ତଥ୍ୟ ଦେବାକୁ ପଡ଼ିବ, ନଚେତ ଏହାର ଅସ୍ତିତ୍ୱ ରହିବ ନାହିଁ ବୋଲି ସେ କହିଛନ୍ତି।।

# ଆମ୍‌କୋ-ସିମ୍‌କୋ ସ୍ମାରକୀ ରାଜଧାନୀରେ ହେଉ




ଭୁବନେଶ୍ୱର,୨୫।୪ଃ ଇଂରେଜଙ୍କ ପୃଷ୍ଠପୋଷକତାରେ ଚାଲୁଥିବା ରାଜା ରାଜୁଡ଼ା ଶାସନ ସମୟରେ ପ୍ରଶାସନର ନରସଂହାରରେ ସର୍ବାଧିକ ଲୋକ ଆମ୍‌କୋ-ସିମ୍‌କୋରେ ନିହତ ହୋଇଥିବା ବେଳେ ଇତିହାସର ଏହି ସ୍ମୃତିକୁ ଉଜ୍ଜୀବିତ ରଖିବା ଲାଗି ରାଜଧାନୀ ଦିଲ୍ଲୀ ଓ ଭୁବନେଶ୍ୱରରେ ଦୁଇଟି ଭବ୍ୟ ସ୍ମାରକୀ ନିର୍ମାଣ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଏଥିସହ ଆମ୍‌କୋ-ସିମ୍‌କୋ ନରସିଂହାର ଦିବସକୁ ଜାତୀୟ ଓ ରାଜ୍ୟ ସ୍ତରରେ ପୂର୍ଣ୍ଣ ମର୍ଯ୍ୟାଦାର ସହ ପାଳନ କରିବା ଲାଗି ମଧ୍ୟ ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ଉଲ୍ଲେଖନୀୟ ଯେ ୧୯୩୯ ଏପ୍ରିଲ ୨୫ ଅପରାହ୍ନରେ ରାଜଶକ୍ତି ଚରମ ବିଶ୍ୱାସଘାତକତା କରି ବର୍ତ୍ତମାନର ସୁନ୍ଦରଗଡ଼ ଜିଲ୍ଲା ଅର୍ନ୍ତଭୁକ୍ତ ଆମ୍‌କୋ-ସିମ୍‌କୋ ପଡ଼ିଆରେ ଆଖିବୁଜା ଗୁଳିଚାଳନା କରିବା ଫଳରେ ଘଟଣାସ୍ଥଳରେ ଅନ୍ୟୂନ ୪୦ ଜଣ ଆଦିବାସୀଙ୍କର ମୃତ୍ୟୁ ହୋଇଥିଲା। ଏହି ନରସଂହାରରେ ୮୦ରୁ ଅଧିକ ଆହତ ହୋଇଥିଲେ ଓ ଆହତଙ୍କ ଭିତରୁ ଅନ୍ୟୂନ ୩୦ ଜଣଙ୍କର କିଛିଦିନ ମଧ୍ୟରେ ମୃତ୍ୟୁ ହୋଇଥିବା ବେଳେ ଆଉ ପ୍ରାୟ ୫୦ ଜଣ ଅର୍କମଣ୍ୟ ହୋଇ ଅବଶିଷ୍ଟ ଜୀବନ ବହୁ କଷ୍ଟରେ କାଟିଥିଲେ। ସେ ସମୟର ପ୍ରତ୍ୟକ୍ଷଦର୍ଶୀମାନେ କୁହନ୍ତି ଯେ ଶତାଧିକ ଲୋକ ସେଦିନ ନିଖୋଜ ହୋଇଯାଇଥିଲେ ମଧ୍ୟ ସେମାନଙ୍କ ଭିତରୁ କେତେକଙ୍କୁ ମାରି ସେମାନଙ୍କ ମୃତଶରୀରକୁ ଇଂରେଜ ଅନୁଗତ ରାଜାଙ୍କ ବାହିନୀ ଘାଟିରେ ଜାଳି ଦେଇଥିଲେ।

ଆମକୋ-ସିମକୋଠାରେ ଏକ ସହିଦ ସ୍ମାରକୀ ରହିଛି ଓ ପ୍ରତିବର୍ଷ ସ୍ଥାନୀୟ ପ୍ରଶାସନ ଏବଂ ସାଧାରଣ ଲୋକେ ବଳିଦାନ ଦିବସରେ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥାନ୍ତି। ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ସେ ସମୟରେ ଏତେସଂଖ୍ୟକ ଲୋକ ସହିଦ ହେଇନାହାନ୍ତି। ଇରମ୍, ତୁଡ଼ିଗଡ଼ିଆ, ଖଇରାଡ଼ିହି, ଲୁଚିଆ, ପକାଇପଡ଼ା, କଳାମାଟିଆ, ନିମାପଡ଼ା, ମାଥିଳି, ପାପଡ଼ାହାଣ୍ଡି, ନୀଳକଣ୍ଠପୁର, ଭୁବନ, ନୟାଗଡ଼, ତାଳଚେର, ନୀଳଗିରି, ସୁବର୍ଣ୍ଣପୁର ଆଦି ସ୍ୱାଧୀନତା ସଂଗ୍ରାମ ସମୟର ରକ୍ତତୀର୍ଥଗୁଡ଼ିକୁ ଯେଭଳି ଗୁରୁତ୍ୱ ଦିଆଯାଉଛି, ସେହି ତୁଳନାରେ ସର୍ବାଧିକ ବଳିଦାନ ଦେଇଥିବା ଆମ୍‌କୋ-ସିମ୍‌କୋକୁ ସେଭଳି ଗୁରୁତ୍ୱ ଦିଆଯାଉ ନ ଥିବା କୁହାଯାଉଛି। ରାଜଧାନୀରେ ଥିବା ଜନଜାତି ସଂଗ୍ରହାଳୟରେ ଆମ୍‌କୋ-ସିମ୍‌କୋର କିଛି ଝଲକ ରହିଛି। କିନ୍ତୁ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଆମ୍‌କୋ-ସିମ୍‌କୋ ବଳିଦାନ ସେଭଳି ଗୁରୁତ୍ୱର ସହ ଏଯାବତ୍ ଉପସ୍ଥାପନ କରାଯାଇନାହିଁ। ଏଠାରେ ଉଲ୍ଲେଖନୀୟ ଯେ ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ରାଉରକେଲା ଗସ୍ତ ଅବସରରେ ଦେଇଥିବା ଭାଷଣରେ ଆମ୍‌କୋ-ସିମ୍‌କୋର ସହିଦମାନଙ୍କ ପ୍ରତି କୃତଜ୍ଞତା ଅର୍ପଣ କରିଥିଲେ।

ବେଠି, ଗୋତି, ବର୍ଦ୍ଧିତ ଖଜଣା ଆଦିର ପ୍ରତିବାଦରେ ସେତେବେଳର ଗାଙ୍ଗପୁର ଗଡଜାତ ଅଞ୍ଚଳରେ ବିପ୍ଳବୀ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଆଦିବାସୀ ମେଳି ଜୋର୍ ଧରିଥିଲା। ଆଦିବାସୀଙ୍କ ଉପରେ ଚାଲିଥିବା ଅତ୍ୟାଚାର ବନ୍ଦ କରିବା ଓ ସେମାନଙ୍କୁ ଜଙ୍ଗଲ ଉପରେ ପୂର୍ଣ୍ଣ ଅଧିକାର ଦେବା ସହ ଗାଁଗଣ୍ଡାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ବ୍ୟବସ୍ଥା କରିବା ଦାବିରେ ଏହି ଆନ୍ଦୋଳନ ତୀବ୍ର ହୋଇଥିଲା। ଆନ୍ଦୋଳନକାରୀଙ୍କ ପକ୍ଷରୁ ବିପ୍ଳବୀ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଗାଙ୍ଗପୁର ରାଜା ଓ ବ୍ରିଟିଶ ସରକାରର ପଲିଟିକାଲ ଏଜେଣ୍ଟଙ୍କୁ ଦାବିପତ୍ର ଦିଆଯାଇଥିଲା।

ଆଦିବାସୀଙ୍କ ମେଳିକୁ ଭାଙ୍ଗିବା ପାଇଁ ହୋଇଥିବା ଷଡ଼ଯନ୍ତ୍ର କ୍ରମେ ଗାଙ୍ଗପୁର ଗଡଜାତ ବା ସୁନ୍ଦରଗଡ଼ର ରାଣୀ ସାହେବା ୧୯୩୯ ଏପ୍ରିଲ ୨୫ ଅପରାହ୍ନରେ ପଲିଟିକାଲ ଏଜେଣ୍ଟଙ୍କ ସହ ଆସି ଆମ୍‌କୋ-ସିମ୍‌କୋ ପଡ଼ିଆରେ ଜନଶୁଣାଣି ସଭା କରି ଲୋକଙ୍କ ସମସ୍ୟାର ସମାଧାନ କରିବେ ବୋଲି ଗାଁରେ ଗାଁରେ ପ୍ରଚାର କରାଯାଇ ସଭାକୁ ଆସିବା ଲାଗି ନିବେଦନ କରାଯାଇଥିଲା। ରାଣୀଙ୍କୁ ଦେଖିବା ସହ ତାଙ୍କଠାରୁ ସମସ୍ୟାର ସମାଧାନ ସଂକ୍ରାନ୍ତରେ ଶୁଣିବା ପାଇଁ ସହସ୍ରାଧିକ ଲୋକ ସେଦିନ ଆମ୍‌କୋ-ସିମ୍‌କୋ ପଡ଼ିଆରେ ଏକାଠି ହୋଇଥିଲେ। ସେଦିନ କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇ ନ ଥିଲେ ମଧ୍ୟ ନିର୍ମଳ ମୁଣ୍ଡାଙ୍କୁ ଧରିବା ବାହାନାରେ ପୁଲିସ୍ ଆଖିବୁଜା ଗୁଳିଚାଳନା କରିବାରୁ ନରସଂହାର ଘଟିଥିଲା। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ରବିବାର ୨୬ ଏପ୍ରିଲ ୨୦୨୬, ଭୁବନେଶ୍ୱର

Sunday 26 April 2026, Bhubaneswar


# ଶକ୍ତିଶାଳୀ ଦେଶରୁ ବୈଜ୍ଞାନିକ ନିଖୋଜ

ଦୁନିଆର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା ବିଷୟରେ ବଡ ଖବର ସାମ୍ନାକୁ ଆସିଛି। ଏତେ ବଡ ଦେଶ ଏବେ ଅଜଣା ଆତଙ୍କର ଭୟରେ କବଳିତ। ୧୧ ବୈଜ୍ଞାନିକଙ୍କ ନିଖୋଜକୁ ନେଇ ସବୁଠି ହଇଚଇ। ଏ ଖବର ଶୁଣି ପୁରା ବିଶ୍ୱ ଚକିତ। ସବୁ ବୈଜ୍ଞାନିକଙ୍କ ବିଷୟରେ ଗୋଟିଏ କଥା ସମାନ ଯେ ସମସ୍ତେ ନ୍ୟୁକ୍ଲିୟର, ସ୍ପେଶ କିମ୍ବା ଆମେରିକାର ସୁରକ୍ଷା ଓ ଟେକ୍ନୋଲଜି ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ପ୍ରୋଜେକ୍ଟରେ କାମ କରୁଥିଲେ। ସବୁଠାରୁ ବଡ ପ୍ରଶ୍ନ ହେଉଛି କଣ ଏତେ ସବୁ ମାମଲାକୁ ସଂଯୋଗ



କୁହାଯିବ ନା ଏହା ପଛରେ ଆଉ କିଛି ଷଡଯନ୍ତ୍ର ଅଛି। ଏହି ବୈଜ୍ଞାନିକ ନିଖୋଜ ହୋଇଛନ୍ତି ନା ଅପହରଣ କେହି ଜାଣିନାହାନ୍ତି। ସେମାନଙ୍କୁ କେହି ଅପହରଣ କରିଥିବାର ପ୍ରମାଣ ନାହିଁ କି ନିଜ ଇଚ୍ଛାରେ କୁଆଡେ ଯାଇଥିବାର ସୂଚନା ନାହିଁ। ଏମିତି ଅଚାନକ ଗାଏବ ହେବା ପଛରେ କୌଣସି ବଡ ଷଡଯନ୍ତ୍ର ଲୁଚି ରହିଥିବା କୁହାଯାଉଛି। ଟ୍ରମ୍ପ ଏନେଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଆମେରିକାରେ ଗତ ୪ ବର୍ଷରେ ୨୦୨୨ରୁ ୨୦୨୬ ଭିତରେ ୧୧ ଜଣ ବଡ ବୈଜ୍ଞାନିକଙ୍କ ପତ୍ତା ମିଳୁନି। ସେମାନଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା କୁହାଯାଉଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାକୁ ବେଶ ଗମ୍ଭୀରତାର ସହ ନେଇଛନ୍ତି। ଯେଉଁ ୧୧ ବୈଜ୍ଞାନିକଙ୍କ ସଂପର୍କରେ ଆମେ କହୁଛୁ ସେମାନଙ୍କ ମଧ୍ୟରେ ୬ ଜଣଙ୍କ ମୃତ୍ୟୁ ହୋଇସାରିଛି । ଆଉ ୫ ଜଣ ଆଜି ବି ଗାଏବ ଅଛନ୍ତି ସେମାନଙ୍କ ସଂପର୍କରେ କୌଣସି ପତ୍ତା ମିଳୁନି।

ଏହି ଘଟଣାର ସ୍ୱଭାବ ଅତ୍ୟନ୍ତ ସନ୍ଦେହଜନକ। ଏତେ ସଂଖ୍ୟକ ବିଜ୍ଞାନୀ ଏକାଧାରେ ନିଖୋଜ ହେବା ସାଧାରଣ ଘଟଣା ହୋଇପାରେନାହିଁ। ଏହାର ପଛରେ କୌଣସି ସଂଗଠିତ ଚକ୍ରାନ୍ତ, ଗୁପ୍ତଚର ଜାଲ, କିମ୍ବା ରାଷ୍ଟ୍ରୀୟ ସୁରକ୍ଷା ସହିତ ସମ୍ପୃକ୍ତ କାରଣ ଥାଇପାରେ ବୋଲି ଅନେକ ମନ୍ତବ୍ୟ ଆସୁଛି। ବିଶେଷକରି ଯେଉଁ ବିଜ୍ଞାନୀମାନେ ସୂକ୍ଷ୍ମ ପ୍ରଯୁକ୍ତି, ଅଣୁ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା କିମ୍ବା ରକ୍ଷା ବ୍ୟବସ୍ଥା ସହିତ ଜଡିତ ଥାନ୍ତି, ସେମାନଙ୍କର ନିଖୋଜ ହେବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି।

ଏହି ଘଟଣା ଆମକୁ ସ୍ମରଣ କରାଉଛି ଯେ ବିଜ୍ଞାନୀମାନେ କେବଳ ଗବେଷଣାକାରୀ ନୁହେଁ, ସେମାନେ ଜାତୀୟ ସମ୍ପଦ। ସେମାନଙ୍କର ସୁରକ୍ଷା ନିଶ୍ଚିତ କରିବା ସରକାରଙ୍କ ମୂଳ କର୍ତ୍ତବ୍ୟ। ଯଦି ଏମିତି ଘଟଣା ଏକ ପ୍ରଗତିଶୀଳ ଓ ସୁରକ୍ଷିତ ଦେଶରେ ଘଟିପାରେ, ତେବେ ଅନ୍ୟ ଦେଶମାନେ ମଧ୍ୟ ସତର୍କ ହେବା ଆବଶ୍ୟକ। ଏହି ନିଖୋଜ ଘଟଣା ପଛରେ ଯଦି କୌଣସି ଅନ୍ତର୍ଜାତୀୟ ଷଡଯନ୍ତ୍ର ରହିଛି, ତେବେ ଏହା ବିଶ୍ୱ ଶାନ୍ତି ପାଇଁ ଏକ ବଡ଼ ସଙ୍କଟର ସୂଚନା। ବୈଜ୍ଞାନିକ ଜ୍ଞାନର ଅପବ୍ୟବହାର ହେଲେ ଏହା ମାନବତା ପାଇଁ ହାନିକାରକ ହୋଇପାରେ। ସେଥିପାଇଁ ଏହି ଘଟଣାକୁ କେବଳ ଅପରାଧ ଭାବେ ନୁହେଁ, ବରଂ ଏକ ଗ୍ଲୋବାଲ୍ ସୁରକ୍ଷା ପ୍ରସଙ୍ଗ ଭାବେ ଦେଖିବା ଆବଶ୍ୟକ।

ଏହି ଘଟଣା ମିଡିଆ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅନେକ ଆଶଙ୍କାକୁ ଜନ୍ମ ଦେଇଛି। କିଛି ଲୋକ ଏହାକୁ ଗୁପ୍ତ ପରୀକ୍ଷା, କିମ୍ବା ସରକାରୀ ଗୁପ୍ତ ମିଶନ ସହିତ ଯୋଡ଼ିଦେଉଛନ୍ତି। ଯଦିଓ ଏପରି ଦାବିଗୁଡ଼ିକ ପ୍ରମାଣ ହୀନ, ତଥାପି ଏହା ଲୋକମାନଙ୍କ ମନରେ ଅସ୍ଥିରତା ସୃଷ୍ଟି କରୁଛି। ସରକାର ଓ ସମ୍ପୃକ୍ତ ଏଜେନ୍ସୀମାନେ ସ୍ପଷ୍ଟ ଓ ପ୍ରମାଣାଧାରିତ ତଥ୍ୟ ଜନସାଧାରଣଙ୍କୁ ଦେବା ଆବଶ୍ୟକ। ଏହି ଘଟଣାର ତଦନ୍ତ ତ୍ୱରିତ ଓ ପାରଦର୍ଶୀ ଭାବେ ହେବା ଉଚିତ। ଅନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଏହାର ମୂଳ କାରଣ ଖୋଜାଯିବା ଦରକାର। ଯଦି କୌଣସି ଅପରାଧୀ ଚକ୍ର ଏଥିରେ ଜଡିତ ଅଛନ୍ତି, ସେମାନଙ୍କୁ କଠୋର ଶାସ୍ତି ଦିଆଯିବା ଉଚିତ।

# ମ୍ୟାଲେରିଆ ଓ ଯକୃତ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ୨୦୨୫ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ। ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି। ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ। ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।


ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍ଃ ୯୪୩୭୦୫୧୯୫୭


# ଗରିବ ଆଦିବାସୀଙ୍କ ପ୍ରତି ସରକାର ସମ୍ବେଦନଶୀଳ ହୁଅନ୍ତୁ




ଡମ୍ବରୁଧର ଘଣା


ଗରିବ ଆଦିବାସୀଙ୍କ ପ୍ରତି ସରକାର ସମ୍ବେଦନଶୀଳ ହୁଅନ୍ତୁ। ସରକାର ସମ୍ବେଦନଶୀଳ ନହେଲେ ଗରିବମାନେ ଆହୁରି ଗରିବ ହୋଇଯିବେ। ବିକଶିତ ଓଡିଶା ଓ ବିକଶିତ ଭାରତର ଯାତ୍ରା ମନ୍ଥର ହୋଇଯିବ। ବିଶେଷକରି ଆଦିବାସୀ ଅଞ୍ଚଳର ଗରିବମାନଙ୍କ ପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ। ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାର ଗରିବ ଆଦିବାସୀମାନେ ସରକାରଙ୍କ କୃପା ଦୃଷ୍ଟିକୁ ଚାହିଁ ବସିଛନ୍ତି। ଏଭଳି କିଛି ଗରିବ ଆଦିବାସୀଙ୍କ କଥା ଆସିଛି ନଜରକୁ। ସରକାର ନିଜେ ଦେଖିଲେ ନାହିଁ। ଜଣେ ଗରିବ , ଦିନ ମଜୁରିଆ ଆଦିବାସୀ ଲୋକର କରୁଣ କାହାଣୀ ତାଙ୍କ କାନରେ ପଡିଲା ନାହିଁ। ଝାଟିମାଟି ଘରର ଭଙ୍ଗା ଦଦରା ଛପର କାହାରି ଦୃଷ୍ଟିକୁ ଆସିଲା ନାହିଁ। ସ୍ୱାମୀ, ସ୍ତ୍ରୀ ଓ ଦୁଇ ପିଲାଙ୍କୁ ନେଇ ଚାରିଜଣ ର ପରିବାର। ଗୋଟିଏ ବଖରା ଘର। ପୁଣି ଦଦରା ଛପର। ଏହା କାହା ହୃଦୟକୁ ଛୁଇଁଲା ନାହିଁ ନା ପଞ୍ଚାୟତ ଅଧିକାରୀ, ନା ବ୍ଲକ୍ କର୍ତ୍ତୃପକ୍ଷ, ନା ଜିଲ୍ଲା ପ୍ରଶାସନ , କେହି ଏ' ଦଦରା ଛପରର ମରାମତି ପାଇଁ ପଦକ୍ଷେପ ନେବାକୁ ଉଚିତ୍ ମଣିଲେ ନାହିଁ।

କେନ୍ଦୁଝର ଜିଲ୍ଲା। ବାଂଶପାଳ ବ୍ଲକର କୋଡିପଶା ପଞ୍ଚାୟତ। ତା'ରି ଅଧିନରେ କୁଣ୍ଡେଇ ଗାଁ। ଏଇଠି ପଞ୍ଚୁ ଜୁଆଙ୍ଗର ଘର। ଗାଁ ପାଖରେ ନିୟମିତ କାମ ମିଳେ ନାହିଁ ବୋଲି, ପଞ୍ଚୁ ଗାଁ ବାହାରକୁ ଯାଇଛି। କଟକରେ ରହି କାମ କରେ। ଗାଁରେ ସ୍ତ୍ରୀ ପର ଘରେ ମଜୁରୀ କରି ପିଲାଙ୍କୁ ପାଳେ। ଚାଷ ବୋଲି କିଛି ନାହିଁ ଯାହା ରୋଜଗାର କରନ୍ତି, ସବୁ କିଛି ଖାଇବା, ପିନ୍ଧିବାକୁ ନିଅଣ୍ଟ। ଏ ଘର ମରାମତି ତାଙ୍କ ତାକତ ବାହାରେ।

ପଞ୍ଚୁର ଏକ ଝାଟିମାଟି ଘର ଥିଲା। ତାକୁ ସେ ନିଜେ ବନାଇଥିଲା। ପରେ କୌଣସି ଏକ ବେସରକାରୀ ସଂସ୍ଥା ଗୋଟିଏ ଟାଇଲ୍ ଛପର ଘର ଯୋଗାଇ ଦେଲା। କାହିଁ କେତେ ଦିନୁ ପଞ୍ଚୁ ତା' ପିଲାଙ୍କୁ ନେଇ ଏଇଠି ରୁହେ। ଏଇ ଦୁଇ ତିନି ବର୍ଷ ତଳୁ ତା' ଘରର ଛପର ଭାଙ୍ଗି ଯାଇଛି। ଟାଇଲ୍ କିଣି ମରାମତି କରିବା ତା' ପକ୍ଷରେ ସମ୍ଭବ ହେଲା ନାହିଁ। ଜରି ପାଲଟିଏ କିଣି ଘୋଡାଇ ଦେଇଛି। ତା'ରି ତଳେ ପିଲାଙ୍କୁ ନେଇ ରୁହେ। ତୋଫାନ ହେଲେ ଧୂଳି ପଶି ଯାଏ। ଜୋର୍ ବର୍ଷା ହେଲେ ପାଣି ଝରେ। ତା'ରି ସାଙ୍ଗକୁ ବିଛା, ସରିସୃପ ର ଭୟ।

ପଞ୍ଚୁ ଛପର ମରାମତି ପାଇଁ କେତେ କାହାକୁ କହିଲା। ସରପଞ୍ଚ ପାଖରେ ନେହୁରା ହେଲା। ସରପଞ୍ଚଟି ଆଦିବାସୀ ହୋଇ ବି ଆଦିବାସୀ ର ଦୁଃଖ ବୁଝିଲା ନାହିଁ। ଦେଖିବା, ବୁଝିବା କହି ଦିନ ଗଡ଼ାଇ ଚାଲିଲା। ପଞ୍ଚୁ ପ୍ରଶ୍ନ କରେ - ଆଦିବାସୀ ସରପଞ୍ଚ ଆଦିବାସୀ ର ଦୁଃଖ ଶୁଣୁ ନାହିଁ ତେବେ, କ'ଣ ପାଇଁ ଏମିତି ହେଉଛି ନିର୍ବାଚନ ବ୍ୟବସ୍ଥା? କିଏ ତେବେ ବୁଝିବ?

ରାଜ୍ୟ ସରକାର ପକ୍କା ଘର ଯୋଜନା କଲେ। କେତେ ଲୋକ ଘର ପାଇଲେ। ପଞ୍ଚୁ ବେଳକୁ ଏ ଯୋଜନାଟା ବାଟବଣା ହୋଇଗଲା। କେନ୍ଦ୍ରରୁ ଆସିଲା ଆବାସ ଯୋଜନା। ସେଥିରେ ବି ପଞ୍ଚୁର ନାଁ ସ୍ଥାନ ପାଇଲା ନାହିଁ। ପଞ୍ଚୁ ଦେଖେ- ଗାଁରେ କେତେ ସ୍ୱଚ୍ଛଳ ଲୋକ ଘର ପାଇଛନ୍ତି। ପ୍ରଶ୍ନ କରେ - ତା' ବେଳକୁ ଅଡୁଆ କେଉଁଠି? ଭୁଲ ତା'ର କ'ଣ? ଶୁଣିଛି - ପଡିଶା ଘର ଟି. ଭି. କହୁଥିଲା - ଆବାସଟା ନାଗରିକର ମୌଳିକ ଅଧିକାର। ପୁଣି ଶୁଣେ -ଏ ବାବୁମାନେ ଚାହିଁଲେ, ଘର ମିଳିବ, ନ ହେଲେ ନାହିଁ ଏ କଥା ବି ପଞ୍ଚୁ ଜାଣେ - କେହି କେହି ହାତଗୁଞ୍ଜା ଦେଇ ଘର ପାଇଛନ୍ତି। ବୁଝିଯାଏ - ଏଇ ହାତଗୁଞ୍ଜା ଦେଇ ନପାରିବାଟା ବୋଧେ ତା'ର ଅଯୋଗ୍ୟତା। ପୁଣି ପଚାରେ - ଏ ଅଧିକାରର ପରିଭାଷାଟା କେମିତି ଏ ବାବୁମାନଙ୍କ ହାତରେ ବଦଳି ଯାଉଛି? ଚାରି ଆଡୁ ହତାସ୍ ହେଲା ପଞ୍ଚୁ। ଶେଷରେ ଆସିଲା ଆମ ପାଖକୁ- ସ୍ୱେଚ୍ଛାସେବୀ ଅନୁଷ୍ଠାନ " ଆଶା" ନିକଟକୁ। ଆମେ ଗତ ଅଗଷ୍ଟ ମାସରୁ ଏ କଥା ହାତକୁ ନେଲୁ। ଦେଶର ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି, ଓଡ଼ିଶାର ରାଜ୍ୟପାଳ, ଲୋକଙ୍କ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, କେନ୍ଦୁଝର ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟକୁ ପତ୍ର ଲେଖିଲୁ। ଆମେ ଦାବି ରଖିଲୁ - ପଞ୍ଚୁର ଘର ଛପର ମରାମତି କରାଯାଉ। ତାକୁ ଏକ ପକ୍କା ଘର ଯୋଗାଇ ଦିଆଯାଉ। ସମସ୍ତେ ପତ୍ର ପାଇଲେ। ହେଲେ, ଦୁଃଖର କଥା, କେହି ଆଜି ପର୍ଯ୍ୟନ୍ତ ସେ ଦଦରା ଛପରର ମରାମତି ପାଇଁ କିଛିବି କଲେ ନାହିଁ।

ସେ ଛପର ଆଜିବି ସେମିତି ଅଛି। ସେଇ ଜରି ପାଲ। ଏହା ବୟାନ କରୁଛି- ପ୍ରଶାସନ କରୁଛି କ'ଣ। କେତେ ସମ୍ବେଦନଶୀଳ ଗରିବଙ୍କ ପ୍ରତି। "ଜନଜାତିଙ୍କ ବିକାଶ ଆମର ପ୍ରାଥମିକତା ଏବଂ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ପାଇଁ ଆମେ ବଦ୍ଧପରିକର" - ଏ କଥାଟା ଆମେ ବୁଝି ପାରୁନୁ।

ଏହା ମଧ୍ୟରେ କେତେ ବର୍ଷା, ତୋଫାନ ଯାଇଛି। ଅନୁମାନ କରାଯାଇ ପାରେ- କେମିତି ରହିଥିବେ ଏ ବର୍ଷା, ଝଡ, ତୋଫାନ ମଧ୍ୟରେ ଏ ଆଦିବାସୀ ପରିବାର। ଠିକ୍ ସେତିକିବେଳେ ଏ କଥା ମଧ୍ୟ ଭାବିହେବ - ବଡ଼ବାବୁ ମାନେ, ବ୍ଲକର ବି. ଡି. ଓ. , ଜିଲ୍ଲାର ଜିଲ୍ଲାପାଳ କେଉଁ ଘରେ, କିପରି ପରିବେଶରେ ରହୁଛନ୍ତି। କେହି କ'ଣ କହିବେ କି - ଏମାନେ ଏମିତି ସଢ଼ି ସଢ଼ି ବଞ୍ଚିବାକୁ ଜନ୍ମ ହୋଇଛନ୍ତି ? ଭଲ ଘର ଖଣ୍ଡିଏ ପାଇଁ କ'ଣ ଏମାନଙ୍କ ଅଧିକାର ନାହିଁ ? ଗରିବ, ଆଦିବାସୀ, ଅସହାୟ ପାଇଁ କ'ଣ ଅଧିକାର ଟା ମୌଳିକ ନୁହେଁ?

ଗୋଟିଏ ବଖରା ଘରର ଛପର ମରାମତି ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ଯେ, କର୍ତ୍ତୃପକ୍ଷ ଏହାକୁ ହାତକୁ ନେଲେ ନାହିଁ ? କଥାଟା ଅର୍ଥରେ ଅଟକି ନାହିଁ। ଏ ବନ୍ଧା ପଡିଛି ମାନସିକତାରେ। ଗରିବ, ଆଦିବାସୀଙ୍କ ପ୍ରତି ବଡ ଲୋକଙ୍କ ନଜରିଆରେ। ଗରିବଙ୍କ ପିଲା ତୋଫାନ ମାଡ ଖାଇବେ। ସେ ସହି ପାରିବେ। ବର୍ଷା ଭିଜା ମାଟିରେ ଶୋଇବେ। ହଁ, ସେ ପାରିବେ। ଧୂଳି, ଝଡ ଭିତରେ ସେ ରହିପାରିବେ। ହଁ, ପାରିବେ। ଏଇଟା ବୋଧେ ତାଙ୍କର ମୌଳିକ ନହେଲେ ବି, ଜନ୍ମଗତ ଅଧିକାର !

ଏବେତ ସରକାର ଓ ପ୍ରଶାସନ ସହିତ କିଛି କିଛି ନୂଆ ଶବ୍ଦ ଯୋଡ଼ି ହୋଇ ଯାଇଛିଃ ଲୋକଙ୍କ ମୁଖ୍ୟମନ୍ତ୍ରୀ, ଲୋକଙ୍କ ସରକାର। କ୍ରୀୟାଶୀଳ ପ୍ରଶାସନ, ଲୋକାଭିମୁଖି ଯୋଜନା। ଏକ ଗରିବ, ଆଦିବାସୀ, ଦିନ ମଜୁରିଆ ପରିବାର ପ୍ରତି ଏପରି ମାନସିକତା ଦେଖିଲେ, ପ୍ରଶ୍ନ ଉଠୁଛି - ଏ ନୂଆ ନୂଆ ଶ୍ରୁତି ମଧୁର ଶବ୍ଦ ସିନା ଯୋଡି ହୋଇଯାଇଛି, ହେଲେ, ସରକାରଙ୍କ ଦୃଷ୍ଟିକୋଣ କ'ଣ କିଛି ବଦଳିଛି ? ପ୍ରଶାସନ ବିକଳାଙ୍ଗ ମାନସିକତାର ରୋଗରେ ପୀଡିତ ହୋଇଛି ! ଏଇ ବ୍ୟାଧି ରୁ ମୁକ୍ତ ହେଲେ, ଏ ଶବ୍ଦସବୁ ନିଜ ପାଇଁ ଅର୍ଥ ରଖିବେ।


ଭୁବନେଶ୍ୱର,
ମୋବାଇଲ୍ଃ୭୯୭୮୨୧୦୮୨୧




# ଓଡ଼ିଶା ଗଠନର ସର୍ବଶ୍ରେଷ୍ଠ ସ୍ଥପତି କୃଷ୍ଣଚନ୍ଦ୍ର ଗଜପତି




ରୀତା ସ୍ୱାଇଁ


ଦେଶପ୍ରେମର ମହନୀୟ ପ୍ରତୀକ, ଦେଶମିଶ୍ରଣର ଅଦ୍ୱିତୀୟ ଯୋଦ୍ଧା ତଥା ଯୋଗଜନ୍ମା ପୁରୁଷ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ। ଓଡ଼ିଆ ଜାତିର ସଙ୍କଟମୟ ସମୟରେ ଆବିର୍ଭୂତ ହୋଇ ନିଜର ନିଃସ୍ୱାର୍ଥପର ସେବାରେ ନିଜକୁ ଦେଶ ଓ ଜାତି ପାଇଁ ଉତ୍ସର୍ଗ କରିଥିଲେ। ସେ ୧୮୯୨ ମସିହା ଏପ୍ରିଲ ୨୬ତାରିଖ ବୈଶାଖ ଅମାବାସ୍ୟା ତିଥିରେ ପିତା ଗୌରଚନ୍ଦ୍ର ଗଜପତି ଓ ମାତା ରାଧାମଣୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ଗୃହଶିକ୍ଷକ ଆପନ୍ନା ପଣ୍ଡା ଏବଂ ଶ୍ୟାମସୁନ୍ଦର ରାଜଗୁରୁଙ୍କଠାରେ ଆରମ୍ଭ ହୋଇଥିଲା। ତାଙ୍କୁ ୧୩ବର୍ଷ ବୟସ ହୋଇଥିବାବେଳେ ୧୯୦୫ମସିହାରେ ପିତାଙ୍କର ମୃତ୍ୟୁ ହୋଇଥିଲା। କୃଷ୍ଣଚନ୍ଦ୍ର ନାବାଳକ ହେତୁ ପାରଳାଖେମୁଣ୍ଡି ଇଷ୍ଟେଟ୍‌ର ପରିଚାଳନା ଭାର ସରକାର ଗ୍ରହଣ କରିବା ପରେ ତାଙ୍କୁ ଉଚ୍ଚଶିକ୍ଷା ପାଇଁ ମାନ୍ଦ୍ରାଜ ପଠାଗଲା। ସେ ଉଚ୍ଚଶିକ୍ଷା ସମାପନକରି ୧୯୧୨ ସେପ୍ଟେମ୍ବରରେ ପାରଳାଖେମୁଣ୍ଡି ଫେରିଆସି ୧୯୧୩ ଏପ୍ରିଲ୍ ୧୩ତାରିଖ ଦିନ ରାଜ୍ୟର ଶାସନଭାର ଗ୍ରହଣ କଲେ। ସେ ରାଜ୍ୟଭାର ଗ୍ରହଣ କରିବାପରେ ଶିକ୍ଷା ଓ ଭାଷା ଉପରେ ଗୁରୁତ୍ୱ ଦେଲେ। ୧୯୧୪ ଜାନୁଆରୀ ୨୮ରେ ଖରସୁଆଁ ରାଜା ମହେନ୍ଦ୍ର ନାରାୟଣ ସିଂଦେଓଙ୍କ ଜେମା ନଳିନୀ ଦେବୀଙ୍କ ସହ ବିବାହକରି ଦୁଇଗୋଟି ପୁତ୍ର ଓ ଦୁଇଗୋଟି କନ୍ୟା ସନ୍ତାନର ଜନକ ହୋଇଥିଲେ। ତାଙ୍କୁ ୨୮ବର୍ଷ ବୟସରେ ପତ୍ନୀଙ୍କ ବିୟୋଗ ଘଟିଥିଲା।

ସେ ରାଜଗାଦିରେ ବସିବାପରେ କେତେଗୁଡ଼ିଏ ଶପଥ ନେଇଥିଲେ।

୧. ପିତାଙ୍କର ସଂରକ୍ଷିତ ରାଜକୋଷରେ ଥିବା ୨୫ଲକ୍ଷ ଟଙ୍କାକୁ ନିଜର ଭୋଗବିଳାସରେ ବ୍ୟୟ କରିବେ ନାହିଁ।
୨. ତାଙ୍କର ପୂର୍ବପୁରୁଷଙ୍କର କୀର୍ତ୍ତିରାଜିକୁ ପରିବର୍ଦ୍ଧିତ କରିବେ।
୩. ଲୋକହିତକର ଅନୁଷ୍ଠାନମାନ ଗଠନକରି ପ୍ରଜାମଙ୍ଗଳ ପାଇଁ ସତତ ନିୟୁକ୍ତ ରହିବେ।
୪. ପଦବ୍ରଜରେ ଯାଇ ବ୍ରହ୍ମକପାଳରେ ପିତା, ପିତାମହଙ୍କୁ ପିଣ୍ଡଦାନ କରିବେ।
୫. ସ୍କଟ୍‌ଲାଣ୍ଡ୍‌ର ଜଙ୍ଗଲ ଭିତରେ ପଶୁ ଶୀକାର କରିବେ। ସେ ରାଜବଂଶର ପରମ୍ପରା ଓ ଆଦର୍ଶକୁ ଅତି ନିଷ୍ଠାରସହ ପାଳନ କରିଥିବାରୁ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ ମହାରାଜା ଉପାଧିରେ ଭୂଷିତ କରିଥିଲେ।

ସେ ଜଣେ ଦେଶପ୍ରେମୀ, ପ୍ରଜାବତ୍ସଳ, ସୁଶାସକ ଭାବରେ ପରିଚିତ। ପ୍ରଜାମାନଙ୍କର ଉପକାର ପାଇଁ ବହୁ ସ୍କୁଲ୍, କଲେଜ, କୃଷିଫାର୍ମ ପ୍ରତିଷ୍ଠା କରିଥିଲେ। ପାରଳାଖେମୁଣ୍ଡିର ଯେଉଁ ମେଧାବୀ ଛାତ୍ରମାନେ ପରୀକ୍ଷାରେ ସଫଳତା ହାସଲ କରୁଥିଲେ ବୃତ୍ତି ଦେଇ ସେମାନଙ୍କୁ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟକୁ ପଠାଉଥିଲେ। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସେ ବହି କିଣିବା ପାଇଁ ଟଙ୍କା ଦେଉଥିଲେ। ମାନ୍ଦ୍ରାଜର କୁନୁରୁଠାରେ ଥିବା ଖାଦ୍ୟ ଗବେଷଣା କେନ୍ଦ୍ରକୁ ଏକଲକ୍ଷ ଟଙ୍କା ଅନୁଦାନ ଦେଇ ପ୍ରତିବର୍ଷ ଜଣେ ଓଡ଼ିଆ ଛାତ୍ରଙ୍କୁ ଗବେଷଣା ସୁଯୋଗ ଦେବା ନିମନ୍ତେ ସ୍ଥାନ ସଂରକ୍ଷଣ କରିଥିଲେ। ସେହିପରି କୋଇମ୍ବାଟୁର କୃଷି କଲେଜ ଓ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ମଧ୍ୟ ଓଡ଼ିଆ ଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିଥିଲେ। ବିଦ୍ୟାଳୟଠାରୁ ଆରମ୍ଭକରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ପାରଳାର ସବୁ ଶିକ୍ଷାନୁଷ୍ଠାନ ପରିଚାଳନା ଭାର ସେ ନିଜେ ବହନ କରିବାସହ ନାରୀଶିକ୍ଷା ପାଇଁ ଏକ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଥିଲେ। ସଂସ୍କୃତ ଭାଷା ସାହିତ୍ୟର ଅନୁଶୀଳନ ଓ ପ୍ରସାର ନିମନ୍ତେ ଏକ ସଂସ୍କୃତ କଲେଜ ସ୍ଥାପନ କରିଥିଲେ। ଶିକ୍ଷାର ପ୍ରସାର ପାଇଁ ମହାରାଜା ପାରଳାଖେମୁଣ୍ଡି ସହରରେ ଅନେକ ପ୍ରାଥମିକ ସ୍କୁଲ ପ୍ରତିଷ୍ଠାକରି ମହାନ୍ ବ୍ୟକ୍ତିଙ୍କ ନାମରେ ନାମିତ କରିଥିଲେ। ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସମ୍ପ୍ରସାରଣ କରିଥିଲେ। ସ୍ଥାନାଭାବ ଦୂର କରିବାପାଇଁ ଉଚ୍ଚବିଦ୍ୟାଳୟ କୋଠାକୁ ବଢ଼ାଇ ମାନ୍ଦ୍ରାଜ କଲେଜରେ ଥିବା ନିଜ ଗୁରୁଙ୍କ ନାମରେ ଏହାକୁ Morrison Extension ବା ମୋରିସନ ସମ୍ପ୍ରସାରଣ ନାମିତ କରିଥିଲେ। ୧୫ ମଇ ୧୯୧୩ରେ ଉତ୍କଳ ସାହିତ୍ୟ ସମାଜକୁ ୧୫୦ଟଙ୍କା ଦାନ ଦେବାସହ ସତ୍ୟବାଦୀ ବନବିଦ୍ୟାଳୟକୁ ୧୯୧୩ ଜୁନ୍ ୧ରେ ୫୦୦ଟଙ୍କା ଦାନ ଦେଇଥିଲେ। ପାରଳାଖେମୁଣ୍ଡିଠାରୁ ନୌପଡ଼ା ପର୍ଯ୍ୟନ୍ତ ରେଳପଥକୁ ସେ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଥିଲେ। କାଶିନଗର ନିକଟରେ 'ନଳିନୀ କୃଷ୍ଣସାଗର' ଓ ବର୍ତ୍ତମାନ ଶ୍ରୀକାକୋଲମ ଜିଲ୍ଲା ମଧ୍ୟରେ ରହିଥିବା 'ବାଗାସାଗର' ନିର୍ମାଣ କରିଥିଲେ। ପୁନଶ୍ଚ ପାରଳାଖେମୁଣ୍ଡିଠାରୁ ୭ କି.ମି. ଦୂରରେ 'ହୋମ ଫାର୍ମ' ନାମକ ଏକ କୃଷିକ୍ଷେତ୍ର ପ୍ରସ୍ତୁତ କରିବାସହ ପାରଳାଖେମୁଣ୍ଡି ସହର ଉପକଣ୍ଠ ମହେନ୍ଦ୍ର ତନୟା ନଦୀକୂଳରେ 'ବସନ୍ତ ନିବାସ' ନାମରେ ଏକ ରାଜପ୍ରାସାଦ ନିର୍ମାଣ କରିଥିଲେ, ଯାହାକି ପାରଳାର କେବଳ ନୁହେଁ ବରଂ ଓଡ଼ିଶାର ଏକ ଦର୍ଶନୀୟ ସ୍ଥାନ।



୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ଏ ଦୁର୍ଦ୍ଧର୍ଷ ଜାତିକୁ ଭାଗ ଭାଗ କରି ଏକାଧିକ ପ୍ରଦେଶ ସଙ୍ଗରେ ମିଶାଇ ପଙ୍ଗୁ ଓ କ୍ଳୀବ କରିଦେଲେ। ଓଡ଼ିଶାର ଉତ୍ତର ଓ ପୂର୍ବ ଅଞ୍ଚଳ ବଙ୍ଗଳା ସହ, ପଶ୍ଚିମ ଓଡ଼ିଶା ମଧ୍ୟପ୍ରଦେଶ ସହ ଓ ଦକ୍ଷିଣ ଓଡ଼ିଶା ମାଡ୍ରାସ୍ ପ୍ରେସିଡେନ୍ସି ସହ ଯୋଡ଼ିହୋଇ ରହିଲା। ସେଥିଯୋଗୁଁ ବିଭିନ୍ନ ପ୍ରଦେଶରେ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରକରି ସ୍ୱତନ୍ତ୍ର ପ୍ରଦେଶର ରୂପ ଦେବାପାଇଁ ଏକ ବୌଦ୍ଧିକ ଜାଗରଣର ସୂତ୍ରପାତ ହୋଇଥିଲା। ମଧୁସୂଦନ ଦାସଙ୍କ ନେତୃତ୍ୱରେ ସଙ୍ଗଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କଟକ ଇଦ୍‌ଗା ପଡ଼ିଆଠାରେ ୧୯୦୩ ଡିସେମ୍ବର ୩୦ ଓ ୩୧ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରସ୍ତାବକୁ ଅଗ୍ରାଧିକାର ଦିଆଯାଇଥିଲା। ଏହି ସମ୍ମିଳନୀ ବିଭିନ୍ନ ସମୟରେ ଆହୂତ ହେବାସହ ସମ୍ମିଳନୀର ଦଶମ ଅଧିବେଶନ ୧୯୧୪ ଡିସେମ୍ବର ୨୬ ଓ ୨୭ତାରିଖରେ ପାରଳାଖେମୁଣ୍ଡିଠାରେ ତାଙ୍କର ପୂର୍ଣ୍ଣ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସଭାପତିତ୍ୱ କରିଥିଲେ ଜୟପୁର ରାଜା ବୀର ବିକ୍ରମ ଦେବବର୍ମା। ଏହି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠିକରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଆବଶ୍ୟକ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସଭାରେ ସିଂହଭୂମ, ଜୟପୁର ଓ ଫୁଲଝର ପ୍ରଭୃତି ଅଞ୍ଚଳରେ ଓଡ଼ିଆ କଚେରୀ ଭାଷା ଓ ଜୟପୁରକୁ ସ୍ୱତନ୍ତ୍ର ଜିଲ୍ଲା କରିବାକୁ ଦାବି ହୋଇଥିଲା। ମହାରାଜା ଏ ଓଡ଼ିଆ ଜାତିର ଆଶା ଓ ଆକାଂକ୍ଷା ପୂରଣ ପାଇଁ ନିଜର ସମସ୍ତ ତ୍ୟାଗ, ନିଷ୍ଠା ଓ ଏକାଗ୍ରତା ସହିତ ନେତୃତ୍ୱ ଅବ୍ୟାହତ ରଖିଲେ। ୧୯୨୭ ନଭେମ୍ବର ୭ତାରିଖ ଦିନ ଭାରତର ଶାସନ ସଂସ୍କାର ନିମନ୍ତେ ସାଇମନ କମିଶନ ବସିଲା। ଏହାକୁ ଜାତୀୟ କଂଗ୍ରେସ ବହିଷ୍କାର କରିଥିବାରୁ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ କୃଷ୍ଣଚନ୍ଦ୍ର ସାଇମନ କମିଶନକୁ ସ୍ୱାଗତ କରିଥିଲେ। ଫଳରେ କମିଶନ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଅନୁକୂଳ ମତ ଦେଲେ।

୧୯୩୧ ଜାନୁଆରୀ ୧୬ରେ ଲଣ୍ଡନଠାରେ ଭାରତର ଶାସନତାନ୍ତ୍ରିକ ସମସ୍ୟା ବିଚାର ପାଇଁ ଯେଉଁ ପ୍ରଥମ ଗୋଲ୍‌ଟେବୁଲ୍ ବୈଠକ ବସିଲା, ସେଥିରେ ମହାରାଜା ପ୍ରତିନିଧି ଭାବେ ଯୋଗଦେଇ ଦେଶ ମିଶ୍ରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବିସହ ଏକ ଦୀର୍ଘ ମର୍ମସ୍ପର୍ଶୀ ଐତିହାସିକ ଉଦ୍‌ବୋଧନ ଦେଇଥିଲେ। ତାଙ୍କ ଉଦ୍‌ବୋଧନର ବାର୍ତ୍ତା ଥିଲା ଚାରିଗୋଟି ପ୍ରଦେଶରେ ଅତ୍ୟାଚାରିତ ଭାବେ ରହିଥିବା ଓଡ଼ିଆଭାଷୀ ଲୋକଙ୍କୁ ଏକଶାସନ ଅଧୀନରେ ରଖି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା। ସେ ଇଂରେଜ ଶାସନ କର୍ତ୍ତୃପକ୍ଷଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ବୈଠକ ଶେଷରେ ଇଂରେଜ ସରକାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଇଚ୍ଛାପ୍ରକାଶ କଲେ। ସେଥିପାଇଁ ୧୯୩୧ ଜୁନ୍ ୧୨ତାରିଖରେ ଲଣ୍ଡନଠାରେ ଏକ କମିଟି ଗଠିତ ହୋଇଥିଲା।

ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ ଓ'ଡ଼ନେଲ କମିଟି ୧୯୩୧ ସେପ୍ଟେମ୍ବର ୧୮ତାରିଖରେ ଗଠିତ ହୋଇଥିଲା। ଏହାକୁ ଜାତୀୟ କଂଗ୍ରେସ ବର୍ଜନ କରିଥିଲାବେଳେ କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ସ୍ୱାଗତକରି ଓଡ଼ିଶାର ପକ୍ଷ ରଖିଥିଲେ। ପରିଶେଷରେ ମହାରାଜା ଏକ ସାତଜଣିଆ କମିଟିର ନେତୃତ୍ୱନେଇ ଲଣ୍ଡନ ଯାତ୍ରାକରି ୧୯୩୩ ମସିହା ଜୁଲାଇ ୩ତାରିଖରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତକରି ମତାମତ ଜଣାଇଲେ। ସେହି ଅନୁସାରେ ଭାରତ ସରକାରଙ୍କ ବିଲ୍ ଭିତରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବ୍ୟବସ୍ଥାସବୁ ତାଲିକାଭୁକ୍ତ କରାଯାଇ ୧୯୩୬ ମସିହା ଏପ୍ରିଲ୍ ୧ତାରିଖ ଦିନ ଓଡ଼ିଶା ପ୍ରଦେଶ ଗଠନ କରାଗଲା। ଏହାପରେ ପ୍ରଥମ ଲୋକପ୍ରତିନିଧି ସରକାର ଗଢ଼ାଯାଇ ସେ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ଏପ୍ରିଲ୍ ୧ରେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ଓଡ଼ିଶାର ନେତୃମଣ୍ଡଳୀଙ୍କ ଅନୁରୋଧକ୍ରମେ ସେ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ଭାବେ ୩ ନଭେମ୍ବର ୧୯୪୧ ରୁ ୩୦ ଜୁନ୍ ୧୯୪୪ ପର୍ଯ୍ୟନ୍ତ ଦୁଇବର୍ଷ ଆଠମାସ ପ୍ରଧାନମନ୍ତ୍ରୀ ଭାବେ ଓଡ଼ିଶାର ସମୃଦ୍ଧିକୁ ଅଗ୍ରାଧିକାର ଦେଇଥିଲେ। ତାଙ୍କର ଲୋକହିତକର କାର୍ଯ୍ୟକୁ ସମ୍ମାନ ଜଣାଇ ଗଜପତି ଜିଲ୍ଲା, ବ୍ରହ୍ମପୁର ମେଡ଼ିକାଲ କଲେଜକୁ ତାଙ୍କ ନାମରେ ନାମିତ କରାଯାଇଥିଲା। ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କର ଦେଶସେବା ପାଇଁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ।

୧୯୭୪ ମସିହା ମଇ ୨୫ତାରିଖରେ ଏହି ମହନୀୟ ପ୍ରତିଭାଙ୍କର ତିରୋଧାନ ଘଟିଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ନାନ୍ଦିକାର ଭାବେ ସମଗ୍ର ଓଡ଼ିଆଜାତି ଚିରଦିନ ପାଇଁ ତାଙ୍କର କୃତିକୁ ସ୍ମରଣ କରିବ। ଦେଶ ପ୍ରଗତିର ଏହି ମହନୀୟ ଜ୍ୟୋତି ଓଡ଼ିଶା ଗଠନର ସର୍ବଶ୍ରେଷ୍ଠ ସ୍ଥପତି।


ଖଜରା, କସର୍ଦା, କଟକ
ଫୋନ୍ଃ ୮୯୧୭୬୯୦୮୪୯

# ବଙ୍ଗ ଦଖଲ ଅଭିଯାନ ଜୋରଦାର

## ଏସଆଇଆର ସମ୍ଭାବନା




### ବିହାର ଘଟଣାର ହେବ ପୁନରାବୃତ୍ତି

### ବଙ୍ଗରେ ବଦଳିବ ରାଜନୈତିକ ସମୀକରଣ

ନୂଆଦିଲ୍ଲୀ, ୨୫।୪:ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମ ବଙ୍ଗରେ ବମ୍ପର ଭୋଟିଂ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଆହୁରି କିଛି ଦିନ ବାକିଥିବା ବେଳେ ଏହାକୁ ନେଇ ରାଜନୈତିକ ସମୀକ୍ଷକମାନେ ଫଳାଫଳ ଅଙ୍କ କଷିବା ଆରମ୍ଭ କଲେଣି। ରାଜନୈତିକ ସମୀକ୍ଷକମାନେ ଏହି ବିପୁଳ ଭୋଟିଂକୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସହ ଯୋଡ଼ିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ଗଣିତ ଅନୁଯାୟୀ, ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏସଆଇଆର ପରେ ଭୋଟର ତାଲିକାକୁ ସଫା କରାଯାଇଥିଲା। ତତ୍କାଳୀନ ବିହାର ସରକାର ଏବଂ ଭାରତୀୟ ନିର୍ବାଚନ କମିଶନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଅଟଳ ରହିଥିଲେ। ଯେତେବେଳେ ଏସଆଇଆର ରିପୋର୍ଟ ବାହାରିଲା, ଲକ୍ଷ ଲକ୍ଷ ନାମ ବାଦ ଦିଆଯାଇଥିଲା। ତଥାପି ବିହାରରେ ୬୭ ପ୍ରତିଶତ ଭୋଟିଂ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ମଧ୍ୟ ବିହାରର ସର୍ବକାଳୀନ ସର୍ବାଧିକ ମତଦାନ ଥିଲା। ପୁଣି ଫଳାଫଳ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନଡିଏ) ସପକ୍ଷରେ ଯାଇଥିଲା। ଏନଡିଏ ମେଣ୍ଟ ୨୪୩ ଆସନରୁ ୨୦୨ ଆସନ ଜିତିଥିଲା। ଏନଡିଏ ସମର୍ଥିତ ପ୍ରାର୍ଥୀ ନୀତିଶ କୁମାର ଏକ ବଡ଼ ବିଜୟ ହାସଲ କରିଥିଲେ।

ସମୀକ୍ଷକଙ୍କ ମତରେ, ଏସବୁ କେବଳ ସମ୍ଭବ ହୋଇଥିଲା ଏସଆଇଆର ପାଇଁ। ଏସଆଇଆର ମାଧ୍ୟମରେ ସ୍ୱଚ୍ଛ ତାଲିକା ପ୍ରସ୍ତୁତ କରାଯିବାରୁ ପ୍ରକୃତ ମତଦାତା ଆସିଥିଲେ ଓ ନୀତୀଶ କୁମାରଙ୍କ ଲାଭ ହୋଇଥିଲା। ପଶ୍ଚିମବଙ୍ଗରେ ମଧ୍ୟ ବିହାର ଘଟଣାର ପୁନରାବୃତ୍ତି ହୋଇପାରେ ବୋଲି କୁହାଯାଉଛି। ବିହାର ପରି ପଶ୍ଚିମବଙ୍ଗରେ ମଧ୍ୟ ଏସଆଇଆର ସମାନ ଭୂମିକା ଗ୍ରହଣ କରିପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ଅଙ୍କ କଷିବା ଆରମ୍ଭ କରିଛନ୍ତି। ଅବଶ୍ୟ ଏସଆଇଆର ଲାଗୁ କ୍ଷେତ୍ରରେ ବିହାର ଏବଂ ପଶ୍ଚିମବଙ୍ଗର ପ୍ରେକ୍ଷାପଟ ସାମାନ୍ୟ ଭିନ୍ନ। ବିହାରରେ ସରକାର ଓ ଭାରତୀୟ ନିର୍ବାଚନ କମିଶନ ଏସଆଇଆର ସପକ୍ଷରେ ଥିବା ବେଳେ ପଶ୍ଚିମବଙ୍ଗରେ ଏସଆଇଆରକୁ ରାଜ୍ୟ ଶାସନ ଦାୟିତ୍ୱରେ ଥିବା ତୃଣମୂଳ ବିରୋଧ କରିଛି। ନିର୍ବାଚନ କମିଶନ କିନ୍ତୁ ଏସଆଇଆର ନେଇ ତାଙ୍କ ନିଷ୍ପତ୍ତିରେ ଦୃଢ଼ ରହିବା ସହ ସୁପ୍ରିମକୋର୍ଟଙ୍କ ସମର୍ଥନ ହାସଲ କରି ସ୍ୱତନ୍ତ୍ର ସଘନ ସଂଶୋଧନ ଜରିଆରେ ଭୋଟିଂ ତାଲିକାକୁ ସ୍ୱଚ୍ଛ କରିଛନ୍ତି। ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ସ୍ୱାଧୀନତା ପରବର୍ତ୍ତୀ ମତଦାନ ହାର ୯୦ ପ୍ରତିଶତ ଅତିକ୍ରମ କରି ସର୍ବକାଳୀନ ରେକର୍ଡ଼ କରିଛି। ବିହାର, ଏସଆଇଆର ଏବଂ ସର୍ବକାଳୀନ ରେକର୍ଡ ମତଦାନକୁ ବିଚାରକୁ ନେଇ ଯଦି ବିଚାର କରାଯାଏ, ତା'ହେଲେ ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବାର ସମ୍ଭାବନା ଅଧିକ ରହିଛି ବୋଲି ସମୀକ୍ଷକମାନେ ଆକଳନ କରିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ ୨୩ ରେ ହୋଇଥିବା ପ୍ରଥମ ପର୍ଯ୍ୟାୟରେ ନର୍ବାଚନରେ ୧୫୨ଟି ଆସନରେ ରେକର୍ଡ ୯୨.୮୮ ପ୍ରତିଶତ ମତଦାନ ହୋଇଛି। ଏପ୍ରିଲ ୨୯ ତାରିଖରେ ୧୪୨ଟି ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗ୍ରହଣ କରାଯିବ। ତା' ପୂର୍ବରୁ ପଶ୍ଚିମବଙ୍ଗରେ ରାଜନୈତିକ ସମୀକରଣ ବଦଳିବ ବୋଲି ଏବେଠାରୁ କଳ୍ପନା ଜଳ୍ପନା ଆରମ୍ଭ ହୋଇଗଲାଣି।



### ମୋଦିଙ୍କ ମାଷ୍ଟରଷ୍ଟ୍ରୋକ୍

## ଅଶୋକ ଲାହିରି ନୀତି ଆୟୋଗର ଉପାଧ୍ୟକ୍ଷ

କୋଲକାତା, ୨୫।୪:ପଶ୍ଚିମବଙ୍ଗରେ ନିର୍ବାଚନୀ ଉଷ୍ମତା ଚରମ ସୀମାରେ ଥିବାବେଳେ କେନ୍ଦ୍ରର ମୋଦି ସରକାର ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି। ପଶ୍ଚିମବଙ୍ଗର ବାଲୁରଘାଟ ଆସନରୁ ବିଜେପି ବିଧାୟକ ତଥା ଦେଶର ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିରିଙ୍କୁ ନୀତି ଆୟୋଗର ପରବର୍ତ୍ତୀ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେ ବର୍ତ୍ତମାନର ଉପାଧ୍ୟକ୍ଷ ସୁମନ ବେରୀଙ୍କ ସ୍ଥାନ ନେବେ। ଅଶୋକ ଲାହିଡ଼ି ଭାରତ ସରକାରଙ୍କ ଦ୍ୱାଦଶ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିସାରିଛନ୍ତି। ୨୦୦୨ରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଏହି ଦାୟିତ୍ୱ ପାଇଥିଲେ ଏବଂ ମନମୋହନ ସିଂହଙ୍କ ସରକାର ସମୟରେ ମଧ୍ୟ ୨୦୦୭ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ବର୍ତ୍ତମାନ ବିଜେପି ଏବଂ ତୃଣମୂଳ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ଚାଲିଛି। ଲାହିଡ଼ି ବର୍ତ୍ତମାନ ବିଜେପି ବିଧାୟକ ଅଛନ୍ତି। ମାତ୍ର ଏଥର ସେ ନିର୍ବାଚନ ଲଢ଼ୁନାହାନ୍ତି। ଏଭଳି ସମୟରେ ତାଙ୍କୁ ଜାତୀୟସ୍ତରରେ ଏକ ବଡ଼ ଦାୟିତ୍ୱ ଦେଇ କେନ୍ଦ୍ର ସରକାର ବଙ୍ଗୀୟ ଭୋଟରଙ୍କୁ ଏକ ସକାରାତ୍ମକ ବାର୍ତ୍ତା ଦେବାକୁ ଚେଷ୍ଟା କରିଥିବା ଚର୍ଚ୍ଚା ହେଉଛି।

### ମୋଦିଙ୍କୁ ମମତାଙ୍କ ଆମନ୍ତ୍ରଣ

## 'ଆମ ବଙ୍ଗଳାର ମାଛ-ଭାତ ଭାରି ସୁଆଦିଆ, ଥରେ ଚାଖନ୍ତୁ'



କୋଲକାତା,୨୫।୪:ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସକାଳେ ଗଙ୍ଗାନଦୀରେ ନୌବିହାର କରିଥିବା ଘଟଣାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଟାକ୍ଷ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗଙ୍ଗା ବିହାରକୁ ସେ ଏକ ସାଧାରଣ ଫଟୋ ସେସନ୍ ବୋଲି କହିଛନ୍ତି। ଏଥିସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ମମତା କହିଛନ୍ତି ଯେ, ଆମର ଗଙ୍ଗା ପବିତ୍ର; ସେଥିପାଇଁ ପ୍ରଧାନମନ୍ତ୍ରୀ ଡଙ୍ଗା ଯାତ୍ରାର ମଜା ନେଇପାରିଲେ। ସେ କ'ଣ ଦିଲ୍ଲୀର ଯମୁନା ନଦୀରେ ମଧ୍ୟ ସେହିପରି କରିପାରିବେ? ମମତା ଆହୁରି କହିଛନ୍ତି, ଆପଣ ଗଙ୍ଗାରେ ଡଙ୍ଗା ଯାତ୍ରା କଲେ। ବହୁତ ଭଲକଥା। ଆପଣଙ୍କୁ ସ୍ୱାଗତ। ମୁଁ ମଧ୍ୟ ଚନ୍ଦନନଗର ପରିଦର୍ଶନ କରେ। ମୁଁ ବି ଗଙ୍ଗା ସାଗରକୁ ତୀର୍ଥ ବୋଲି ମାନେ। ତଥାପି ମୁଁ ଆପଣଙ୍କୁ ଚ୍ୟାଲେଞ୍ଜ କରୁଛି। ଆପଣ କ'ଣ ଦିଲ୍ଲୀର ଯମୁନାରେ ବୁଡ଼ ପକାଇ ପାରିବେ? ଦିଲ୍ଲୀର ଯମୁନା ସମ୍ପୂର୍ଣ୍ଣ ପ୍ରଦୂଷିତ। ଆପଣ ଦିଲ୍ଲୀରେ ଯମୁନାକୁ ପରିଚାଳନା କରିପାରିବେ ନାହିଁ। ସେଥିପାଇଁ ଆପଣ କେବଳ ଫଟୋଗ୍ରାଫି ପାଇଁ ଆମ ଗଙ୍ଗାକୁ ଆସିଛନ୍ତି ବୋଲି ମମତା ହାୱଡାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଝାରଗ୍ରାମରେ ଝାଲମୁଢ଼ି ଖାଇବା ଘଟଣାକୁ ଏକ ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ , ମମତା ମୋଦିଙ୍କୁ ସମ୍ବୋଧନ କରି କହିଛନ୍ତି, ଯଦି ଆପଣ ପ୍ରକୃତରେ ବଙ୍ଗଳାକୁ ଭଲ ପାଆନ୍ତି, ତା'ହେଲେ ଆପଣ କ'ଣ ଥରେ ଆମର ମାଛ ଆଉ ଭାତ ଚାଖିବେ ନାହିଁ? ମୁଁ ନିଜେ ଆପଣଙ୍କ ପାଇଁ ମାଛ ଭାତ ରାନ୍ଧିବି।

### ପୁଣି ଚେତାବନୀ ଦେଲା ଇରାନ

## ଅବରୋଧ ଓ ଲୁଣ୍ଠନ ଜାରି ରଖିଲେ ପ୍ରତିଶୋଧ ନେବୁ

ତେହରାନ,୨୫।୪: ଇରାନୀ ପ୍ରତିନିଧି ଦଳ ବର୍ତ୍ତମାନ ପାକିସ୍ତାନରେ ଉପସ୍ଥିତ ଅଛନ୍ତି। ଦେଶର ବୈଦେଶିକ ମନ୍ତ୍ରୀ ନିଜେ ଏହି ଦଳର ନେତୃତ୍ୱ ନେଉଛନ୍ତି । ଆମେରିକା ଏବଂ ଇରାନ ମଧ୍ୟରେ ସିଧାସଳଖ ଆଲୋଚନା ହେବାର ସମ୍ଭାବନା ସମ୍ପର୍କରେ କଳ୍ପନାଜଳ୍ପନା ଚାଲିଥିବା ବେଳେ, ଇରାନୀ ସେନା ଏହି ସମୟ ମଧ୍ୟରେ କହିଛି ଯେ ଯଦି ଆମେରିକା ଏହାର ଅବରୋଧ ଏବଂ 'ଲୁଣ୍ଠନ' କାର୍ଯ୍ୟ ଜାରି ରଖେ ତେବେ ଏହା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଶନିବାର ଦିନ, ଇରାନୀ ସେନା ଘୋଷଣା କରିଛି ଯେ ଯଦି ଆମେରିକା ଇରାନୀ ବନ୍ଦରଗୁଡ଼ିକୁ ଅବରୋଧ କରିବାରେ ଲାଗି ରହେ - ଯାହା କାର୍ଯ୍ୟକୁ ସେ 'ଲୁଣ୍ଠନ' ଏବଂ 'ସାମୁଦ୍ରିକ ଜଳଦସ୍ୟୁ' ଭାବରେ ବର୍ଣ୍ଣନା କରିଛି, ତେବେ ପ୍ରତିଶୋଧ ନେବ। ଶନିବାର ଦିନ, ଇରାନ ଇସ୍ରାଏଲୀ ଗୁଇନ୍ଦା ସଂସ୍ଥା ପାଇଁ କାମ କରୁଥିବା ଜଣେ ଇରାନୀ ନାଗରିକଙ୍କୁ ଚଳିତ ବର୍ଷ ଆରମ୍ଭରେ ଦେଶବ୍ୟାପୀ ପ୍ରତିବାଦ ସମୟରେ ହୋଇଥିବା ଅନ୍ତର୍ଘାତ ଏବଂ ହିଂସା ଅଭିଯୋଗରେ ମୃତ୍ୟୁଦଣ୍ଡ ଦେଇଥିଲା। ଏଜେନ୍ସି କହିଛି ଯେ ଇରଫାନ କିୟାନି ମୋସାଦର ଜଣେ ଭଡାଟିଆ ଗୁଣ୍ଡା ଥିଲେ। ସେ ସରକାରୀ ଏବଂ ବ୍ୟକ୍ତିଗତ ସମ୍ପତ୍ତି ନଷ୍ଟ ଏବଂ ପୋଡ଼ିବାରେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ରୀୟ ଇସଫାହାନ ସହରରେ ଭୟ ଏବଂ ଆତଙ୍କ ବପନ କରିଥିଲେ ଏବଂ ଏକ ଧାରୁଆ ଅସ୍ତ୍ର ବ୍ୟବହାର କରିଥିଲେ। ତସନିମଙ୍କ ଅନୁଯାୟୀ, ସୁପ୍ରିମକୋର୍ଟ ଦ୍ୱାରା ତାଙ୍କ ଦଣ୍ଡାଦେଶକୁ ସମର୍ଥନ କରାଯିବା ଏବଂ ଆଇନଗତ ପ୍ରକ୍ରିୟା ଯଥାର୍ଥ ଭାବରେ ଅନୁସରଣ କରାଯିବା ପରେ ତାଙ୍କୁ ସକାଳ ସମୟରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

## ଚୀନ୍ ଉପରେ କଟକଣା ଲଗାଇଲା ଆମେରିକା

ୱାଶିଂଟନ୍,୨୫।୪: ଡୋନାଲ୍ଡ ଟ୍ରମ୍ପ ଚାଇନାର ଏକ ରିଫାଇନାରୀ ଏବଂ ଇରାନର ତୈଳ ବାଣିଜ୍ୟରେ ଜଡିତ ଅନେକ ଜାହାଜ ଉପରେ କଟକଣା ଲଗାଇଛି। ଏହା ଇରାନର ତୈଳ ରାଜସ୍ୱ ଉପରେ ଚାପ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆମେରିକାର ଟ୍ରେଜେରୀ ବିଭାଗ କହିଛି ଯେ ଏହାର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ହେଙ୍ଗଲି ପେଟ୍ରୋକେମିକାଲ (ଡାଲିଆନ) ରିଫାଇନାରୀ କମ୍ପାନୀ ଲିମିଟେଡ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଭାଗ ଅନୁଯାୟୀ, ଏହି କମ୍ପାନୀ ଇରାନରୁ ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ଉତ୍ପାଦର ସବୁଠାରୁ ବଡ଼ କ୍ରେତାମାନଙ୍କ ମଧ୍ୟରୁ ଗୋଟିଏ। ଟ୍ରେଜେରୀ ସଚିବ ସ୍କଟ ବେସାଣ୍ଟ କହିଛନ୍ତି ଯେ ଆର୍ଥିକ କଟକଣା ଇରାନ ଶାସନ ଉପରେ ଆର୍ଥିକ ନିୟନ୍ତ୍ରଣକୁ କଡ଼ା କରୁଛି, ମଧ୍ୟପ୍ରାଚ୍ୟରେ ଏହାର ଆକ୍ରମଣକୁ ରୋକିଛି ଏବଂ ଏହାର ପରମାଣୁ ମହତ୍ତ୍ୱାକାଂକ୍ଷାକୁ ରୋକିବାରେ ସାହାଯ୍ୟ କରୁଛି। ଏହି କାର୍ଯ୍ୟାନୁଷ୍ଠାନ ଇରାନର ଛାୟା ନୌବାହିନୀର ଅଂଶ ବୋଲି ବିଶ୍ୱାସ କରାଯାଉଥିବା ପ୍ରାୟ ୪୦ଟି ଜାହାଜ କମ୍ପାନୀ ଏବଂ ଜାହାଜକୁ ମଧ୍ୟ ଟାର୍ଗେଟ କରିଛି। ଆମେରିକା କହିଛି ଯେ ଏହି ଜାହାଜଗୁଡ଼ିକ ସାରା ବିଶ୍ୱରେ ତେଲ ଏବଂ ପେଟ୍ରୋକେମିକାଲ ଉତ୍ପାଦ ପରିବହନ କରନ୍ତି, ଇରାନ ସରକାରଙ୍କୁ ପାଣ୍ଠି ଯୋଗାଇ ଦିଅନ୍ତି। ସ୍କଟ ବେସାଣ୍ଟ ଏହା ମଧ୍ୟ କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ, ଆମେରିକା ଜାହାଜ, ମଧ୍ୟସ୍ଥି ଏବଂ କ୍ରେତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିବ ଯେଉଁମାନେ ଇରାନର ତେଲକୁ ବିଶ୍ୱ ବଜାରରେ ପହଞ୍ଚାଇବାରେ ସାହାଯ୍ୟ କରନ୍ତି। ସେ ଚେତାବନୀ ଦେଇଛନ୍ତି ଯେ ଏହି କାର୍ଯ୍ୟକଳାପରେ ସମ୍ପୃକ୍ତ ଯେକୌଣସି ବ୍ୟକ୍ତି କିମ୍ବା ଜାହାଜ ଆମେରିକାର କଟକଣାର ସମ୍ମୁଖୀନ ହୋଇପାରେ।



## ୟୁକ୍ରେନ୍ ଉପରେ ୪୭ କ୍ଷେପଣାସ୍ତ୍ର ମାଡ଼ କଲା ରୁଷ



ମସ୍କୋ,୨୫।୪: ରୁଷ ଏପ୍ରିଲ ୨୪ ଏବଂ ୨୫ ତାରିଖ ରାତିରେ ୟୁକ୍ରେନ ଉପରେ ଏକକାଳୀନ ୪୭ଟି କ୍ଷେପଣାସ୍ତ୍ର ଏବଂ ୬୧୯ଟି ଡ୍ରୋନ୍ ମାଡ଼ କରିଛି ବୋଲି ୟୁକ୍ରେନ ସେନା ଦାବି କରିଛି। ସନ୍ଧ୍ୟା ୬ଟାରେ ଆରମ୍ଭ ହୋଇଥିବା ଏହି ଭୟଙ୍କର ଆକ୍ରମଣରେ ମୋଟ ୬୬୬ଟି ବିମାନ ଆକ୍ରମଣ ରେକର୍ଡ କରାଯାଇଛି। ସ୍ଥଳ, ସମୁଦ୍ର ଏବଂ ଆକାଶ ମାର୍ଗରୁ କରାଯାଇଥିବା ଏହି ବହୁମୁଖୀ ଆକ୍ରମଣ ସମସ୍ତଙ୍କୁ ଆତଙ୍କିତ କରିଦେଇଥିବା କୁହାଯାଉଛି। ରୁଷ ସେନାର ଏହି ନୂତନ କୌଶଳ ୟୁକ୍ରେନର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଆକ୍ରମଣରେ ଇସ୍କନ୍ଦର୍ ଏମ ଏବଂ ଏସ୍-୪୦୦ କ୍ଷେପଣାସ୍ତ୍ର ଭଳି ୧୨ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସାମିଲ ଥିଲା। ଏହି ଭୟଙ୍କର ଆକ୍ରମଣରେ ୨୯ଟି କେଏଚ୍-୧୦୧ କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ୫ଟି କ୍ୟାଲିବର କ୍ଷେପଣାସ୍ତ୍ର ମଧ୍ୟ ବ୍ୟବହାର କରାଯାଇଥିଲା। ରୁଷିଆ ସେନା ସମ୍ପୂର୍ଣ୍ଣ ଭିନ୍ନ ସ୍ଥାନରୁ ଏକକାଳୀନ ଏହି ଘାତକ ଅସ୍ତ୍ରଗୁଡ଼ିକୁ ନିକ୍ଷେପ କରିଥିଲା। ୟୁକ୍ରେନ୍ ମଧ୍ୟ ଦାବି କରିଛି, ଏହାର ଦୃଢ଼ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ବିଶାଳ ଆକ୍ରମଣକୁ ବହୁ ପରିମାଣରେ ମୁକାବିଲା କରିଛି। ବାୟୁସେନା ଅନୁଯାୟୀ, ମୋଟ ୬୧୦ ଟି ଅକ୍ରମଣକୁ ସଫଳତାର ସହ ଏବଂ ମଝି ଆକାଶରେ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଛି। ସେଥି ମଧ୍ୟରେ ୩୦ ଟି ଘାତକ କ୍ଷେପଣାସ୍ତ୍ର ଏବଂ ପ୍ରାୟ ୫୮୦ ଟି ଡ୍ରୋନ୍ ଅନ୍ତର୍ଭୁକ୍ତ ଥିଲା।

## ଅଜିତ୍ ପାୱାରଙ୍କ ମୃତ୍ୟୁ ପଛରେ ଗୁଣିଗାରେଡ଼ି!

ନୂଆଦିଲ୍ଲୀ,୨୫।୪: ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟିର ବରିଷ୍ଠ ନେତା ଅଜିତ ପାୱାର ବିମାନ ଦୁର୍ଘଟଣା ମାମଲାରେ ଏକ ନୂଆ ମୋଡ଼ ନେଇଛି। ଅଜିତଙ୍କ ମୃତ୍ୟୁର ୩ ମାସ ପରେ ଏକ ଅଜବ ଦାବି କରାଯାଉଛି। ଏନସିପି ନେତା ଅମୋଲ ମିତକାରୀ ବାରାମତିରେ ତାଙ୍କ ମୃତ୍ୟୁ ପୂର୍ବରୁ କଳା ଯାଦୁ ଏବଂ "ଅଘୋରୀ ପୂଜା"ର ଚାଞ୍ଚଲ୍ୟକର ଦାବି କରିଛନ୍ତି। ବାରାମତୀ ପ୍ଲେନ୍ ଦୁର୍ଘଟଣାରେ ମହାରାଷ୍ଟ୍ରର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୪ ଜଣ ପ୍ରାଣ ହରାଇଥିଲେ। ଅଜିତ ପାୱାରଙ୍କୁ ସ୍ନେହରେ ସମସ୍ତେ ଦାଦା ଡାକୁଥିଲେ। ଏନସିପି ନେତା ଅମୋଲ ମିତକାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଗମ୍ଭୀର ଅଭିଯୋଗ କରିଛନ୍ତି। ବିଦ୍ୟା ପ୍ରତିଷ୍ଠାନ ଏଆଇ କୋଠର ନିର୍ମାଣ ସ୍ଥଳୀ ନିକଟରେ ଅଘୋରୀ ପୂଜା କରାଯାଇଥିଲା। ଦାଦା ଏହା ପରଦିନ ସକାଳେ ନିର୍ମାଣାଧୀନ କୋଠା ଯାଞ୍ଚ କରିବାକୁ ଆସିବାର ଥିଲା । ଅନ୍ୟ ଏକ ପୋଷ୍ଟରେ ସେ କହିଛନ୍ତି ଦୁର୍ଘଟଣା ପୂର୍ବରୁ ଖଟାଲପଙ୍ଗା କାଟେୱାଡି ଅଞ୍ଚଳରେ ଅଜି ପାୱାରଙ୍କ ବଙ୍ଗଳା ସମ୍ମୁଖରେ ଏକ ଛେଳିକୁ ଓଲଟା ଝୁଲାଇ ଦିଆଯାଇଥିଲା । ସେଠାରେ ଭୟଙ୍କର ରୀତିନୀତି କରାଯାଇଥିଲା । ମିତକାରୀ କହିଛନ୍ତି କିପରି ଅନ୍ଧବିଶ୍ୱାସୀ ଲୋକମାନେ ଦାଦାଙ୍କୁ ଆକ୍ରମଣ କରିପାରିବେ ଯିଏ ନିଜେ ଅନ୍ଧବିଶ୍ୱାସର ଘୋର ବିରୋଧୀ ଥିଲେ । ଏ ଭୟଙ୍କର ସତ ଲୋକଙ୍କ ସାମ୍ନାକୁ ଆସିବା ଦରକାର । କହି ରଖୁଛି କି, ମିଡିଆ ଜଗତରେ ଏପରି ଅନ୍ଧବିଶ୍ୱାସକୁ ବିଶ୍ୱାସ କରାଯାଏ ନାହିଁ।



## ମିନିବସ୍ -ଟ୍ରେଲର ଟ୍ରକ୍ ଧକ୍କା: ବିହୁ ନୃତ୍ୟଶିଳ୍ପୀ ମୃତ



ଗୁଆହାଟୀ, ୨୫।୪: ଆସାମର ଡ଼ୁମୁଲପୁର ଜିଲ୍ଲାରେ ଏକ ମିନି ବସ୍ ଓ ଟ୍ରେଲର ଟ୍ରକ ଧକ୍କାରେ ଆସାମର ଜଣେ ଲୋକପ୍ରିୟ ବିହୁ ନୃତ୍ୟଶିଳ୍ପୀଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ମୃତ ନୃତ୍ୟଶିଳ୍ପୀଙ୍କ ନାଁ ନିଶାମୋନି ହାଲୋଇ ବୋଲି ଜଣାପଡ଼ିଛି। ଶୁକ୍ରବାର ରାତିରେ ନିକଟସ୍ଥ ନୋଆଖିତାକୁ ନିଶାମୋନି ତାଙ୍କ ଟ୍ରୁପ ସହିତ ବିହୁ ନୃତ୍ୟ ପ୍ରଦର୍ଶନ ପାଇଁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଗାଡ଼ିରେ ମହିଳା ନୃତ୍ୟଶିଳ୍ପୀ, ପୁରୁଷ କଳାକାରଙ୍କୁ ମିଶାଇ ୩୦ ଜଣ ଥିଲେ। ଗୁରୁତର ଆହତଙ୍କୁ ଗୁଆହାଟୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୨୫ ବର୍ଷୀୟା ନୃତ୍ୟଶିଳ୍ପୀ ନିଶାମୋନିଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିଶାମୋନିଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଆରମ୍ଭ ହେଲା କମର୍ସିଆଲ ଉଡାଣ

ତେହେରାନ, ୨୫।୪:ଆମେରିକା ସହିତ ପାକିସ୍ତାନରେ ଦ୍ୱିତୀୟ ପର୍ଯ୍ୟାୟ ବାର୍ତ୍ତାର ଆଶା କାରଣରୁ ଇରାନ ପୁଣିଥରେ କମର୍ସିଆଲ ଉଡାଣ ଆରମ୍ଭ କରିଛି। ତେହରାନର ଇମାନ ଖୁମେନି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ଶନିବାର ପ୍ରାୟ ଦୁଇ ମାସ ବ୍ୟବଧାନ ପରେ କମର୍ସିଆଲ ଉଡାଣ ସେବା ଆରମ୍ଭ ହୋଇଛି। ଆମେରିକା ଓ ଇସ୍ରାଏଲ ସହିତ ୨୮ ଫେବୃଆରୀରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ପରେ ଉଡାଣ ବନ୍ଦ ଥିଲା। ଇରାନର ସରକାରୀ ଟେଲିଭିଜନ୍ ଅନୁସାରେ, ଏୟାରପୋର୍ଟରୁ ତୁର୍କୀର ଇସ୍ତାନବୁଲ,ଓମାନର ରାଜଧାନୀ ମସ୍କଟ ଓ ସାଉଦି ଆରବର ମଦିନା ପାଇଁ ଉଡାଣ ପରିଚାଳନା କରାଯାଉଛି। ଫ୍ଲାଇଟ୍ ଟ୍ରାକିଂ ପ୍ଲାଟଫର୍ମ ଫ୍ଲାଇଟ ରାଡାର ୨୪ ଅନୁସାରେ, ଶନିବାର ସକାଳେ ଇସ୍ତାନବୁଲ ଯାଉଥିବା ଅତି କମ୍‌ରେ ୩ଟି ବିମାନ ଯାତ୍ରା କରିଛି।ଚଳିତ ମାସ ଆରମ୍ଭରୁ ଆମେରିକା ସହିତ ଅସ୍ତ୍ର ବିରତି ଲାଗୁ ହେବାପରେ ଇରାନ ନିଜର ଏୟାରସ୍ପେସ୍କୁ ଆଂଶିକ ଭାବରେ ପୁଣିଥରେ ଖୋଲିଥିଲା। ଆମେରିକା ଓ ଇରାନ ଭିତରେ ଦ୍ୱିତୀୟ ପର୍ଯ୍ୟାୟ ଗସ୍ତର ଆଲୋଚନା ପାଇଁ ପାକିସ୍ତାନର ଇସଲାମାବାଦରେ ମଞ୍ଚ ତିଆରି ହୋଇ ରହିଛି। ଏବେ କେବଳ ଦୁଇ ଦେଶର ପ୍ରତିନିଧିଙ୍କ ଆସିବା ବାକି ରହିଛି, କିନ୍ତୁ ଏହାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନି।



## ଜୁନରେ ମୋଦି ଓ ଟ୍ରମ୍ପ ଭେଟ

ନୂଆଦିଲ୍ଲୀ, ୨୫।୪: ଜୁନ୍‌ରେ ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ଜି-୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାକ୍ଷାତ ହେବାର କାର୍ଯ୍ୟକ୍ରମ ରହିଛି। ରାଜନୀତିର ଏହି ଦୁଇ ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ଏହି ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାର ସମ୍ଭାବନା ରହିଛି। ଏହି ଆଲୋଚନା ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ହେବାକୁ ଥିବା ଏହି ମହତ୍ତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ମେ' ମାସରେ ଭାରତ ଗସ୍ତରେ ଆସିବେ। ନୂଆଦିଲ୍ଲୀରେ ସେ ଭାରତୀୟ ପ୍ରତିପକ୍ଷଙ୍କ ସହ ଆଲୋଚନା କରି ଜୁନ୍‌ରେ ବୈଠକ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବେ। ଉଭୟ ଦେଶର କୂଟନୈତିଜ୍ଞମାନେ ବର୍ତ୍ତମାନ ଏହି ସମ୍ମିଳନୀ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ଗତ କିଛି ସମୟ ଧରି ଭାରତ ଏବଂ ଆମେରିକା ମଧ୍ୟରେ କେତେକ ବିଷୟକୁ ନେଇ ସାମାନ୍ୟ ତିକ୍ତତା ଦେଖାଦେଇଛି। ବିଶେଷ କରି ଟ୍ରମ୍ପଙ୍କ କିଛି ନକାରାତ୍ମକ ଟିପ୍ପଣୀ ଯୋଗୁଁ ସୃଷ୍ଟି ହୋଇଥିବା ଦୂରତାକୁ ଦୂର କରିବାକୁ ଆମେରିକା ଚାହୁଁଛି। ଟ୍ରମ୍ପଙ୍କ ପାକିସ୍ତାନ ପ୍ରତି କୋମଳ ମନୋଭାବକୁ ନେଇ ଭାରତରେ ସାମାନ୍ୟ ଅସନ୍ତୋଷ ରହିଛି। ଆମେରିକା ପ୍ରଶାସନ ଉପରେ ବର୍ତ୍ତମାନ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ବଡ଼ ଧରଣର ଚାପ ରହିଛି।



## ଶେଷରେ ଗିରଫ ହେଲା ଏକ୍ସ ମୁସଲିମ୍

ନୂଆଦିଲ୍ଲୀ, ୨୫।୪:ଲୋକପ୍ରିୟ ୟୁଟ୍ୟୁବର ସଲିମ୍ ୱାସ୍ତିକ ଓରଫ 'ଏକ୍ସ ମୁସଲିମ୍'କୁ ୩୧ ବର୍ଷ ତଳର ଏକ ହତ୍ୟାକାଣ୍ଡ ମାମଲାରେ ପୁଲିସ ଗିରଫ କରିଛି। ସଲିମ୍ ୧୯୯୫ ମସିହାରେ ଦିଲ୍ଲୀର ଜଣେ ବ୍ୟବସାୟୀଙ୍କ ୧୩ ବର୍ଷର ପୁଅକୁ ଅପହରଣ, ଦାଦାବଟି ଆଦାୟ ଓ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲା। କିନ୍ତୁ ଜାମିନ୍ ଆସି ଫେରାର୍ ହୋଇଯାଇଥିଲା ଓ ଏକ ନୂଆ ପରିଚୟ ସହିତ ରହୁଥିଲା। ଗତମାସ ଗାଜିଆବାଦସ୍ଥିତ ଘରେ ଦୁଇଜଣ ଦୁର୍ବୃତ୍ତ ସଲିମ୍ ଉପରେ ଆକ୍ରମଣ କରି ଛୁରାମାଡ଼ କରିଥିବାବେଳେ ଏବେ ସଲିମ୍‌ର ପୁରୁଣା ଅପରାଧ ମାମଲା ସାମ୍‌ନାକୁ ଆସିଛି। ସଲିମ୍ ନିଜ ପରିଚୟ ଗୋପନ ରଖି ଗାଜିଆବାଦର ଲୋନି ଅଞ୍ଚଳରେ ୨୦୧୦ ମସିହାରୁ ରହିଆସୁଥିଲା। ତେବେ ପୁଲିସ ସୂଚନା ଆଧାରରେ ସଲିମ୍‌ର ପୁରୁଣା ରେକର୍ଡ଼, ଫିଙ୍ଗରପ୍ରିଣ୍ଟ ଓ ଫଟୋଗ୍ରାଫ୍ ଯାଞ୍ଚ କରି ତାକୁ ଗିରଫ କରିଛି। ସୂଚନାଯୋଗ୍ୟ, ୧୯୯୫ ମସିହା ଜାନୁଆରି ୨୦ ତାରିଖରେ ଦିଲ୍ଲୀର ସିମେଣ୍ଟ ବ୍ୟବସାୟୀଙ୍କ ୧୩ ବର୍ଷ ପୁଅ ସନ୍ଦୀପ ବଂଶଲ ସ୍କୁଲ ଯାଇ ଆଉ ଫେରିନଥିଲା। ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିବା ପରେ ବି ପୁଅର ସନ୍ଧାନ ମିଳିନଥିଲା। ପରଦିନ ତାଙ୍କ ଘରକୁ ଫୋନ ଆସିଥିଲା ଯେ, ପୁଅର ଅପହରଣ କରାଯାଇଛି, ୩୦,୦୦୦ ଟଙ୍କା ଦେଲେ ପୁଅକୁ ସୁରକ୍ଷିତ ପାଇବ ବୋଲି ଅପହରଣକାରୀ କହିଥିଲେ। ପୁଲିସକୁ ସୂଚନା ଦେଲେ ପୁଅକୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଥିଲା।



## ଆପ୍ ଛାଡ଼ି ବିଜେପିରେ ମିଶିଲେ ସ୍ୱାତୀ ମାଲିୱାଲ



### ରଚନାତ୍ମକ ରାଜନୀତି କରିବାକୁ ଚାହୁଁଥିଲେ ବିଜେପିକୁ ଆସ ବୋଲି ଆହ୍ୱାନ ଦେଲେ

### ୭ ସାଂସଦ ପାର୍ଟି ଛାଡ଼ିବା ପରେ ଆପରେ ଝଡ଼

ନୂଆଦିଲ୍ଲୀ, ୨୫।୪:ଶୁକ୍ରବାର ରାଘବ ଚଢ଼ାଙ୍କ ବିଜେପିରେ ଯୋଗଦେବା ନେଇ ଘୋଷଣା କରିବା ପରେ ଶନିବାର ଆମ ଆଦମୀ ପାର୍ଟିକୁ ଆଉ ଏକ ଶକ୍ତ ଝଟକା ଲାଗିଛି। ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ ସେ ବିଜେପିରେ ସାମିଲ ହୋଇଛନ୍ତି ବୋଲି ଶନିବାର ଘୋଷଣା କରିଛନ୍ତି। ବିଜେପିରେ ସାମିଲ ହେବାକୁ ନେଇ ସ୍ୱାତୀ ମାଲିୱାଲ କହିଛନ୍ତି ଯେ, ମୁଁ କୌଣସି ବାଧ୍ୟବାଧକତାରେ ବିଜେପିରେ ସାମିଲ ହୋଇନି। ମୋର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ସମ୍ପୂର୍ଣ୍ଣ ଭରସା ରହିଛି। ଆପ୍ ପ୍ରତିଷ୍ଠାତା ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ମୁହଁ ଖୋଲି ସେ କହିଛନ୍ତି, ମୁଁ ୨୦୦୬ ମସିହାରୁ କେଜରିୱାଲଙ୍କ ସହିତ ଅଛି। ପ୍ରତ୍ୟେକ ଆନ୍ଦୋଳନରେ ତାଙ୍କୁ ସମର୍ଥନ କରିଛି। କିନ୍ତୁ ସେ ମୋତେ ତାଙ୍କ ଘରେ ଜଣେ ଗୁଣ୍ଡା ଦ୍ୱାରା ମାଡ ମାରିଥିଲେ। ଯେତେବେଳେ ମୁଁ ଏକଥା ତାଙ୍କୁ କହିଲି, ମୋତେ ଭୟଭୀତ କରାଯାଇଥିଲା ଏବଂ ଧମକ ଦିଆଯାଇଥିଲା। ଏଫଆଇଆର ପ୍ରତ୍ୟାହାର କରିବାକୁ ମୋ ଉପରେ ଚାପ ପକାଯାଇଥିଲା। କେଜରିୱାଲଙ୍କୁ ଜଣେ 'ମହିଳା ବିରୋଧୀ' କହି ସ୍ୱାତୀ କହିଛନ୍ତି ଯେ, ତାଙ୍କୁ ଗତ ଦୁଇ ବର୍ଷ ମଧ୍ୟରେ ସଂସଦରେ କହିବା ପାଇଁ ଗୋଟିଏ ବି ସୁଯୋଗ ଦିଆଯାଇ ନାହିଁ। ଏଥିସହ ଯେଉଁମାନେ ରଚନାତ୍ମକ ରାଜନୀତି କରିବାକୁ ଚାହାଁନ୍ତି, ସେମାନେ ବିଜେପିରେ ସାମିଲ ହୁଅନ୍ତୁ ବୋଲି ସ୍ୱାତୀ ଅନ୍ୟମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅପରପକ୍ଷରେ, ୭ ଏମପି ଏକକାଳୀନ ଦଳ ତ୍ୟାଗ କରିବା ପରେ ଆପ ଭିତରେ ଝଡ଼ ସୃଷ୍ଟି ହୋଇଛି। ଦଳର ବରିଷ୍ଠ ନେତା ସୋମନାଥ ଭାରତୀ ଟ୍ୱିଟ୍ କରି ଆପଣ ଏଭଳି ନିଷ୍ପତ୍ତି କାହିଁକି ନେଲେ ବୋଲି ସନ୍ଦୀପ ପାଠକଙ୍କୁ ପଚାରିଛନ୍ତି। ମନୀଷ ସିସୋଦିଆ ଶୁକ୍ରବାର ବିଳମ୍ବିତ ରାତିରେ ଅରବିନ୍ଦ କେଜ୍ରିୱାଲଙ୍କୁ ସାକ୍ଷାତ କରି ଆଗକୁ କ'ଣ ରଣନୀତି ଗ୍ରହଣ କରାଯିବ ସେ ବିଷୟରେ ଆଲୋଚନା କରିଛନ୍ତି।

## ମୁହଁ ଖୋଲିଲେ ଆନ୍ନା



ନୂଆଦିଲ୍ଲୀ, ୨୫।୪: ଆମ ଆଦମୀ ପାର୍ଟିର ୭ ରାଜ୍ୟସଭା ସାଂସଦ ଶୁକ୍ରବାର ଏକାଠି ପାର୍ଟି ଛାଡିବା ନେଇ ମୁହଁ ଖୋଲିଛନ୍ତି ସମାଜସେବୀ ଆନ୍ନା ହଜାରେ। ସାଂସଦମାନଙ୍କର ପାର୍ଟି ଛାଡିବାର ଅର୍ଥ ଦଳ ଭିତରେ ସବୁକିଛି ଠିକ୍ ଭାବରେ ଚାଲୁନି ବୋଲି ଆନ୍ନା କହିଛନ୍ତି। ଗଣମାଧ୍ୟମ ସହ ଆଲୋଚନା ବେଳେ ଆନ୍ନା କହିଛନ୍ତି, ଲୋକତନ୍ତ୍ରରେ ସମସ୍ତଙ୍କୁ ନିଜର କଥା ରଖିବାର ଅଧିକାର ରହିଛି। ଦଳ ଭିତରେ କିଛି ସମସ୍ୟା ହେଇଥିବ ବୋଲି ଦଳୀୟ କର୍ମୀମାନେ ଆପ୍ ଛାଡିଛନ୍ତି। ଏହି ଅବସରରେ ସେ ସ୍ପଷ୍ଟ କରିଛନ୍ତି ଯେ, ଆପ୍‌ରେ ଲିଡରସିପ୍‌ର ଅଭାବ ରହିଛି। ଯଦି ପାର୍ଟି ସଠିକ୍ ଦିଗରେ ଚାଲିଥାନ୍ତା ତେବେ ଏହି ଲୋକମାନେ ଆପ୍ ଛାଡି ବାହାରକୁ ଯାଇ ନଥାନ୍ତେ। ସୂଚନାଯୋଗ୍ୟ, ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନରୁ ହିଁ ଆମ ଆଦମୀ ପାର୍ଟିର ମୂଳଦୁଆ ପଡ଼ିଥିଲା, ଯଦିଓ କୌଣସି ରାଜନୈତିକ ଦଳ ଗଠନକୁ ନେଇ ଆନ୍ନା ହଜାରେ ସହମତି ନଥିଲେ।

# ଧର୍ମଶାଳାକୁ କଳୁଷିତ କରୁଥିବା ନେତାଙ୍କୁ ଧର୍ମ ସହିବନି



● ବନ୍ଦ ହେଉନି ପଥର ଚୋରି

● ପାଟି ଫିଟାଇଲେ ରୁଜୁ ହେଉଛି ମାମଲା

ଯାଜପୁର,୨୫।୪(ସଂଚାର ବ୍ୟୁରୋ): ଜନପ୍ରତିନିଧିଙ୍କ ହୀନ ନୀତି ଓ ରାଜନୀତିର ବ୍ୟବସାୟୀକରଣ ଧର୍ମଶାଳାକୁ କଳୁଷିତ କରୁଛି। ଏହାସତ୍ତ୍ୱେ ଧର୍ମଶାଳାରେ ମା, ମାଟି ପାଇଁ ସାଲିସବିହୀନ ଲଢ଼େଇ ଜାରି ରହିଛି। ଏଭଳି ନେତାଙ୍କୁ ଧର୍ମ ସହିବ ନାହିଁ ବୋଲି ଏହି ଲଢ଼େଇରେ ସାମିଲ ସଂଗ୍ରାମୀମାନେ ମତ ଦେଇଛନ୍ତି।

ବିଜେଡି ସରକାର ଅମଳରେ ନିୟମିତ ଭାବେ ଧର୍ମଶାଳାରେ ପାହାଡ଼ ଲୁଣ୍ଠନ ହେଉଥିବା ବେଳେ ଇତିମଧ୍ୟରେ ସରକାର ବଦଳିଥିଲେ ମଧ୍ୟ ଏଥିରେ ରୋକ ଲାଗିପାରିନାହିଁ। ବରଂ ଜନସାଧାରଣଙ୍କ ଉପରେ ଆକ୍ରମଣ, ପୁଲିସ୍‌ର ଜୁଲୁମ୍ ଆଦି ବଢ଼ିଯାଇଛି। ଧର୍ମଶାଳାରେ ପାହାଡ଼କୁ ସୁରକ୍ଷା ଦେବା ସକାଶେ ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ 'ପ୍ରତି ଘରକୁ ଚାଲ' ଅଭିଯାନ କ୍ରମେ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହି ଅଭିଯାନ ଯୋଗୁଁ ଆରୁହା, ବାଜବାଟୀ, ଡଙ୍ଗାରୀ, ଲୁଣିବେର, ବାରମାଣ ଆଦି ବିଭିନ୍ନ ପାହାଡ଼ ଲୁଟ୍ ଆଦିରେ ଅଲ୍ପବିରାମ ଲାଗିଛି। ତେବେ ଚାଷୀଙ୍କ ଅନୁରୋଧରେ ଧର୍ମଶାଳାର ବିଛାଖଣ୍ଡି ପାହାଡ଼ର ସୁରକ୍ଷା ପାଇଁ ପ୍ରତିନିଧି ଦଳ କ୍ଷେତ୍ର ପରିଦର୍ଶନରେ ଯାଇଥିବା ବେଳେ ସଦସ୍ୟମାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀମାନେ ଶ୍ରୀ ବିଶ୍ୱାଳଙ୍କ କାରକୁ ମଧ୍ୟ ଭାଙ୍ଗିରୁଜି ପକାଇଥିଲେ। ଗତ ମାର୍ଚ୍ଚ ୧୬ ଆନ୍ଦୋଳନର ନେତୃତ୍ୱ ନେଇଥିବା ଶ୍ରୀ ବିଶ୍ୱାଳଙ୍କ ନାମରେ ୪ଟି ମିଥ୍ୟା ମାମଲା ରୁଜୁ କରାଯିବା ସହ ତାଙ୍କୁ ଗିରଫ ପାଇଁ ଉଦ୍ୟମ ହେଲା। ତେବେ ସ୍ଥାନୀୟ ଅଞ୍ଚଳରେ ଜନପ୍ରତିନିଧିମାନେ ପାହାଡ଼ ଚୋରିଠାରୁ ଆରମ୍ଭ କରି ଖଣିଜ ସମ୍ପଦ ଲୁଟ୍‌ରେ ସାମିଲ ରହୁଥିବା ଅଭିଯୋଗ ହେଉଛି। ଏହାଛଡା ରାଜନୈତି ଆକ୍ରୋଶଜନିତ ଗଣ୍ଡଗୋଳ ଏଠାରେ ଏବେ ସାଧାରଣ ଘଟଣା ହୋଇଯାଇଛି। ଏପରି ପରିସ୍ଥିତି ସୃଷ୍ଟି କରୁଥିବାରୁ ଏପରି ନେତାଙ୍କୁ ଧର୍ମ ସହିବ ବୋଲି ନାହିଁ ବୋଲି ଲୋକେ କୁହାକୁହି ହେଉଛନ୍ତି।

### ବାସୀ ଖାଦ୍ୟ ଖାଇ ଛାତ୍ରୀ ଓ ଲୁହା ଗେଟ୍ ପଡ଼ି ଦୁଇ ଛାତ୍ରୀଙ୍କ ମୃତ୍ୟୁ ଘଟଣା

## ମୁଖ୍ୟ ସଚିବ ଓ ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ନୂଆଦିଲ୍ଲୀ,୨୫।୪: କିଛି ଦିନ ତଳେ ମୟୂରଭଞ୍ଜ ଜିଲ୍ଲାର କାକବନ୍ଧ ଆଶ୍ରମ ସ୍କୁଲ୍ ହଷ୍ଟେଲରେ ବାସି ଖାଦ୍ୟ ଖାଇ ଜଣେ ୧୨ବର୍ଷୀୟା ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏହି ଘଟଣାରେ ଅନେକ ଆକ୍ରାନ୍ତ ହୋଇଥିଲେ। ସେହିପରି ଗଜପତି ଜିଲ୍ଲାରେ ସ୍କୁଲ୍‌ର ଲୁହାଗେଟ୍ ପଡ଼ି ଦୁଇ ଜଣ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ଉଭୟ ଘଟଣାକୁ ଗୁରୁତର ଭାବେ ନେଇଛନ୍ତି ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି)। କମିଶନ୍ ନିଜ ପକ୍ଷରୁ ମାମଲା ରୁଜୁ କରିବା ସହ ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ସମ୍ପୃକ୍ତ ଜିଲ୍ଲାର ଏସ୍‌ପିଙ୍କୁ ନୋଟିସ୍ ଜାରି କରିଛନ୍ତି। ଏନେଇ କମିଶନ୍ କହିଛନ୍ତି ଯେ ଏହି ଦୁଇ ଖବରରେ ସତ୍ୟତା ଥିଲେ, ଏହା ନିଶ୍ଚିତ ଭାବେ ପୀଡ଼ିତାଙ୍କ ମାନବାଧିକାର ଉଲ୍ଲଙ୍ଘନ ନେଇ ଗମ୍ଭୀର ପ୍ରସଙ୍ଗ ଉପସ୍ଥାପନ କରୁଛି। ତେଣୁ ଉଭୟ ଘଟଣାରେ ସାମ୍ପ୍ରତିକ ସ୍ଥିତି ଓ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ କମିଶନ୍ ସୁବିସ୍ତୃତ ରିପୋର୍ଟ ମାଗିଛନ୍ତି। ଆଗାମୀ ୨ ସପ୍ତାହ ମଧ୍ୟରେ ଏହି ରିପୋର୍ଟ ପ୍ରଦାନ କରିବା ସକାଶେ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି।




## ବେଙ୍ଗାଲୁରୁରେ 'ଆଦିତ୍ୟ' କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ବେଙ୍ଗାଲୁରୁ, ୨୫।୪(ସଂଚାର ବ୍ୟୁରୋ):କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ବେଙ୍ଗାଲୁରୁର ବିଇଏମ୍ଏଲ୍ କ୍ୟାମ୍ପସ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ହାଇ-ସ୍ପିଡ୍ ରେଳ ନିର୍ମାଣ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କମ୍ପ୍ଲେକ୍ସ 'ଆଦିତ୍ୟ' ଉଦ୍‌ଘାଟନ କରିଛନ୍ତି। ହାଇ-ସ୍ପିଡ୍ ରେଳ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଜଟିଳ। ଏହାର ବିକାଶ ସୁରକ୍ଷା ଇଞ୍ଜିନିୟରିଂ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆଦିତ୍ୟ କମ୍ପ୍ଲେକ୍ସ B-28 କୋଚ୍ ବିକାଶ ପାଇଁ ଡିଜାଇନ୍ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଏହି ଟ୍ରେନଗୁଡ଼ିକ ଦ୍ୱାରା ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଦ୍ରୁତ ଯାତ୍ରା ସମୟ ହ୍ରାସ ପାଇବ। ସେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମଧ୍ୟରେ ଯାତ୍ରା ସମୟର ଉଦାହରଣ ଦେଇ କହିଥିଲେ ଯେ ଏହା ମାତ୍ର ୭୩ ମିନିଟକୁ ହ୍ରାସ ପାଇବ। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ନୂଆ କୋଚ୍ ଏବେ ଏକାଧିକ କୋଚ୍ ବିଶିଷ୍ଟ ଏକ ନୂତନ ମେଲ୍ ଏକ୍ସପ୍ରେସ୍ ଚଳାଚଳ କରିବ। ସେହିପରି ଏକ ବନ୍ଦେ ଭାରତ ସ୍ଲିପର୍ ଏକ୍ସପ୍ରେସ୍ ଶୀଘ୍ର ଚଳାଚଳ କରିବ। ମାଙ୍ଗାଲୁରୁ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ସେବା ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହି ସେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଏହା ଦ୍ୱାରା କର୍ଣ୍ଣାଟକର ଉପକୂଳବର୍ତ୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ଧ୍ୟାନ ଦିଆଯାଉଛି।

## ଦ୍ୱିତୀୟ ଦଫା ମତଦାନ ପୂର୍ବରୁ ବହୁ ପୁଲିସ ଅଧିକାରୀ ନିଲମ୍ବିତ

କୋଲକାତା,୨୫।୪(ସଂଚାର ବ୍ୟୁରୋ):ଦ୍ୱିତୀୟ ଦଫା ଭୋଟଗ୍ରହଣ ପୂର୍ବରୁ ଡାଇମଣ୍ଡ ହାର୍ବରରେ ଏକାଧିକ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଡାଇମଣ୍ଡ ହାର୍ବରର ଅତିରିକ୍ତ ପୋଲିସ ଅଧୀକ୍ଷକଙ୍କୁ ନିଲମ୍ବିତ କରାଯାଇଛି, ଏବଂ ଡାଇମଣ୍ଡ ହାର୍ବରରେ ଏସ୍‌ଡିପିଓଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ବ୍ୟତୀତ, ଡାଇମଣ୍ଡ ହାର୍ବରର ପୁଲିସ ଅଧୀକ୍ଷକଙ୍କୁ ଏକ ଚେତାବନୀ ଜାରି କରାଯାଇଛି। ଡାଇମଣ୍ଡ ହାର୍ବରରେ ଭୋଟ୍ ଏପ୍ରିଲ୍ ୨୯ ତାରିଖରେ ହେବାକୁ ଯାଉଥିବା ବେଳେ ଏହି ଘଟଣାକୁ ନେଇ ପ୍ରଶାସନିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଲମ୍ବିତ ପୁଲିସ ଅଧିକାରୀଙ୍କ ମଧ୍ୟରେ ଡାଇମଣ୍ଡ ହାର୍ବରର ପୋଲିସ ଅଧୀକ୍ଷକ ସନ୍ଦୀପ ଘଡାଇ, ଏସ୍‌ଡିପିଓ ସଜଲ ମଣ୍ଡଳ, ଇନସପେକ୍ଟର ମୌସୁମୀ ଚକ୍ରବର୍ତ୍ତୀ, ଅଜୟ ବାଗ୍, ଉସ୍ଥି ଥାନାର ପ୍ରଭାରୀ ଶୁଭେଚ୍ଛା ବାଗ୍ଚି ନାମ ରହିଛି। ଏହାବ୍ୟତୀତ, ଡାଇମଣ୍ଡ ହାର୍ବର ପୋଲିସ ଅଧୀକ୍ଷକ (ଏସ୍‌ପି) ଡକ୍ଟର ଈଶାନୀ ପାଲଙ୍କୁ ଏକ ଚେତାବନୀ ଜାରି କରାଯାଇଛି। ସେମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ସଠିକ୍ ଭାବରେ ପାଳନ କରିବାରେ ବିଫଳ ହୋଇଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି।

## ଭୋଟ୍ ଦେବାକୁ ଆସି ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

କୋଲକାତା,୨୫।୪(ସଂଚାର ବ୍ୟୁରୋ): ଭୋଟ୍ ଦେବାକୁ ଆସିଥିବା ପୂର୍ବସ୍ଥଳୀ ଥାନା ଅନ୍ତର୍ଗତ ମୋଇଲ ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତକ ଶ୍ୟାମଲ୍ ମଣ୍ଡଳ ବୋଲି ଚିହ୍ନଟ କରାଯାଇଛି। ସେ ବାହାରେ ରହି ଜଣେ ପ୍ରବାସୀ ଶ୍ରମିକ ଭାବରେ କାମ କରୁଥିବା ବେଳେ ଭୋଟ୍ ଦେବା ଲାଗି ତିନି ଦିନ ପୂର୍ବରୁ ଘରକୁ ଫେରିଥିଲେ। ତାଙ୍କ ପରିବାର ସୂତ୍ରରୁ ଜଣା ପଡ଼ିଛି ଯେ, ଶୁକ୍ରବାର ଅପରାହ୍ଣରେ ସେ ଘରୁ ବାହାରି ଯାଇଥିବା ବେଳେ ରାତିରେ ଘରକୁ ଫେରି ନଥିଲେ। ଶନିବାର ସକାଳେ ଘରଠାରୁ ଅଳ୍ପ ଦୂରରେ ତାଙ୍କର କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ଗୋଡର ବିଭିନ୍ନ ସ୍ଥାନ ପୋଡ଼ି ଯାଇଛି। ଗରମ ପାଣି କିମ୍ବା ଗରମ ଜିନିଷ ଦ୍ୱାରା ଆଘାତ ଦିଆଯାଇଥିବା ଅନୁମାନ କରାଯାଉଛି। ଏହା ସହିତ ତାଙ୍କ ମୁହଁ ଏବଂ ଆଖି ଚାରିପାଖରେ ଆଘାତର ଚିହ୍ନ ରହିଛି। ଶନିବାର ମୃତକଙ୍କ ଝିଅ ପୂର୍ବସ୍ଥଳୀ ଥାନାରେ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଛି ବୋଲି ଏକ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବସ୍ଥଳୀ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

● ରଣନୈତିକ ସହରୀ ରୂପାନ୍ତରଣ ପ୍ରକ୍ରିୟା ଗତିଶୀଳ

# ୟୁସିଏଫ୍ ଉପରେ ଜାତୀୟ ପରାମର୍ଶ ବୈଠକ




ନୂଆଦିଲ୍ଲୀ,୨୫।୪ (ସଂଚାର ବ୍ୟୁରୋ): ଦେଶର ସହରୀ ବିକାଶର ରୂପରେଖ ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ସ୍ଥାନୀୟ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' (ୟୁସିଏଫ୍) ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ଗତ ୧୫ରେ ଏହି ପାଣ୍ଠିର ପରିଚାଳନା ନିର୍ଦ୍ଦେଶାବଳୀ ପ୍ରକାଶ ପାଇବା ପରେ ଆଜିର ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ୟୁସିଏଫ୍‌କୁ ଦେଶର ସହରୀ ରୂପାନ୍ତରଣ କ୍ଷେତ୍ରରେ ଏକ 'ନୂତନ ପ୍ରାରମ୍ଭ' ବୋଲି କହିଥିଲେ। ଏହା ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ୨୦୪୭' ଦୂରଦୃଷ୍ଟି ସହ ସମାନ୍ତରାଳ। ଏହି ପାଣ୍ଠି ବଜାର-ଭିତ୍ତିକ ବ୍ୟବସ୍ଥା ଓ ଘରୋଇ ପୁଞ୍ଜି ବିନିଯୋଗକୁ ବିନିଯୋଗ କରି ଆତ୍ମନିର୍ଭରଶୀଳ ତଥା ଅଭିବୃଦ୍ଧି-ମୁଖୀ ସହର ଗଠନରେ ସହାୟକ ହେବ ବୋଲି ଡଃ ମହାପାତ୍ର କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ସକ୍ରିୟ ଆଭିମୁଖ୍ୟ ଉପରେ ଆଲୋକପାତ କରି ଡଃ ମହାପାତ୍ର ଭୁବନେଶ୍ୱର- କଟକ- ପୁରୀ- ପାରାଦୀପ ଅର୍ଥନୈତିକ କରିଡରକୁ ବିକାଶର ପ୍ରମୁଖ ଇଞ୍ଜିନ ଭାବେ ଚିହ୍ନିତ କରିଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇବା, ଜଳବାୟୁ ସହନଶୀଳତା ବୃଦ୍ଧି କରିବା ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟରେ ଏକାଧିକ 'ପୁଞ୍ଜିନିବେଶ-ଉପଯୋଗୀ' ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ 'ବିକଶିତ ଓଡ଼ିଶା ୨୦୩୬' ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ବାବଦରେ ସୂଚନା ଦେଇଥିଲେ। ସେ ସମନ୍ୱିତ ଯୋଜନା, ତଥ୍ୟଭିତ୍ତିକ ଶାସନ ଏବଂ ପ୍ରତିଷ୍ଠାନିକ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସହରୀ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୧ ଲକ୍ଷ କୋଟିର ବ୍ୟୟବରାଦ ସହ ଏହି ବୈଠକରେ ପ୍ରକଳ୍ପର ପ୍ରାଥମିକତା, ତ୍ୱରିତ ଅନୁମୋଦନ ଓ ପାଣ୍ଠିର ଦକ୍ଷ ବିନିଯୋଗ ଉପରେ ଧ୍ୟାନ ଦିଆଯାଇଥିଲା। ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ପୁରୀ ମହାନଗର ନିଗମ କମିଶନର ସ୍ନେହା ଅରୁଗୁଲା ଅଂଶଗ୍ରହଣ କରିଥିଲେ।

## ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ; ଯବାନ ଗିରଫ



ସୁନ୍ଦରଗଡ, ୨୫।୪ (ସଂଚାର ବ୍ୟୁରୋ): ବିବାହର ପ୍ରତଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ସଦରଥାନା ପୋଲିସ ଏମ୍‌ସିଏଲ୍‌ରେ କାର୍ଯ୍ୟରତ ଓଡିଶା ଶିଳ୍ପାଞ୍ଚଳ ସୁରକ୍ଷା ପୋଲିସ (ଓଆଇଏସ୍‌ଏଫ୍) ଯବାନଙ୍କୁ ଗିରଫ କରି ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଇଶାକ କିଡୋ(୩୨)। ତାଙ୍କ ଘର ତଳସରା ଥାନା ଅନ୍ତର୍ଗତ ଡମକୁଡା ଗାଁରେ। କିଞ୍ଜିରିକେଲା ଥାନା ଅଞ୍ଚଳର ଏହି ଯୁବତୀଙ୍କ ସହିତ ଯବାନ ଜଣଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏଥିମଧ୍ୟରେ ଅଭିଯୁକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ଯୁବତୀଜଣକ ତାଙ୍କୁ ବିବାହ ପାଇଁ କହିବାରୁ ସେ ମନା କରିଦେଇଥିଲେ। ଫଳରେ ଯୁବତୀ ଏ ସମ୍ପର୍କରେ ସଦରଥାନାରେ ଗୁରୁବାର ରିପୋର୍ଟ କରିଥିଲେ। ପୋଲିସ ତାଙ୍କୁ ଶୁକ୍ରବାର ଗିରଫ କରି ସାରେ କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତ ଯବାନଙ୍କ ବିରୁଦ୍ଧରେ ସଦର ଥାନାରେ ବଳାତ୍କାର ମାମଲା ନମ୍ବର ୨୧୪/୨୬ ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଷ୍ଟ୍ରଙ୍ଗରୁମ ସିସି କ୍ୟାମେରା ବନ୍ଦ ହେବାନେଇ ଅସନ୍ତୋଷ



କୋଲକାତା,୨୫।୪(ସଂଚାର ବ୍ୟୁରୋ): ବିଳମ୍ବିତ ରାତିରେ ଷ୍ଟ୍ରଙ୍ଗ ରୁମରେ ବାରମ୍ବାର ସିସିଟିଭି କ୍ୟାମେରା ବନ୍ଦ ହେବା ଘଟଣାକୁ ନେଇ ଜାଙ୍ଗିପୁରରେ ଉତ୍ତେଜନା ସୃଷ୍ଟି ହୋଇଛି। ସାଗରଦିଘି ବିଧାନସଭା ନିର୍ବାଚନମଣ୍ଡଳୀର ତୃଣମୂଳ କଂଗ୍ରେସ ପ୍ରାର୍ଥୀ ବାୟରନ୍ ବିଶ୍ୱାସ ଶନିବାର ଭୋର ସମୟରେ ଘଟଣାସ୍ଥଳ ଆସି ସିସିଟିଭି କ୍ୟାମେରା ବନ୍ଦ ହେବା ନେଇ ପ୍ରତିବାଦ କରିଥିଲେ। ବିଳମ୍ବିତ ରାତିରେ ଲାଇଟ୍ ଦୀର୍ଘ ସମୟ ପାଇଁ ବନ୍ଦ ରହିଥିବା ଅଭିଯୋଗ କରିବା ସହିତ ବାୟରନ୍ ଷ୍ଟ୍ରଙ୍ଗ ରୁମ୍ ଦାୟୀତ୍ୱରେ ଥିବା ଅଧିକାରୀଙ୍କ ଆଚରଣ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟ ମତଦାନ ପରେ ଜାଙ୍ଗିପୁର ମହକୁମା ଅଧୀନରେ ଆସୁଥିବା ଛଅଟି ନିର୍ବାଚନମଣ୍ଡଳୀ ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଜାଙ୍ଗିପୁର ପଲିଟେକ୍ନିକ୍ କଲେଜରେ ଥିବା ଷ୍ଟ୍ରଙ୍ଗ ରୁମରେ ସଂରକ୍ଷଣ କରାଯାଇଛି।

# ବଢ଼ୁଛନ୍ତି ରୋଗୀ, ଖାଲି ପଡ଼ିଛି ପଦବୀ



ଭୁବନେଶ୍ୱର,୨୫।୪: ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ବର୍ଷକୁ ବର୍ଷ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଡାକ୍ତରଙ୍କଠାରୁ ଫର୍ମାସିଷ୍ଟ ଓ ନର୍ସଙ୍କ ପର୍ଯ୍ୟନ୍ତ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପୂରଣ ହୋଇପାରୁନାହିଁ। ଫଳରେ ଅନେକ ସ୍ଥାନରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଯିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି।

୨୦୨୦-୨୧ରେ ରାଜ୍ୟରେ ସରକାରୀ ଡାକ୍ତରଖାନାର ବହିଃବିଭାଗରେ ୫ କୋଟି ୬୯ ଲକ୍ଷ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ୨୦୨୧-୨୨ରେ ଏହା ସାଢ଼େ ୬ କୋଟିକୁ ଅତିକ୍ରମ କରିଥିଲା। ୨୦୨୨-୨୩ ବର୍ଷରେ ଏହା ୮ କୋଟି ୪୦ ଲକ୍ଷକୁ ଟପିଥିବା ବେଳେ ୨୦୨୩-୨୪ ରେ ସାଢ଼େ ୯ କୋଟିରେ ପହଞ୍ଚିଥିଲା। ତେବେ ୨୦୨୪-୨୫ରେ ଏହା ୧୦ କୋଟି ୫୬ ଲକ୍ଷକୁ ଅତିକ୍ରମ କରିଯାଇଛି। କେବଳ ବହିଃବିଭାଗ ନୁହେଁ, ଏହି ବର୍ଷଗୁଡିକରେ ଡାକ୍ତରଖାନରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିବା ଇନ୍‌ଡୋର୍ ରୋଗୀମାନଙ୍କର ସଂଖ୍ୟା ବି ବଢ଼ିଛି। ୨୦୨୪-୨୫ରେ ଏଭଳି ରୋଗୀଙ୍କ ସଂଖ୍ୟା ୫ କୋଟିକୁ ଟପିଯାଇଛି।

ରୋଗୀମାନଙ୍କର ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ଚିକିତ୍ସକ ନାହାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ପ୍ରତି ୧୦୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ନିଯୁକ୍ତି ହେବାକୁ ଥିବା ବେଳେ ଓଡ଼ିଶାରେ ୧୨୭୫ ଲୋକଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ତେବେ ରାଜ୍ୟରେ ପାଖପାଖି ୪ ହଜାର ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ସ୍ଥିତି କେତେକ ସ୍ଥାନରେ ଗମ୍ଭୀର ହେବାରେ ଲାଗିଛି। ବିଶେଷକରି ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡୁଥିବାରୁ ରୋଗୀମାନେ ବାଧ୍ୟହୋଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ସାଜସରଞ୍ଜାମ ଓ ଶଲ୍ୟ ଚିକିତ୍ସକ ରହୁଥିଲେ ମଧ୍ୟ ଅନେକ ସ୍ଥାନରେ ନିଶ୍ଚେତକ ଡାକ୍ତରଙ୍କ ଅନୁପସ୍ଥିତି ପାଇଁ ଛୋଟକାଟର ଅପରେସନ ବି ହୋଇପାରୁନାହିଁ।

କେବଳ ଡାକ୍ତର ନୁହଁନ୍ତି, ସରକାରୀ ଡାକ୍ତରଖାନାଗୁଡ଼ିକରେ ନର୍ସଙ୍କଠାରୁ ଆରମ୍ଭ କରି ଫର୍ମାସିଷ୍ଟଙ୍କ ପର୍ଯ୍ୟନ୍ତ ବହୁ ମଞ୍ଜୁରୀପ୍ରାପ୍ତ ପଦପଦବୀ ଖାଲି ପଡ଼ିଛି। ରାଜ୍ୟରେ ୨୧,୩୯୪ ମଞ୍ଜୁରୀପ୍ରାପ୍ତ ନର୍ସିଂ ଅଫିସର ପଦବୀ ମଧ୍ୟରୁ ୬୨୩୧ଟି ପଦବୀ ଖାଲି ପଡ଼ିଥିବା ବେଳେ ୨୭୨୨ ଫର୍ମାସିଷ୍ଟ ପଦବୀ ମଧ୍ୟରୁ ୧୩୭୬ଟି ଖାଲି ପଡ଼ିଛି। ୧୫୧୧ ଲାବରୋଟାରୀ ଟେକ୍ନିସିଆନ ପଦବୀ ମଧ୍ୟରୁ ୫୦୫ଟି ଖାଲି ଥିବା ବେଳେ ୬୬୩ ରେଡିଓଗ୍ରାଫର ପଦବୀ ମଧ୍ୟରୁ ୨୪୦ଟି ଖାଲି ପଡ଼ିଛି।

ସେହିଭଳି ସରକାରୀ ମେଡିକାଲ କଲେଜଗୁଡ଼ିକରେ ଥିବା ୩୯୦ଟି ପ୍ରଫେସର ପଦବୀ ମଧ୍ୟରୁ ୧୩୮ଟି ଖାଲି ଥିବା ବେଳେ ୫୯୧ ସହଯୋଗୀ ପ୍ରଫେସର ପଦବୀରୁ ୩୬୨ଟି ଓ ୧୦୭୮ ସହକାରୀ ପ୍ରଫେସର ପଦବୀ ମଧ୍ୟରୁ ୫୨୬ଟି ଖାଲି ପଡ଼ିଛି।

ଜିଲ୍ଲା ସ୍ତରରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ଏତେସଂଖ୍ୟକ ପଦବୀ ଖାଲି ପଡ଼ିବା ଫଳରେ ରୋଗୀମାନେ ବାଧ୍ୟ ହୋଇ ଘରୋଇ ଡାକ୍ତରଖାନାମୁହାଁ ହେଉଛନ୍ତି। ଏଥିପାଇଁ ବହୁ କ୍ଷେତ୍ରରେ ରୋଗୀ ବ୍ୟାପକ ଖର୍ଚ୍ଚାନ୍ତ ହେବା ସହ ଧାରକରଜରେ ବୁଡ଼ିଯାଉଛନ୍ତି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବହୁଗୁଣିତ ହେବ...

ପ୍ରକାଶ କରିଛନ୍ତି। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇନେବା ଆବଶ୍ୟକ। ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇ ଗୁଣ କରିବା ନୁହେଁ, ବହୁଗୁଣିତ କରିବା। ରାଜ୍ୟରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି। ସେହିପରି ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। କୁକୁଡ଼ା ପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ। ଚଳିତ ବର୍ଷର ପ୍ରସଙ୍ଗ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣୀ ଚିକିତ୍ସକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥନୀତିରେ ପ୍ରାଣୀ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି। ସେ କହିଥିଲେ ଯେ ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି 'ୱାନ ହେଲଥ' ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ। ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ। ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।

ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ ନିୟୋଜିତ କରିବେ। ଏହି କର୍ମୀମାନେ ଗ୍ରାମାଞ୍ଚଳରେ ଟୀକାକରଣ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣୀ ଚିକିତ୍ସକ, ପ୍ରାଣୀ ପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ୪୭ ମାଓବାଦୀଙ୍କ...

ଯୋଗାଇ ଦିଆଯିବ। ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୨୪ ଜଣ କମିଟି ମେମ୍ବର୍, ୧୯ ଜଣ ପାର୍ଟି ମେମ୍ବର ଓ ୪ ଜଣ ପିଏଲ୍‌ଜିଏ କ୍ୟାଡର୍‌। ଝାଡ଼ଖଣ୍ଡରେ ଘଟିଥିବା ଏନକାଉଣ୍ଟର ଓ କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ସମୟସୀମା ଶେଷ ହେବା ପରେ ମାଓବାଦୀଙ୍କ ଏହି ବଡ଼ ଧରଣର ଆତ୍ମସମର୍ପଣ ବେଶ୍ ଗୁରୁତ୍ୱ ବହନ କରୁଛି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀ ଛତିଶଗଡ଼ର ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି।

### ମାତୃଶକ୍ତିର ସମର୍ଥନ...

ସଶକ୍ତ କରିବ। ଏହି ଯୋଜନାକୁ ଲାଗୁ କରିବା ପାଇଁ ମା'ମାନଙ୍କ ମଧ୍ୟରେ ଥିବା ଉତ୍ସାହ ପ୍ରଶଂସନୀୟ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଅନେକ ବିରୋଧୀ ଓ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି।

ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କାର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ ହୋଇଛି। ଏଥିସହ ଦେବଗଡ଼ ମହାବିଦ୍ୟାଳୟ ପରିସରରେ 'ସମ୍ମିଶ୍ରିତ ସହରାଞ୍ଚଳ ଛାତ୍ରାବାସ' ଉଦଘାଟିତ ହୋଇଛି। ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରମାନେ ବିଶେଷ ଭାବେ ଉପକୃତ ହେବେ। ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଦେବଗଡ଼ର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଆମ ସମସ୍ତଙ୍କର ମୁଖ୍ୟ ଲକ୍ଷ୍ୟ ଭାରତ ସରକାରଙ୍କ 'ସହକାରରୁ ସମୃଦ୍ଧି' ଯୋଜନା ମାଧ୍ୟମରେ ଦେବଗଡ଼କୁ ଏକ ଅର୍ଥନୈତିକ ସମୃଦ୍ଧଶାଳୀ ଅଞ୍ଚଳ ଭାବେ ଗଢ଼ିତୋଳିବା ଏବଂ ଏଠାରେ ବସବାସ କରୁଥିବା ପ୍ରାୟ ଏକ ଲକ୍ଷ ପରିବାରର ଜୀବନଧାରଣର ମାନ ବୃଦ୍ଧି କରିବା। ଏହି ଉଦ୍ଦେଶ୍ୟ ସଫଳ ପାଇଁ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟ ଚାଷ ଓ ଜଙ୍ଗଲଜାତ ଦ୍ରବ୍ୟର ସଦୁପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିସହ ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ କ୍ଷେତ୍ରଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ଓ ସେମାନଙ୍କ ବହୁମୂଲ୍ୟ ପରାମର୍ଶକୁ ଭିତ୍ତି କରି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଦେବଗଡ଼ ଜିଲ୍ଲାର ପ୍ରଗତି ଓ ନାଗରିକଙ୍କ କଲ୍ୟାଣ ପାଇଁ ସାମୂହିକ ପ୍ରୟାସ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମୀଣ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

### ଭକ୍ତଙ୍କ ଗଡ଼ରେ...

କଂଗ୍ରେସ ଓ ବିଜେଡିର ବହୁ ନେତା ତାଙ୍କ ସହ ଯୋଗାଯୋଗରେ ଅଛନ୍ତି ଓ ସେମାନେ ଓଡ଼ିଶା ଜନତା କଂଗ୍ରେସରେ ସାମିଲ ହେବେ ବୋଲି ମୋକିମ ଯେଉଁ ଦାବି କରୁଥିଲେ, ତାହା ଫଳପ୍ରଦ ହେଲା ଭଳି ଲାଗୁନାହିଁ। ଭୁବନେଶ୍ୱରରେ ଓଜେସିର ଆତ୍ମପ୍ରକାଶ ଦିନ ଏଭଳି କିଛି ରାଜନୈତିକ ଘଟଣା ଘଟିଥିଲେ ତାହା ରାଜନୀତିରେ କିଛିଟା ହଲଚଲ କରିଥାନ୍ତା ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

### ଜଗତସିଂହପୁରରେ...

ଦେଖିବାକୁ ମିଳିଛି। ମୃତ୍ୟୁ ପରେ ଡାକ୍ତର ଦାମୋଦର ରାଉତ କୌଣସି ଦଳ ଭିତରେ ସୀମିତ ନୁହଁନ୍ତି। ଜଗତସିଂହପୁର ଜିଲ୍ଲାରୁ ସେ ୭ ଥର ବିଧାୟକ ହେବା ସହ ୫ ଥର ମନ୍ତ୍ରୀ ହୋଇଛନ୍ତି। ଜିଲ୍ଲା ବିକାଶରେ ତାଙ୍କ ଅବଦାନକୁ ଅସ୍ୱୀକାର କରାଯାଇନପାରେ। ତେଣୁ ଖୋଦ୍ ବିଜେପି ସାଂସଦ ମଧ୍ୟ ଏଭଳି ଘଟଣାକୁ ଦୃଢ଼ ଭାଷାରେ ନିନ୍ଦା କରିଛନ୍ତି। ଜଣେ ବରିଷ୍ଠ ରାଜନେତାଙ୍କ ପ୍ରତିମୂର୍ତ୍ତିକୁ ଏଭଳି ଭାଙ୍ଗିଦେବା ହୀନମନ୍ୟତା ଓ ରୁଗ୍‌ଣ ମାନସିକତାର ପରିଚୟ ବୋଲି ସେ କହିଛନ୍ତି। ଗତକାଲି ଏ ସମ୍ପର୍କରେ ସେ ଡିଏଫଓ ସହ ମଧ୍ୟ କଥା ହୋଇଥିଲେ, କିନ୍ତୁ ସେ କିଛି ବି ଶୁଣିଲେ ନାହିଁ। ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ଯଦି ଜଙ୍ଗଲ ଜମିରେ ପ୍ରତିମୂର୍ତ୍ତି ପାଇଁ ପୂର୍ବରୁ କମିଟି ଅନୁମତି ନେଇନଥିଲା, ତା'ହେଲେ ପ୍ରଶାସନ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ପରିବର୍ତ୍ତେ ସ୍ଥାନାନ୍ତର କରିପାରିଥାନ୍ତା। ଜଣେ ପ୍ରତିଷ୍ଠିତ ନେତାଙ୍କ ପ୍ରତିମୂର୍ତ୍ତିକୁ ଏଭଳି ଭାଙ୍ଗିଦେବା ହୀନମନ୍ୟତାର ପରିଚୟ ବୋଲି ଶ୍ରୀ ରାଉତରାୟ କହିଛନ୍ତି।

### ଯୁଦ୍ଧ ଥମିବା...

ମଧ୍ୟରେ ଇରାନ ଓ ଆମେରିକା ଦ୍ୱିପାକ୍ଷିକ ଶାନ୍ତି ଆଲୋଚନା ନେଇ ବାର୍ତ୍ତାଳାପ ହୋଇଥିବା ପାକିସ୍ତାନୀ ଅଧିକାରୀଙ୍କ ସୂତ୍ରକୁ ଆଧାର କରି ଇରାନର ସରକାରୀ ଗଣମାଧ୍ୟମ 'ଇର୍‌ନା' ପ୍ରକାଶ କରିଛି। ଅନ୍ୟପକ୍ଷରେ ଆମେରିକାର ପ୍ରତିନିଧି ଦଳ ଶନିବାର ଏଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା। ତେବେ ଆରାଘ୍‌ଚିଙ୍କ ସହ ପାକ୍ ଅଧିକାରୀଙ୍କ ସାକ୍ଷାତାଲୋଚନାକୁ କୂଟନୈତିକ ସ୍ତରରେ ଗୁରୁତ୍ୱ ଦିଆଯାଉଛି। ଇରାନ୍ ସହ ପାକିସ୍ତାନୀ ପ୍ରତିନିଧିଙ୍କ ଆଲୋଚନା ପରେ ଆମେରିକା ପ୍ରତିନିଧିଙ୍କ ସହ ସେମାନଙ୍କର କ'ଣ ଆଲୋଚନା ହେବ, ତା' ଉପରେ ନଜର ରହିଥିଲା। ଗତ ୧୧ ତାରିଖରେ ପାକ୍ ନେତୃତ୍ୱରେ ଏଠାରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଶାନ୍ତି ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଥିଲା। କିନ୍ତୁ ସେତେବେଳେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଅଲୋଚନା ହେବା ନେଇ ସକାରାତ୍ମକ ମତାମତ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ପାକିସ୍ତାନର ସେନାମୁଖ୍ୟଙ୍କ ସହ ସାକ୍ଷାତ ପରେ ଆରାଘ୍‌ଚି ଏକ ବିବୃତ୍ତି ଜାରି କରିଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତିର ସାମ୍ପ୍ରତିକ ସ୍ଥିତି କ'ଣ ଅଛି, ସେ ବିଷୟରେ ଆଲୋଚନା ହୋଇଥିବା ଉକ୍ତ ବିବୃତ୍ତିରେ କୁହାଯାଇଛି। ଏଥିସହ ଯୁଦ୍ଧ ଶେଷ କରିବା ପାଇଁ ଇରାନ କ'ଣ ଚାହୁଁଛି, ସେ ବିଷୟରେ ତାଙ୍କର ମତ ଓ ଧାରଣାକୁ ଆରାଘ୍‌ଚି ମୁନୀରଙ୍କ ସହ ଶେୟାର୍ କରିଛନ୍ତି। ଏହାଛଡ଼ା ପାକ୍ ପ୍ରଧାନମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା ହୋଇଛି ବୋଲି ଆରାଘ୍‌ଚି ଅନ୍ୟ ଏକ ବିବୃତିରେ ସୂଚନା ଦେଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀଙ୍କ ସହ ସେ ଯୁଦ୍ଧକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବା, ଯୁଦ୍ଧବିରତିର ସଦ୍ୟତମ ସ୍ଥିତି ଓ ସର୍ବୋପରି ଇରାନର ନୀତିଗତ ସ୍ଥିତି ସମ୍ବନ୍ଧରେ ଅବଗତ କରାଇଥିବା ଆରାଘ୍‌ଚି କହିଛନ୍ତି। ଏହି ସାକ୍ଷାତ ପରେ ପାକିସ୍ତାନ ଶାନ୍ତି ଆଲୋଚନା ପାଇଁ ଆସ୍ଥା ପ୍ରକାଶ କରିବା ସହ ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥତା ଜାରି ରଖିବାକୁ ପ୍ରସ୍ତୁତ ରହିଥିଲା। ତେବେ ଆମେରିକା ପ୍ରତିନିଧିଙ୍କ ପାକିସ୍ତାନ ଗସ୍ତ ବାତିଲ ହେବା ପରେ ମଧ୍ୟପ୍ରାଚ୍ୟ ଉତ୍ତେଜନାର ଗତି ପୁଣିଥରେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।

### ଉତ୍ତର ଓଡ଼ିଶାରେ...

ମହାକୁଡଙ୍କୁ ମଧ୍ୟ ନିଲମ୍ବିତ କରିଛି। ଏସବୁ ଭିତରେ ଆଗକୁ ପଞ୍ଚାୟତ ନିର୍ବାଚନ। ତେଣୁ ଜଣେ ପରେ ଜଣେ ନେତା ନବୀନଙ୍କ ହାତ ଛାଡିବା ଆଗକୁ ବିଜେଡିକୁ ବ୍ୟାକଫୁଟକୁ ଠେଲି ଦେବ ବୋଲି ଚର୍ଚ୍ଚା ହେଉଛି। ବିଜେଡିକୁ ଛାଡିଲେ ପରିଚୟ ବଞ୍ଚିବନି ବୋଲି କହି ବାଣ ମାରିଛନ୍ତି ପ୍ରଫୁଲ୍ଲ ସାମଲ। ସେପଟେ ବିଜେଡିରୁ ଇସ୍ତଫା ଦେଇଥିବା ମଣ୍ଡଳ ଦମ୍ପତ୍ତି ଓ ଶଶୀକାନ୍ତ ଖୁବଶୀଘ୍ର ବିଜେପିରେ ସାମିଲ ହେବେ ବୋଲି ସୂଚନା ମିଳିଛି।

### ସ୍ୱତନ୍ତ୍ର ଅଧିବେଶନ...

ହେବ ସେତେବେଳେ ସୀମା ପୁନଃନିର୍ଦ୍ଧାରଣ କଥା ଉଠିବା ସ୍ୱାଭାବିକ। ସେ ସମୟରେ ବିଜେଡି ବିଧାୟକମାନେ ଆଲୋଚନାରେ ଭାଗ ନେଇ ମୋଦି କିମ୍ବା ଶାହଙ୍କୁ ସମାଲୋଚନା କରିପାରିବେ କି ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି। ତେଣୁ ବିଜେଡି କେଉଁ ଆଭିମୁଖ୍ୟ ଗ୍ରହଣ କରିବ, ସେନେଇ ଦଳର ବରିଷ୍ଠ ନେତାମାନେ ମଧ୍ୟ ଦ୍ୱନ୍ଦ୍ୱରେ ଅଛନ୍ତି। ଅଧିବେଶନର ଦିନେ ଦୁଇ ଦିନ ପୂର୍ବରୁ ସୁପ୍ରିମୋ କି ନିର୍ଦ୍ଦେଶ ଦେବେ ତାକୁ ସେମାନେ ଅପେକ୍ଷା କରିଛନ୍ତି। ସଂସଦର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦାବି କରିଥିଲେ। ସେ ସମୟରେ ନବୀନଙ୍କ ଦାବିକୁ ସରକାରୀ ଦଳ ଗ୍ରହଣ କରି ନ ଥିଲା। ତେଣୁ ସେଇ ଆଳରେ ନବୀନ ଏହି ଆଲୋଚନାରେ ଯୋଗ ନ ଦେବାର ସମ୍ଭାବନା ଅଧିକ ଥିବା ଚର୍ଚ୍ଚା ହେଉଛି। ଲୋକସଭାରେ ବିଜେଡିର କୌଣସି ବିଧାୟକ ନ ଥିବାରୁ ସମ୍ବିଧାନ ସଂଶୋଧନ ବିଲକୁ ବିଜେଡିର ବିରୋଧ କି ସମର୍ଥନ କଥା ଉଠି ନ ଥିଲା। କିନ୍ତୁ ଏବେ ବିଧାନସଭାରେ ଏହି ପ୍ରସଙ୍ଗରେ ଆଲୋଚନା ବେଳେ ଦଳର ବିଧାୟକମାନେ କ'ଣ କହିବେ ତାକୁ ନେଇ ଦ୍ୱନ୍ଦ୍ୱରେ ରହିବା ସ୍ୱାଭାବିକ।

## ପୋଚିଲିମା ଛକରେ ଦୁର୍ଘଟଣା, ଜଣେ ମୃତ

**ହିଞ୍ଜିଳିକାଟୁ,୨୫।୪ (ସଂଚାର ବ୍ୟୁରୋ):** ହିଞ୍ଜିଳି ନିକଟବର୍ତ୍ତୀ ପୋଚିଲିମା ଛକରେ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବାଲିଗୁଡା ସୁନାପାଙ୍ଗା ସାହିର ଟିକି ସ୍ୱାଇଁ (୪୫)ଓ ଆହତ ବ୍ୟକ୍ତି ହେଲେ ସେହି ବାଲିଗୁଡା ଅଞ୍ଚଳର ଉପେନ୍ଦ୍ର ଦଳ ବେହେରା (୫୦) |ଉଭୟଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ କିନ୍ତୁ ଟିକିଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ |ଉଭୟ ବନ୍ଧୁ ବ୍ରହ୍ମପୁର ଠାରୁ ବାଇକ ଯୋଗେ ବାଲିଗୁଡା ଫେରୁଥିଲା ବେଳେ ଦୁର୍ଘଟଣା ଘଟିଥିଲା। ହିଞ୍ଜିଳି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି |

## ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ, ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର



**ବାଲିଆପାଳ, ୨୫।୪ (ସଂଚାର ବ୍ୟୁରୋ):** ସୂଚନା ଅନୁସାରେ ଆଜି ସକାଳ ସମୟରେ ସିଂଲା ପଞ୍ଚାୟତରେ ଥିବା ଏମଇ ସ୍କୁଲରେ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ନୂତନ ଘରଟିଏ ପାଇଁ ୫ ଲକ୍ଷ ୮୪ ହଜାର ୬ ଶହ ଟଙ୍କା ମଂଜୁର ହୋଇଥିଲା। ଯାହା ବିଧାୟକଙ୍କ ୪୦% କାମ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିବାରୁ ବିଧାୟକ ଅଶ୍ୱନୀ କୁମାର ପାତ୍ର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାମ କାରିବାକୁ କହିଥିଲେ। ଗ୍ରାମବାସୀମାନେ ମଧ୍ୟ ସ୍କୁଲର କାମକୁ ସ୍କୁଲ କର୍ତ୍ତୃପକ୍ଷ କାରିବାକୁ କହିଥିଲେ। ହେଲେ ସରପଞ୍ଚ ବିପିନ କୁମାର ବିଶ୍ୱାଳ ଉକ୍ତ କାମକୁ ଯୋର ଜବରଦସ୍ତ ନିଜେ ଆରମ୍ଭ କରିଥିଲେ। ନିମ୍ନମାନର କାମ ସହିତ ଯୋରଜବରଦସ୍ତ ସରପଞ୍ଚ କାମ କରୁଥିବାରୁ ଆଜି ସକାଳ ସମୟରେ ଗ୍ରାମ କମିଟି, ସ୍କୁଲ କମିଟି ପକ୍ଷରୁ କାମ କରୁଥିବା ମିସ୍ତ୍ରୀଙ୍କୁ କାମ ବନ୍ଦ କାରିବାକୁ କୁହାଯାଇଥିଲା। ଏହି ସମୟରେ ସରପଞ୍ଚ ଖବର ପାଇ ଘଟଣାସ୍ଥଳରେ ପହଂଚି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହିତ କାମ ଆରମ୍ଭ କରିବାକୁ ମିସ୍ତ୍ରୀ ମାନଙ୍କୁ କହିଥିଲେ। ଯାହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଗଣ୍ଡଗୋଳରେ ସରପଞ୍ଚ ନିଜେ ଅଭିନୟ କରି ତଳେ ପଡି ଯାଇଥିଲେ ଏବଂ ମେଡିକାଲ ଯାଇଥିବା ପ୍ରତିପକ୍ଷ କହିଥିବା ବେଳେ ସରପଞ୍ଚ ସନ୍ଧ୍ୟା ସୁଦ୍ଧା ଚେତାଶୂନ୍ୟ ଅବସ୍ଥାରେ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଘଟଣାକୁ ନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ୧୫୦ ଲିଟର ଦେଶୀ ମଦ ଜବତ, ୨ ଗିରଫ



**ନୀଳଗିରି, ୨୫।୪ (ସଂଚାର ବ୍ୟୁରୋ):** ନୀଳଗିରି ଅବକାରୀ ବିଭାଗର ସବଇନ୍ସପେକ୍ଟର ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନୀଳଗିରିର ଦୁଇଟି ପୃଥକ୍ ପୃଥକ୍ ସ୍ଥାନରୁ ଦେଶୀ ମଦ ସମେତ ଦୁଇ ବେପାରୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ଆଜି ସକାଳ ୭ ଘଟିକା ସମୟରେ ନୀଳଗିରି ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଥାନା ଅଧୀନ ରାଜନଗର ଓ ଓଲଡଙ୍ଗ ଛକ ନିକଟରୁ ଦୁଇ ମଦ ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଛି। ତେବେ ଓଲଡଙ୍ଗ ଛକ ନିକଟରୁ ଗୋପୀନାଥପୁର ଅଞ୍ଚଳର ଜଗନ୍ନାଥ ବାରିକଙ୍କ ଠାରୁ ଏକ ସ୍କୁଟି ସମେତ ୮୦ଲିଟର ଦେଶୀ ମଦ ଏବଂ ରାଜନଗର ଛକ ନିକଟରୁ ଛତ୍ରପୁର ଅଞ୍ଚଳର ତୁଷାରକାନ୍ତ ବିଶ୍ୱାଳଙ୍କ ଠାରୁ ବାଇକ୍ ସମେତ ୭୦ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ତେବେ ଉଭୟ ବେପାରୀଙ୍କୁ ଗିରଫ କରି କେସ ନମ୍ବର ୨୩/୨୬ ଏବଂ ୨୪/୨୬ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ବାଲିଅନ୍ତା, ୨୫।୪ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଗତକାଲି ରାତିରେ ବାଳକାଟି ଫାଣ୍ଡି ଅଞ୍ଚଳରେ ଚଢ଼ଉ କରି ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଥିଲା। ଏହି ମାମଲାରେ ଆଜି ପୁଲିସ ନିଆଳି ଥାନା ଅଞ୍ଚଳର ସମ୍ପୃକ୍ତ ଚାଳକ ରାଜୁ ସାମଲ ( ୩୮ ) କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତକାଲି ରାତିରେ ବାଳକାଟି - ପଞ୍ଚାୟତ ରୋଡ଼ ପୂର୍ତ୍ତ ବିଭାଗ ରାସ୍ତାରେ ବ୍ଲକିଂ ବେଳେ ଉକ୍ତ ଟ୍ରକ୍‌ଟି ଧରାପଡିଥିଲା। ଛାନଭିନ ସମୟରେ, ଉକ୍ତ ଟ୍ରକରେ ବାଲି ଭର୍ତ୍ତି ଥିବା ଜଣାପଡିଥିଲା । ପଚରାଉଚରା କରିବାରୁ ଅଭିଯୁକ୍ତ ଚାଳକ ରାଜୁ ସାମଲ ବାଲି ପରିବହନ ନିମନ୍ତେ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ ଏବଂ ଉକ୍ତ ବାଲି ସେ ଟ୍ରକ ମାଲିକ ଜନ୍ମେଜୟ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଭାବେ ପରିବହନ କରୁଥିବା ସ୍ୱୀକାର କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ବାଲିଅନ୍ତା ଥାନା ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ବାଲି ଭର୍ତ୍ତି ଟ୍ରକକୁ ମଧ୍ୟ ଜବତ କରିଥିଲେ ।

## ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ, ୨ ଅଟକ



**ଯୋଡ଼ା, ୨୫।୪ (ସଂଚାର ବ୍ୟୁରୋ):** ମାଫିଆମାନଙ୍କ ଦ୍ୱାରା ଲୁହାପଥର ଚୋରା ଚାଲାଣ ଖଣି ଅଞ୍ଚଳରେ ଅବ୍ୟାହତ ରହିଛି । ଅନେକ କଟକଣା ସତ୍ତ୍ୱେ ବିଭିନ୍ନ ଉପାୟରେ ଏହା ବାରମ୍ବାର ଲୁଟ ହେଉଥିବାର ନଜିର ରହିଛି। ଯୋଡ଼ା, ବାଂଶପାଣି ତଥା ଖୁଣ୍ଟପାଣି ଅଞ୍ଚଳରେ ଗତ ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ବନ ବିଭାଗ କର୍ମଚାରୀମାନେ ଏକ ଚୋରା ଲୁହାପଥର ବୋଝେଇ ୧୨ ଚକିଆ ଟ୍ରକ୍‌କୁ ଧରିବାରେ ସଫଳ ହୋଇଛନ୍ତି। ଜବତ୍ ହୋଇଥିବା ଟ୍ରକ୍‌ର ନମ୍ବର ଜେଏଚ୍ ୦୫ ଡିଜେ ୭୬୮୩ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ଦୁଇଜଣଙ୍କୁ ଅଟକ ମଧ୍ୟ ରଖାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରାରମ୍ଭିକ ତଦନ୍ତରୁ, ପାଖାପାଖି ୨୦ ଟନ୍‌ର ଲୁହାପଥର ଚୋରାଭାବେ ଝାଡ଼ଖଣ୍ଡକୁ ପରିବହନ କରାଯାଉଥିବା ସନ୍ଦେହ କରାଯାଉଛି। ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଜବତ୍ ହୋଇଥିବା ଟ୍ରକକୁ ଖଣି ବିଭାଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ, ଅଟକ ଥିବା ଦୁଇଜଣଙ୍କୁ ପଚାରାଉଚରା ଚାଲିଛି। ତେବେ ସବୁଥର ଭଳି ଖଣି ମାଫିଆ ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ଏଥି ସହିତ ଚୋରା ଖଣିଜ ଚାଲାଣ ରାକେଟ୍ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

# ୭ ଦିନ ହେଲା ଅନ୍ଧାରରେ 'ପକନାଗୁଡ଼ା' ଗାଁ

**ବୋରିଗୁମ୍ମା,୨୫।୪ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଆଉଁଳି ପଞ୍ଚାୟତର ଜିଲ୍ଲା ସୀମାବର୍ତ୍ତୀ ଗାଁ ପକନାଗୁଡ଼ା ଗ୍ରାମ, ଜାତୀୟ ରାଜପଥ ଠାରୁ ୩ କିମି ଓ ନବରଙ୍ଗପୁର ପୁର ସହର ଠାରୁ ମାତ୍ର ୬ କିମି ଦୂରରେ ଅବସ୍ଥିତ | ବୋରିଗୁମ୍ମା ବ୍ଲକ ଅଧିନସ୍ଥ ଚାଲାଣ ଗୁଡା ଉପଖଣ୍ଡ ବିଦ୍ୟୁତ ବିଭାଗର ପକନାଗୁଡ଼ା ଗ୍ରାମ ସମେତ ଆଖ ପାଖ ୩ ଗାଁ ରେ ସାତ ଦିନ ଧରି ଅନ୍ଧାରରେ ଦିନ କାଟୁଛନ୍ତି ଉପୋଭୋକ୍ତା। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବୋରିଗୁମ୍ମା ବ୍ଲକ ଆଉଁଳି ପଞ୍ଚାୟତ ପୋଖନାଗୁଡା ଗାଁରେ ସାତ ଦିନ ହେଲା ବିଦ୍ୟୁତ ସରବରାହ ବନ୍ଦ ରହିଛି ଫଳରେ ଅନ୍ଧାରରେ ବିତୁଛି ଗାଁ ଲୋକଙ୍କ ଜୀବନ। ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ନା ଚାଲୁଛି ପଙ୍ଖା ନା ଜଳୁଛି ବଲ୍‌ବ। ଅସ୍ତବ୍ୟସ୍ତ ଗ୍ରାମବାସୀ। ସନ୍ଧ୍ୟା ହେଲେ ଗାଁ





ଭିତରେ ପଶିଆସୁଛନ୍ତି ଭାଲୁ। ଭାଲୁ ଭୟରେ ତାଟି କବାଟ ବନ୍ଦ ହୋଇ ଯାଉଛି।

କୋରାପୁଟ ଜିଲ୍ଲା ସୀମାନ୍ତ ଏବଂ ନବରଙ୍ଗପୁର ଜିଲ୍ଲା ପ୍ରାରମ୍ଭରେ ଅବସ୍ତିତ ପୋଖନାଗୁଡା ଗାଁ। ଗାଁରେ ପ୍ରାୟତଃ କରେଣ୍ଟ ଚାଲିଗଲେ କେବେ ୭ ଦିନ ତ କେବେ ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ବିଦ୍ୟୁତ ଆସେ ନାହିଁ। ନବରଙ୍ଗପୁର ଟାଟା ପାୱାର ଅଫିସକୁ ଅଭିଯୋଗ କଲେ କହୁଛନ୍ତି କୋରାପୁଟ ଜିଲ୍ଲା ଟାଟା ପାୱାର ଅଫିସକୁ ଜଣାଅ। କୋରାପୁଟ ଜିଲ୍ଲା ବୋରିଗୁମ୍ମା ଟାଟା ପାୱାର କାର୍ଯ୍ୟାଳୟକୁ ଅଭିଯୋଗ କଲେ କହୁଛନ୍ତି ନବରଙ୍ଗପୁର ଅଫିସରେ ଅଭିଯୋଗ କର। ଯାରି ଭିତରେ ଅନ୍ଧାରରେ ଜୀବନ କାଟୁଛନ୍ତି ସରଳ

### କରେଣ୍ଟ ସମସ୍ୟାର ସମାଧାନ ନହେଲେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ ଚେତାବନୀ

ନିଷ୍ପେସିତ ଗାଁ ଲୋକେ। ଉପୋଭୋକ୍ତା ମାନଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟୁତ କାଟ ବିଷୟରେ ବାରମ୍ବାର ବିଦ୍ୟୁତ ବିଭାଗ କୁ ଅଭିଯୋଗ କରିଛନ୍ତି ହେଲେ ବି କୌଣସି ସୁଫଳ ମିଳି ନାହିଁ।

ସେଥିପାଇଁ ଆଜି ୩ ଖଣ୍ଡ ଗାଁ ଲୋକେ ଏକାଠି ହୋଇ ବୋରିଗୁମ୍ମା ଟାଟା ପାୱାର କାର୍ଯ୍ୟାଳୟକୁ ଆସି ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସମସ୍ୟାର ସମାଧାନ ନହେଲେ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ୧୦୪ କୋଟିର 'ମାତୃ-ଶିଶୁ ଭବନ' ଭୂତକୋଠି



### କେବେ ଖୋଲିବ ସେବାର ଦ୍ୱାର?

### ନିର୍ମାଣ କରିବାର ୨ ବର୍ଷ ପରେ ହୋଇପାରୁନି କାର୍ଯ୍ୟକ୍ଷମ

**ଯାଜପୁର ଟାଉନ, ୨୫।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ନୂତନ ଗତି ଦେବା ପାଇଁ ତିଆରି ହୋଇଥିବା ୧୦୪ କୋଟି ଟଙ୍କାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭବନ (ଏମ୍‌ସିଏଚ୍) ଆଜି ଅବହେଳାର ପ୍ରତୀକ ହୋଇ ପଡ଼ିଛି। ନିର୍ମାଣ କାମ ଦୁଇ ବର୍ଷ ତଳେ ସମ୍ପୂର୍ଣ୍ଣ ହେଲେ ମଧ୍ୟ, ଏପର୍ଯ୍ୟନ୍ତ ଏହା ଲୋକସେବାରେ ଲାଗି ପାରିନାହିଁ। ଫଳରେ, ହଜାର ହଜାର ରୋଗୀଙ୍କ ଆଶା ଏବେ ନିରାଶାରେ ପରିଣତ ହେଉଛି।

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଯାଜପୁର ସହିତ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକଙ୍କ ଭରସା ରହିଛି। ଦିନକୁ ହଜାର ହଜାର ରୋଗୀ ଏଠାରେ ଚିକିତ୍ସା ପାଇଁ ଭିଡ଼ ଲଗାଉଛନ୍ତି। ଏହି ଚାପକୁ କମାଇବା ଓ ମାତୃ-ଶିଶୁ ସେବାକୁ ସୁଧାରିବା ପାଇଁ କିଆନାଳୀ ଛକ ନିକଟରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ପରିସରରେ ୧୫୦ ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍ ଭବନ ତିଆରି ହୋଇଥିଲା। କିନ୍ତୁ ଦୁଃଖର କଥା, ଏହି ଆଧୁନିକ ଭବନ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ।

ଦୁଇଥର ରଙ୍ଗ ମାରାଗଲା, ଆସବାବପତ୍ର ମଧ୍ୟ ରଖାଗଲା— ତଥାପି ସେବା ଆରମ୍ଭ ହୋଇନି। ଭିତରେ ରଖାଯାଇଥିବା ସାମଗ୍ରୀ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି, ଯାହା ସରକାରୀ ଅବ୍ୟବସ୍ଥାକୁ ପ୍ରକାଶ କରୁଛି।

ସୂଚନା ଅନୁସାରେ, ପାଣିକୋଇଲି ଆର୍‌ଆଣ୍ଡ୍‌ବି ବିଭାଗ ଏହି ଭବନର ନିର୍ମାଣ କାମ କରିଛି। କିନ୍ତୁ ଏପର୍ଯ୍ୟନ୍ତ ଭବନଟି ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ଏହି ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ହେବାରୁ ସମଗ୍ର ପ୍ରକଳ୍ପ ଅଟକି ରହିଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମିଶ୍ର କହିଛନ୍ତି, "ନିର୍ମାଣ କାମ ଶେଷ ହେଲା ପରେ ଆମକୁ ଭବନ ହସ୍ତାନ୍ତର କରାଯିବ। ତାହା ପରେ ଏହାକୁ କାର୍ଯ୍ୟକ୍ଷମ କରାଯିବ।" ଜିଲ୍ଲାପାଳ ମଧ୍ୟ ଏହା ନେଇ ବହୁବାର ବୈଠକ କରିଥିବା ସତ୍ତ୍ୱେ ପ୍ରାୟୋଗିକ ପରିଣାମ ଦେଖାଯାଉନାହିଁ।

### ଦ୍ୱିତୀୟ ଦିନରେ ଉପମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

## ପର୍ଯ୍ୟଟନ ଓ ଐତିହ୍ୟକୁ ଫୋକସ୍



**ଛତ୍ରପୁର,୨୫।୪ (ସଂଚାର ବ୍ୟୁରୋ):** ଦୁଇ ଦିନିଆ ଗଞ୍ଜାମ ଗସ୍ତର ଦ୍ୱିତୀୟ ଦିନରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଶକ୍ତି, ଶିଶୁ ବିକାଶ, ପର୍ଯ୍ୟଟନ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିଲ୍ଲାର ଐତିହ୍ୟ ଓ ପର୍ଯ୍ୟଟନ ସମ୍ଭାବନାକୁ ନଜରରେ ରଖି ବିଭିନ୍ନ ସ୍ଥଳୀ ପରିଦର୍ଶନ କରି ଗଭୀର ସମୀକ୍ଷା କରିଥିଲେ।

ସକାଳୁ ସେ ପୋତାଗଡ କୋଟ ପହଞ୍ଚି କୋଟର ପ୍ରାଚୀନ ଐତିହ୍ୟ ଓ ବର୍ତ୍ତମାନ ସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିଥିଲେ। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ପୁରାତନ ସ୍ତମ୍ଭ, ପ୍ରାଚୀର ଓ ଅନ୍ୟାନ୍ୟ ଗଠନଗୁଡ଼ିକ ଦେଖି ସେ ଚିନ୍ତା ବ୍ୟକ୍ତ କରିଥିଲେ। ସ୍ତମ୍ଭଗୁଡ଼ିକର ମୂଳ ଆକୃତି ଓ ଐତିହାସିକ ମୂଲ୍ୟ ଅକ୍ଷୁଣ୍ଣ ରଖି ବୈଜ୍ଞାନିକ ପଦ୍ଧତିରେ ପୁନରୁଦ୍ଧାର କରିବା ସହ ପ୍ରତ୍ୟେକ ସ୍ତମ୍ଭ ଓ ପୁରାତନ ଅବଶେଷର ଇତିହାସ, ନିର୍ମାଣ ଶୈଳୀ ଓ ସମୟକାଳ ସମ୍ବନ୍ଧୀୟ ସଠିକ ତଥ୍ୟ ସହ ଡିସ୍‌ପ୍ଲେ ବୋର୍ଡ ସ୍ଥାପନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପୋତାଗଡକୁ ଏକ ସମ୍ପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ସେ ଐତିହାସିକ ଥିମ୍ ଭିତ୍ତିକ ପାର୍କ, ଲାଇଟ୍ ଏଣ୍ଡ ସାଉଣ୍ଡ ସୋ ଓ ଗାଇଡେଡ୍ ଟୁର୍ ବ୍ୟବସ୍ଥା ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ସେହିସହିତ ପାର୍କିଂ, ପାଣି, ଶୌଚାଳୟ ଓ ସୁରକ୍ଷା ସୁବିଧା କରିବାକୁ ଜୋର ଦେଇଥିଲେ। ଏନଏସି ଦ୍ୱାରା ବିନା ଯୋଜନାରେ କରାଯାଉଥିବା କାମକୁ ତତ୍କାଳ ବନ୍ଦ କରିବାକୁ ସେ କଠୋର ନିର୍ଦ୍ଦେଶ ଦେଇଥିଲେ।

ତାପରେ ସେ ତାମ୍ପରା ହ୍ରଦ ପରିଦର୍ଶନ କରି ପରିବେଶ ଓ ପର୍ଯ୍ୟଟନ ସମ୍ଭାବନା ନେଇ ବିସ୍ତୃତ ସମୀକ୍ଷା କରିଥିଲେ। ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖି ସମନ୍ୱିତ ଉନ୍ନୟନ କରିବା, ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିବା ପାଇଁ ନୂତନ ପୁଞ୍ଜିନିବେଶକାରୀମାନଙ୍କୁ ଆମନ୍ତ୍ରଣ, ବୋଟିଂ ଓ ଇକୋ-ଟୁରିଜମ୍ କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ପରିବେଶ ସୁରକ୍ଷା, ପାଣିର ପରିଷ୍କାରତା ଓ ଜୀବ ବୈବିଧ୍ୟର ସୁରକ୍ଷା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଏହି ସମ୍ପର୍କରେ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ହୋଇଥିବା ବୈଠକରେ ଅଞ୍ଚଳର ସମଗ୍ର ଉନ୍ନୟନ, ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ଓ ପର୍ଯ୍ୟଟନ ଆଧାରିତ ଅର୍ଥନୀତିକୁ ମଜବୁତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଦ୍ୱିତୀୟ ଦିନର ସମୀକ୍ଷା ଓ ନିର୍ଦ୍ଦେଶ ଜିଲ୍ଲାରେ ପର୍ଯ୍ୟଟନ, ଐତିହ୍ୟ ସୁରକ୍ଷା ଓ ସ୍ଥାନୀୟ ଅର୍ଥନୀତିକୁ ନୂତନ ଗତି ଦେବ ବୋଲି ଆଶା କରାଯାଉଛି।

## ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର




**ଖୋରଧା, ୨୫।୪ (ସଂଚାର ବ୍ୟୁରୋ):** ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଉଦଘାଟିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ର ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିବା ବ୍ୟକ୍ତି ବିଶେଷଙ୍କୁ ନୂତନ ଚଷମା ପ୍ରଦାନ କରିଥିଲେ। ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ଡାକ୍ତର ଦେବୀ ପ୍ରସାଦ ଶ୍ରୀଚନ୍ଦନଙ୍କ ଦ୍ୱାରା ୮୪ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହ ୨୪ ଜଣଙ୍କୁ ଚଷମା ପ୍ରଦାନ କରଯାଇଥିଲା ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ରୋଟାରିଆନ ଦେବ ପ୍ରସାଦ ମଜୁମଦାର, ସୂଚସ୍ମିତା ପରିଜା, ରୋଟାରୀ ସଭାପତି ସୁକାନ୍ତ ନାୟକ, ଆଲୋକ ପଟ୍ଟନାୟକ, ଶାଶ୍ୱତ କୁମାର ମହାନ୍ତି, ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## ବାଲିଗୁଡ଼ା ବନଖଣ୍ଡରୁ ପ୍ରଥମ ଥର ପାଇଁ ପୁରୀ ରଥଯାତ୍ରା ପାଇଁ କାଠ ଗଲା



**ଫୁଲବାଣୀ, ୨୫।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡର କୋଟଗଡ ବନାଞ୍ଚଳରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ୩ ରଥ ନିର୍ମାଣ ପାଇଁ ରଥକାଠକୁ ଶନିବାର ପୁରୀ ପଠାଯାଇଛି। ୪୦ ଫୁଟ ଲମ୍ବ ୩ ଫୁଟ ଗୋଲେଇ ୨୩ଗୋଟି ଢ଼ଉ ଗଣ୍ଡିକାଠ ଯାହାର ପରିମାଣ ୬୦୦ସିଫ୍ଟ। ବନବିଭାଗର ପୂର୍ବ ପ୍ରସ୍ତୁତି ଅନୁଯାଇ ଆଜି ଏହି କାଠ ବୋଝେଇ ଟ୍ରକ ଟିକୁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ବାଲିଗୁଡ଼ା ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପୂଜାର୍ଚ୍ଚନା ସହ କାଠଯାନକୁ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ପତାକା ଦେଖାଇ ଛଡା ଯାଇଛି।

ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ମଧୁସୂଦନ ଦାସ, ଭଗବାନ ପଣ୍ଡା, ଉପଜିଲ୍ଲାପାଳ ପ୍ରଣୀତା ଦାସ, ଏସଡିପିଓ ଶୁଭମ ଭୋସଲେ ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ସମସ୍ତ ଅୟୋଜନ କରାଯାଇ ଥିବା ବେଳେ ଡିଏଫଓ ଘନ ଶ୍ୟାମ ମହାନ୍ତ, ରେଞ୍ଜର ଡି.ସୁବାଷ, ଫରେଷ୍ଟର ପପୁ ଦୋରା, ସମେତ କ.ନୂଆଗାଁ ରେଞ୍ଜର ରମାକାନ୍ତ କହଁର, ସୁଶାନ୍ତ କୁମାର ବୈଶାଖୀ ପ୍ରମୁଖ ଉପସ୍ଥିତିରେ ଭବ୍ୟ ସ୍ୱାଗତ କରିଥିଲେ। ପ୍ରଥମଥର ପାଇଁ କୋଟଗଡ ଜଙ୍ଗଲ ରୁ ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରାକୁ କାଠ ୨୩ ଖଣ୍ଡ ରୁ ଉର୍ଦ୍ଧ ଯାଉଥିବାରୁ ବାଲିଗୁଡ଼ା ଅଞ୍ଚଳର ଜଗନ୍ନାଥ ପ୍ରେମୀ ଆନନ୍ଦିତ ଥିବା ଦେଖିବାକୁ ମିଳିଥିଲା ।

## ଅସ୍ତରଙ୍ଗରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ଅସ୍ତରଙ୍ଗ/କାକଟପୁର, ୨୫।୪ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନସ୍ଥ ୧୫ଗୋଟି ଗ୍ରାମ ପଞ୍ଚାୟତରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ସଂଧ୍ୟା ସମୟରେ ଅସ୍ତରଙ୍ଗ ବ୍ଲକ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ସମାରୋହକୁ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଆରତୀ ନାୟକ ଏବଂ ବିଡିଓ ସୁଶ୍ରୀ ସସ୍ମିତା ବେହେରା ଉଦ୍‌ଘାଟନ କରି ପଞ୍ଚାୟତିରାଜ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ପଞ୍ଚାୟତିରାଜ ଦିବସ ଅବସରରେ ବଲାଙ୍ଗୀରିରେ ଠାରେ ରାଜ୍ୟସ୍ତରୀୟ




ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣକୁ ବଡ଼ ଏଲିଡି ମାଧ୍ୟମରେ ପ୍ରଦର୍ଶନ କରାଯିବା ପରେ ପଞ୍ଚାୟତସ୍ତରରେ ୧୩୧ ଜଣ ନୂତନ

### ୧୩୧ ଅନ୍ତ୍ୟୋଦୟ ଗୃହ ବଣ୍ଟନ

ହିତାଧାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନା ବଣ୍ଟନ କରାଯାଇଥିଲା।

ଏହି ଅବସରରେ ଅସ୍ତରଙ୍ଗ ପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ସାସଂଦଙ୍କ ପତିନିଧି ଦିବାକର ଛାଟୋଇ, ନଈଁଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ମାଣ୍ଡିକି ସରପଞ୍ଚଙ୍କ ପ୍ରତିନିଧି ଇନ୍ଦ୍ରମଣୀ ଜେନାଙ୍କ ସମେତ ପଞ୍ଚାୟତର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ନବରଙ୍ଗପୁରରେ ମହିଳା ଜନ ଆକ୍ରୋଶ ସମାବେଶ

**ନବରଙ୍ଗପୁର, ୨୫।୪ (ସଂଚାର ବ୍ୟୁରୋ):** ସଂସଦରେ ଆଗତ ନାରୀ ବନ୍ଦନ ଅଧିନିୟମକୁ ବିରୋଧ କରି ପାରିତ କରିବାକୁ ଦେଇ ନ ଥିବାରୁ ସାରା ଦେଶରେ ମହିଳାମାନଙ୍କ ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହେଉଛି। ଏହି କ୍ରମରେ ନବରଙ୍ଗପୁର ଜିଲ୍ଲାରେ ମହିଳା ଜନ ଆକ୍ରୋଶ ସମାବେଶ ଆଜି ଅନୁଷ୍ଠିତ ହୋଇଛି।



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ, ବିଧାୟକ ନରସିଂହ ଭତରା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦର ଅଧ୍ୟକ୍ଷା ବାସନ୍ତୀ ମାଝୀ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଉପସଭାପତି ଶର୍ମିଷ୍ଠା ଦେଓ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ବରିଷ୍ଠ ବିଜେପି ନେତ୍ରୀ ପ୍ରୀତି ସ୍ମିଗ୍ଧା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।ଆଜି ନବରଙ୍ଗପୁର ଠାରେ ମହିଳା ମାନଙ୍କ ଏକ ବିଶାଳ ଶୋଭା ଯାତ୍ରା ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରି ଚାମୁରିଆ ଗୁଡ଼ା ଠାରେ ପହଂଚି ଥିଲା । ନାରୀ ବନ୍ଦନ ଅଧିନିୟମକୁ ବିରୋଧ କରିଥିବା ବିରୋଧୀଙ୍କ ବିରୋଧରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପରେ ଚାମୁରିଆଗୁଡ଼ା ଠାରେ ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଥିଲା।

ନାରୀ ବନ୍ଦନ ଅଧିନିୟମକୁ ବିରୋଧ କରୁଥିବା ବିରୋଧୀମାନଙ୍କୁ ନାରୀମାନେ ଆଗାମୀ ଦିନରେ ନିଶ୍ଚୟ ଉଚିତ ଜବାବ ଦେବେ ବୋଲି ଏହି ସମାବେଶରେ ମତ ପ୍ରକାଶ ପାଇଥିଲା। ମହିଳା ନେତ୍ରୀମାନେ ମହିଳା ଆରକ୍ଷଣ ବିଲକୁ ବିରୋଧ କରିଥିବା ଦଳ କଂଗ୍ରେସ, ବିଜେଡି ମହିଳା ବିରୋଧୀ ବୋଲି ଉପସ୍ଥାପନ କରିଥିଲେ।

### ପ୍ରକୃତିର ଉପାସକ ଫାର୍ମାସିଷ୍ଟ ରତିନ୍ଦ୍ର ନାରାୟଣ ପରିଡା

## ପେସା ରୋଗୀ ସେବା, ନିଶା ପ୍ରକୃତିର ସୁରକ୍ଷା



**ବାଲିଆପାଳ, ୨୫।୪ (ସଂଚାର ବ୍ୟୁରୋ):** ପେଶାରେ ରୋଗୀ ସେବା ନିଶାରେ ପ୍ରକୃତିର ପରିବେଶକୁ ଶସ୍ୟ ଶ୍ୟାମଳା ବନାନୀର ରୂପ ଦେବା। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ୧୯୯୧ରେ ଡାଇଲ ଛାଉଣୀ ସ୍କୁଲ ବାରଣ୍ଡାରେ ଗଢ଼ିଉଠିଥିଲା। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶଧର ପ୍ରଧାନ, ଗ୍ରାମର ମୁଖିଆ ନିରଞ୍ଜନ ପ୍ରଧାନ, ଗ୍ରାମବାସୀ ଯୁଗେନ୍ଦ୍ର ନାୟକ, ଗଜେନ୍ଦ୍ର ପ୍ରଧାନ, କାଳୀଚରଣ ବେହେରା ବିଜୟ କୁମାର ପ୍ରଧାନଙ୍କ ପ୍ରଚେଷ୍ଟାରେ ୧୯୯୩ ରେ ଏହାର ନବୀକରଣ କରାଯାଇଥିଲା। ସେହି ସମୟରେ ଫାର୍ମାସିଷ୍ଟ ହୋଇ କାର୍ଯ୍ୟ ଭାର ନେଇ ଥିଲେ ରତିନ୍ଦ୍ର ନାରାୟଣ ପରିଡା। ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିସରରେ ଏକ ସୁନ୍ଦର ବାତାବରଣ ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିଲେ। ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସେବା ସହ ରୋଗର ମୁକାବିଲା ପାଇଁ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଓ ସରକାରଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବାରେ ଫାର୍ମାସିଷ୍ଟଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। କିନ୍ତୁ ରୋଗୀ ଦେଖି ଔଷଧ ବାଣ୍ଟିବା ପରି ତ୍ୟାଗପୁତ ଏବଂ କର୍ମମୟ ଜୀବନରୁ ବାହାରି ଅବଶିଷ୍ଟ ସମୟ ପ୍ରକୃତିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାର ସ୍ୱପ୍ନ ପୂରଣ ହୋଇଛି।

ବେକରେ ଷ୍ଟେଥ ଧରି ରୋଗୀଙ୍କୁ ଇଞ୍ଜେକସନ, ମେଡ଼ିସିନ ବାଣ୍ଟିସାରିବା ପରେ କୋଡ଼ି, କଇଚି କୋଦାଳ, ପାଣିପାଇପ ଧରି ଲାଗି ପଡ଼ନ୍ତି ବଗିଚା କାମରେ। ବିଭିନ୍ନ କିସମର ଫୁଲ, ଫଳରେ ଭର୍ତ୍ତି ଏହି ହସ୍ପିଟାଲ ପରିସର। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଅଟକି ଯାଆନ୍ତି ଏହାର ଅନ୍ୟନ ରୂପ ଗାରିମାକୁ ଦେଖି।

ବାଲିଆପାଳ, ବସ୍ତା, ଜଳେଶ୍ୱର, ଭୋଗରାଇ ବ୍ଲକରୁ ଶହ ଶହ ଲୋକ ସେବା ଏବଂ ସୌନ୍ଦର୍ଯ୍ୟରେ ଭରା ପରିବେଶରେ ମାନସିକ ଶାନ୍ତି ପାଇଁ ଛୁଟି ଆସିଥାନ୍ତି। ଏହା ବ୍ୟତିତ ସେଲ୍ଫି ଏବଂ ଆଲବମ୍ ସୁଟିଂର ପଏଣ୍ଟ ପାଲଟିଛି ଏହି ସ୍ୱାସ୍ଥ୍ୟ କେନ୍ଦ୍ର। ଏଭଳି ଯୁଗାନ୍ତକାରୀ ପଦକ୍ଷେପ ଯୁବ ସମାଜକୁ ପ୍ରେରଣାର ବାର୍ତ୍ତା ବାଣ୍ଟିବା ସହିତ ବିଭିନ୍ନ ମହଲରୁ ପ୍ରଶଂସା ସାଉଁଟିଛନ୍ତି ଫାର୍ମାସିଷ୍ଟ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**

**"e" Procurement Notice for Building Works**
**Identification No. Online Tender /01/ RWDBNJ/2026-2027**

**No. 2005** **Date: 22-04-2026**

1. Name of the work : Building Works
2. Total Number of works : 3 (Three) Nos.
3. Estimated cost : 34.40 to 35.78 Lakhs
4. Class of Contractor : 'C' & 'B' Class of Contractor
5. Period of Completion : 06 (Six) Calendar Months
6. Other details :

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/01/ RWDBNJ/2026-2027 | 30.04.2026 at 10.00 A.M. | 12.05.2026 upto 5.00 P.M. |

**Further details can be seen from the website:- www.tendersodisha.gov.in**

**Executive Engineer**
**R.W.Division, Bhanjanagar**

'ବଣ୍ଟନ ମେଳା'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଜନତାଙ୍କ ଭରସା ବଢ଼ାଇବ ପୁଲିସର ସେବା ମନୋଭାବ

ଅନୁଗୋଳ,୨୫।୪(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଅନୁଗୋଳ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଆୟୋଜିତ 'ବଣ୍ଟନ ମେଳା' କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କ ସେବା ଦିଗରେ ଏକ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସମୟରେ ହଜିଯାଇଥିବା ବା ଚୋରି ହୋଇଥିବା ମୋବାଇଲ ଫୋନ୍ ଓ ବାଇକ୍‌ଗୁଡ଼ିକୁ ଉଦ୍ଧାର କରାଯାଇ ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ଫେରସ୍ତ କରାଯାଇଛି। ଜନସାଧାରଣଙ୍କ ହଜିଯାଇଥିବା ସାମଗ୍ରୀ ଫେରାଇ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇବାରେ ପୁଲିସ ପ୍ରଶାସନର ଏହି ନିଷ୍ଠାପର ଉଦ୍ୟମକୁ ଶ୍ରୀ ପ୍ରଧାନ ପ୍ରଶଂସା




କରିଛନ୍ତି। ଏଥିସହ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରାଯିବା ପୁଲିସର ସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣି ପରାଧୀନ ମାନସିକତାରୁ ବାହାରି ଏବେ 'ଭାରତୀୟ ନ୍ୟାୟ ସଂହିତା'ର ସଫଳ କ୍ରିୟାନ୍ୱୟନ କରାଯାଉଛି। ଅନେକ ଦଶକ ପରେ ଭାରତୀୟ ନ୍ୟାୟ ମୂଲ୍ୟବୋଧ ଉପରେ ଆଧାରିତ ଏହି ନୂତନ ଆଇନ ଶାସନକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିପାରିଛି। ଅନୁଗୋଳ ଜିଲ୍ଲା ପୁଲିସ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ନୂତନ ଆଇନ ପ୍ରୟୋଗ ଓ ସାମାଜିକ ଦାୟିତ୍ୱବୋଧର ସମନ୍ୱୟ ରକ୍ଷା କରି ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଛି। ପୁଲିସ ପ୍ରଶାସନର ଏଭଳି ସକାରାତ୍ମକ କାର୍ଯ୍ୟଧାରା ସାଧାରଣ ଜନତାଙ୍କ ମନରେ ସୁରକ୍ଷା ଓ ଭରସାକୁ ଆହୁରି ଦୃଢ଼ୀଭୂତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମେତ ଜିଲ୍ଲା ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।



କଳାହାଣ୍ଡିର ସର୍କିଟ୍ ହାଉସ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କୁ ଭେଟିବା ସହ ସେମାନଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

## ଉତ୍ତର ଓଡ଼ିଶାରେ କାଳବୈଶାଖୀ ଆଶଙ୍କା, ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ) : ସାରା ରାଜ୍ୟରେ ଅନୁଭୂତ ହୋଇଛି ଅସହ୍ୟ ତାତି। ତାତି ପରେ କାଳ ବୈଶାଖୀ ଆଶଙ୍କା ସୃଷ୍ଟି ହୋଇଛି। ଆସନ୍ତାକାଲି ଠୁ କାଳବୈଶାଖୀ ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ରବିବାରଠାରୁ ଉତ୍ତରଓଡ଼ିଶା ସମୁଦ୍ର ଉପକୂଳରେ କାଳବୈଶାଖୀ ଆଶଙ୍କା ସୃଷ୍ଟି ହୋଇଛି। ମେ ୧ ତାରିଖ ଯାଏଁ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ଆଶଙ୍କା ରହିଛି। କାଳବୈଶାଖୀ ପ୍ରଭାବରେ ଅଶାନ୍ତ ରହିପାରେ ସମୁଦ୍ର। ସମୁଦ୍ର ମଧ୍ୟରେ ଝଡ଼ ଓ ଅଧିକ ବେଗରେ ପବନ ବହିବା ଆଶଙ୍କା ଥିବା ନେଇ ପାଣିପାଗ ବିଭାଗ ପ୍ରକାଶ କରିଛି। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପାଣିପାଗ ବିଭାଗ ପକ୍ଷରୁ ବାରଣ କରିବା ସହ ପରାମର୍ଶ ଦିଆଯାଇଛି। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହ କୁଆପଥର ମାଡ ହେବାର ଆଶଙ୍କା ଥିବାରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ପାହାଡ଼ରୁ ୮୦ ଫୁଟ ତଳକୁ ଖସିଲା କାର୍

● ଗଛରେ ଲାଖିଯିବାରୁ ମୃତ୍ୟୁମୁଖରୁ ବର୍ତ୍ତିଲେ ୭ ସଦସ୍ୟ

ନୟାଗଡ଼,୨୫।୪(ସଂଚାର ବ୍ୟୁରୋ): ପାହାଡ଼ରୁ ପାଖାପାଖି ୮୦ ଫୁଟ ତଳକୁ ଏକ କାର୍ ଖସିପଡ଼ିଥିଲେ ହେଁ ସୌଭାଗ୍ୟକ୍ରମେ ୭ ଜଣ ଯାତ୍ରୀ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଗାଡ଼ିଟି ଖସିପଡ଼ିବା ପଳରେ ଏକ ଗଛରେ ଲାଖିଯିବାରୁ ଗୋଟିଏ ପରିବାରର ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ନୟାଗଡ଼ ଜିଲ୍ଲା ଫତେଗଡ଼ ଶ୍ରୀରାମ ମନ୍ଦିରରୁ ଦର୍ଶନ ସାରି ଫେରିବା ସମୟରେ ଏଭଳି ଭୟଙ୍କର ଦୁର୍ଘଟଣାର ଶିକାର ହୋଇଛନ୍ତି। ଉକ୍ତ ପରିବାରଟି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା କିରାସିଲା ଅଞ୍ଚଳର ହୋଇଥିବା ବେଳେ ଆହତ ୭ ଜଣଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରାଚୀମୟୀ ମିଶ୍ର, ପ୍ରୀତେଶ ମିଶ୍ର, ଶୁଭଶ୍ରୀ ଦାଶ, ପଲ୍ଲକିସି ଦାଶ ଓ ଶୁଭଶ୍ରୀ ମିଶ୍ର। ସେମାନେ କାର୍‌ରେ ଫତେଗଡ଼ ଶ୍ରୀରାମ ମନ୍ଦିର ଦର୍ଶନ ସାରି ଫେରୁଥିବା ସମୟରେ ଅଚାନକ କାରର ବ୍ରେକ ଫେଲ୍ ହୋଇଯାଇଥିଲା। ଫଳରେ ଚାଳକ ଭାରସାମ୍ୟ ହରାଇଥିଲେ। ସଙ୍ଗେ ସଙ୍ଗେ କାର୍‌ଟି ପାହାଡ଼ରୁ ୮୦ ଫୁଟ ତଳକୁ ଖସିଯାଇଥିଲା। ତେବେ ତଳେ ନ ପଡ଼ି କାର୍‌ଟି ଗଛରେ ଲାଖିଯାଇଥିଲା। ପାହାଡ଼ ତଳେ ଥିବା କିଛି ଲୋକ ସେମାନଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ଫତେଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

● ଗ୍ୟାରେଜରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ

ହିଞ୍ଜିଳିକାଟୁ,୨୫।୪(ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୁରୁଣା ମେଡିକାଲ ଛକ ତଥା ମିନି ଷ୍ଟାଡିୟମ କମ୍ପ୍ଲେକ୍ସର ୧ ନମ୍ବର ରୁମ୍‌ରେ ଥିବା ରାଜଲକ୍ଷ୍ମୀ ଅଟୋମୋବାଇଲ୍ ଦୋକାନରେ ଆଜି ଭୋର ସମୟରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ମିଳିଥିବା ସୂଚନାନୁସାରେ, ସବୁଦିନ ଭଳି ଗ୍ୟାରେଜ୍ ମାଲିକ ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଗ୍ୟାରେଜ୍‌ରେ ତାଲା ପକାଇ ଘରକୁ ଯାଇଥିଲେ। ତେବେ ପେଟ୍ରୋଲିଂ କରୁଥିବା ସମୟରେ ରାତି ପ୍ରାୟ ସାଢ଼େ ୩ଟା ସମୟରେ ଉକ୍ତ ଗ୍ୟାରେଜ୍‌ରୁ ଧୂଆଁ



ବାହାରୁଥିବା ପୁଲିସ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେମାନେ ଦୋକାନ ମାଲିକଙ୍କୁ ଫୋନ କରି ଜଣାଇଥିଲେ। ତୁରନ୍ତ ମାଲିକ ସେଠାରେ ପହଞ୍ଚି ଦୋକାନ ଖୋଲିଥିଲେ ହେଁ ଭିତରେ ନିଆଁ କ୍ରମଶଃ ଗୁରୁତର ହେଉଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେ ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନଥିଲେ ହେଁ ଏହା ଶର୍ଟସର୍କିଟ୍‌ଜନିତ ବୋଲି ଅନୁମାନ କରାଯାଉଛି। ଦୋକାନ ମାଲିକ ବିଜୟ କୁମାର ବେହେରା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ ବିଜୟଙ୍କୁ ସହାୟତା ଯୋଗାଇଦେବା ସକାଶେ ସ୍ଥାନୀୟ ବ୍ୟବସାୟୀମାନେ ଦାବି କରିଛନ୍ତି।

● ସରକାରୀ ଅର୍ଥ ହରିଲୁଟ୍ ମାମଲା

## ଦୋଷୀ ଯନ୍ତ୍ରୀଙ୍କୁ ଦୁଇ ବର୍ଷ ଜେଲ୍ ଦଣ୍ଡାଦେଶ

ସମ୍ବଲପୁର,୨୫।୪(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକର ଦୁଇ ଜଣ ପୂର୍ବତନ ଯନ୍ତ୍ରୀ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମାନେଶ୍ୱର ବ୍ଲକର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ସଦାନନ୍ଦ ପ୍ରଧାନ ଓ ବର୍ତ୍ତମାନ ନୟାଗଡ଼ ଜିଲ୍ଲାର ଦଶପଲାସ୍ଥିତ ବୃତାଙ୍ଗ ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବିରଞ୍ଚି ନାରାୟଣ ଦାଶଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କୁ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ଗତ ୨୦୦୮-୨୦୦୯ରେ ମାନେଶ୍ୱର ବ୍ଲକରେ ମନରେଗା ଯୋଜନାରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟରେ ମାପଚୁପରେ ଜାଲିଆତି କରି ସରକାରୀ ଅର୍ଥ ହରିଲୁଟ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ଦୁଇ ଯନ୍ତ୍ରୀଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଆଜି ମାମଲାର ବିଚାର କରି ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପ୍ରତ୍ୟେକଙ୍କୁ ୨ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ସହ ଜରିମାନା ପଇଠ କରିବାକୁ ଆଦେଶ ଦେଇଛନ୍ତି। ଏହି ଦଣ୍ଡାଦେଶ ପରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ସଦାନନ୍ଦ ପ୍ରଧାନଙ୍କ ପେନ୍‌ସନ୍ ବନ୍ଦ କରିବା ଓ କାର୍ଯ୍ୟରତ ଯନ୍ତ୍ରୀ ବିରଞ୍ଚି ନାରାୟଣ ଦାଶଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ସୁପାରିସ କରାଯିବ ବୋଲି ଜଣାପଡ଼ିଛି।

## ବାଇକ୍‌କୁ ଧକ୍କାଦେଲା ଆମ ବସ୍, ୨ ଗୁରୁତର

 କଟକ,୨୫।୪(ସଂଚାର ବ୍ୟୁରୋ): କଟକରେ 'ଆମ ବସ୍' ଦୁର୍ଘଟଣା ଘଟାଇଛି। ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଏକ ବାଇକ୍‌କୁ ଧକ୍କା ଦେବା ଫଳରେ ସେଥିରେ ବସିଥିବା ସ୍ୱାମୀ ଓ ସ୍ତ୍ରୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, କ୍ୟାଣ୍ଟନମେଣ୍ଟ ରୋଡରେ ଦମ୍ପତି



ବାଇକ ଧରି ଠିଆ ହୋଇଥିବା ବେଳେ ଅଚାନକ ସେମାନଙ୍କୁ 'ଆମ ବସ୍'ଟି ଧକ୍କା ଦେଇଥିଲା। ଫଳରେ ଦୁଇ ଜଣଯାକ ଗୁରୁତର ଭାବେ ଆହତ ହୋଇଥିବାରୁ ସେମାନଙ୍କୁ ଏସସିବି ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେହିପରି ଏହି ଦୁର୍ଘଟଣାରେ ବସ୍ ଚାଳକଙ୍କ ଭୁଲ୍ ଥିବାରୁ ସ୍ଥାନୀୟ ଲୋକେ ଚାଳକଙ୍କୁ ନିର୍ଘୂମ୍ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ସେଠାରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଚାଳକଙ୍କୁ ଉଦ୍ଧାର କରିବା ସହ ମାମଲାର ଅଧିକ ତଦନ୍ତ କରୁଛି।

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

## ପ୍ରଧାନଶିକ୍ଷକ ନିଲମ୍ବିତ

ନବରଙ୍ଗପୁର,୨୫।୪(ସଂଚାର ବ୍ୟୁରୋ): ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ ହୋଇଥିବା ବେଳେ ଏନେଇ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସ୍କୁଲ ତଦନ୍ତ କମିଟିର ରିପୋର୍ଟ ଆଧାରରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନଶିକ୍ଷକ ତାଙ୍କୁ ଅସଦାଚରଣ କରିଥିବା ନେଇ ଉକ୍ତ ନାବାଳିକା ଛାତ୍ରୀ ଜଣଙ୍କ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସକାଶେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଦାବି କରିଛନ୍ତି। ମିଳିଥିବା ସୂଚନାନୁସାରେ, ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଏକ ସେବାଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କ ବିରୋଧରେ ଉକ୍ତ ସ୍କୁଲ୍‌ରେ ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଓ ତାଙ୍କ ପରିବାର ଅସଦାଚରଣ କରିଥିବା ନେଇ ଅଭିଯୋଗ କରିଛନ୍ତି। ଉକ୍ତ ପୀଡ଼ିତା ଓ ପରିବାର ଲୋକଙ୍କ ସହ ବିଜେଡି ନେତା ଶ୍ରୀ ମାଝୀ ନବରଙ୍ଗପୁର ଥାନାରେ ପହଞ୍ଚି ଏତଲା ଦାୟର




କରିଛନ୍ତି। ଗତ ୧୫ ତାରିଖ ରାତିରେ ସ୍କୁଲର ୫ ଜଣ ଛାତ୍ରୀ ଓଆରଏସ୍ ପିଇବା ପାଇଁ ଯାଇଥିବା ସମୟରେ ପ୍ରଧାନଶିକ୍ଷକ ସୁକାନ୍ତ ଷଡ଼ଙ୍ଗୀ ପୀଡ଼ିତାଙ୍କ ହାତ ଧରି ଟାଣିଥିବା ଅଭିଯୋଗ ହୋଇଛି। ଏପରିକି ଶ୍ରୀ ଷଡ଼ଙ୍ଗୀ ତାଙ୍କୁ ରୁମ ଭିତରକୁ ଡାକି ଦେହର ସମ୍ବେଦନଶୀଳ ଅଙ୍ଗକୁ ଛୁଇଁବା ସହ ତାଙ୍କୁ ଟଣାଓଟରା କରିଥିଲେ। ଏ ନେଇ ପୀଡ଼ିତା ଓ ତାଙ୍କ ପରିବାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଥିଲା। କେବଳ ପ୍ରଧାନଶିକ୍ଷକଙ୍କୁ ବଦଳି କରି ଜିଲ୍ଲା ମଙ୍ଗଳ ବିଭାଗ ଚୁପ ରହିଥିବା ପୀଡ଼ିତା ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଶେଷରେ ନ୍ୟାୟ ପାଇଁ ସେମାନେ ନବରଙ୍ଗପୁର ଥାନାରେ ଏତଲା ଦେଇଥିବା ପରିବାର ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଏହି ଅସଦାଚରଣ ମାମଲା ସହ ଜଡ଼ିତ ଥିବା ପ୍ରତିଟି ଅଭିଯୁକ୍ତ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ହେବ। ସେହିପରି ସ୍କୁଲ କମିଟି ଅଭିଯୋଗର ତଦନ୍ତ କରିବା ପରେ ପ୍ରଧାନଶିକ୍ଷକ ଶ୍ରୀ ଷଡ଼ଙ୍ଗୀଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

ଛତ୍ରପୁରରେ ବ୍ୟାପକ ହୋଇଛି କିଡନୀ ରୋଗ

# ୧୦ରୁ ଊର୍ଦ୍ଧ୍ୱ ମୃତ, ୭୬ ଚିକିତ୍ସାଧୀନ

ବ୍ରହ୍ମପୁର,୨୫।୪(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏବେ କିଡନୀ ରୋଗର କରାଳ ରୂପ ଦେଖିବାକୁ ମିଳିଛି। ଗୋଟିଏ ପରେ ଗୋଟିଏ ଜୀବନ ଯାଉଥିବା ବେଳେ ଏବେବି ଅନେକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଘରେ ଘରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅହେତୁକ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି।



● ଉଦ୍‌ବେଗ ପ୍ରକାଶ କଲେ ବ୍ରହ୍ମପୁର ସାଂସଦ

● ଖୁବ୍‌ଶୀଘ୍ର ସ୍ଥାପନ ହେବ ଆରଓ ପ୍ଲାଣ୍ଟ: ମନ୍ତ୍ରୀ

କାଳିପଲ୍ଲୀ ପଞ୍ଚାୟତ ଅଧିନ ବନ୍ଦର, କଡୁରୁ, ବାସନାପୁଟି, ଉପୁଲାପୁଟି, ହରିପୁର, ଭାଗିନିପେଟା ଆଦି ଗ୍ରାମରେ କିଡ୍‌ନୀ ରୋଗୀ କାୟା ବିସ୍ତାର କରିଛି। ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି ଅନେକ ଲୋକ। ଅଞ୍ଚଳବାସୀ ଇଣ୍ଡିଆନ ରେୟାର ଆର୍ଥ ଲିମିଟେଡ୍‌କୁ ଦୋଷ ଦେଉଛନ୍ତି। ଯେବେଠାରୁ ଆଇଆରଇଏଲ ପକ୍ଷରୁ ମୋନାଜାଇଟ୍ ପ୍ଲାଣ୍ଟ କରାଗଲା ସେବେଠାରୁ ଏହି ରୋଗ ଦେଖାଦେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପାଣିରେ ବିଷାକ୍ତ ଗ୍ୟାସ ମିଶୁଥିବାରୁ ଏହି ରୋଗ ବ୍ୟାପୁଛି ବୋଲି କହିବା ସହ ଏହାର ବିହିତ ପ୍ରତିକାର ନେବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସେଠାରେ କ୍ୟାମ୍ପ କରିବା ସହ ପାଣି ନମୂନା ସଂଗ୍ରହ କରୁଛି। କିନ୍ତୁ କେଉଁ କାରଣରୁ ଏହି ରୋଗ ବ୍ୟାପୁଛି ତା'ର ପ୍ରକୃତ କାରଣ ଏଯାବତ ସାମ୍ନାକୁ ଆସିପାରିନାହିଁ। ଗତ କିଛି ବର୍ଷ ମଧ୍ୟରେ ଏହି ରୋଗରେ ଆକ୍ରାନ୍ତ ହୋଇ ୧୦ ଜଣଙ୍କ ପ୍ରାଣ ଯାଇଥିବା ଜଣାପଡ଼ିଛି। ଏବେବି ଏହି ରୋଗରେ ୭୬ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି।

କାଳିପଲ୍ଲୀରେ କିଡନୀ ରୋଗର ଭୟାବହତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ। ରୋଗର ପ୍ରକୃତ କାରଣ ଖୋଜି ବାହାର କରିବା ସହ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହଣ ଚରଣ ମାଝୀଙ୍କୁ ଟ୍ୱିଟ୍ କରି ଅନୁରୋଧ କରିଛନ୍ତି। ଏକ ସ୍ୱତନ୍ତ୍ର ତଦନ୍ତ କମିଟି ଗଠନ କରିବାକୁ ବି ସେ କହିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର ଏ ଦିଗରେ ତୁରନ୍ତ ଠୋସ ପଦକ୍ଷେପ ନେବା ଜରୁରୀ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି ଯେ ଜିଲ୍ଲାର ୩୦ଟି ସ୍ଥାନରେ ଜଳଜନିତ ରୋଗ ଦେଖାଦେଉଛି। ଯେଉଁ ଅଞ୍ଚଳରେ କିଡନୀ ରୋଗ ବ୍ୟାପିଛି, ସେଠାରେ ଆଗାମୀ ଦିନରେ ଆରଓ ପ୍ଲାଣ୍ଟ୍ କରାଯିବ।

## ଋଣ ଭାର ଅସହ୍ୟ ହେବାରୁ ରଶି ଲଗାଇ ଝୁଲିପଡ଼ିଲେ ସ୍ୱାମୀ-ସ୍ତ୍ରୀ

ଆସିକା, ୨୫।୪ (ସଂଚାର ବ୍ୟୁରୋ) : ସହିପାରିଲେନି ଦୁଃଖ । ଋଣ ଭାରର ଅସହ୍ୟ ପୀଡା ନେଇଗଲା ବୃଦ୍ଧ ଦମ୍ପତିଙ୍କ ଜୀବନ । ସ୍ୱାମୀ-ସ୍ତ୍ରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ବି ପଛାଇଲେନି । ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଗାଙ୍ଗପୁର ଥାନା କଳାସୂତା ଗାଁରେ ଘଟିଛି ଏପରି ଅଭାବନୀୟ ଘଟଣା । ଖବର ଅନୁଯାୟୀ, କିଛି ଦିନ ତଳେ ବୃଦ୍ଧ ଦମ୍ପତିଙ୍କ ଗୋଟିଏ ବୋଲି ହୃଦଘାତରେ ଆଖିବୁଜିଥିଲେ। ଘରେ ପାଞ୍ଚ ଜଣ ଝିଅ । ସେମାନଙ୍କ ମଧ୍ୟରୁ ସାନ ଝିଅର ବାହାଘର ଗତ ୨୧ ତାରିଖରେ ହୋଇଥିଲା । ଲଗାତର ଭାବେ ଦମ୍ପତିଙ୍କ



ଉପରେ ଋଣର ଭାର ବଢ଼ି ବଢ଼ି ଚାଲୁଥିଲା। ଯାହାକୁ ନେଇ ସ୍ୱାମୀ-ସ୍ତ୍ରୀ ମାନସିକ ଚିନ୍ତାରେ ରହୁଥିଲେ। ଯାହା ଆଜି ପ୍ରମାଣ କରିଦେଇଛି। ଶନିବାର ଦିନ କଳାସୂତା ଗାଁରୁ ଆସିଛି ଅଭାବନୀୟ ଘଟଣା। ଘରେ କେହି ନଥିବା ବେଳେ ବେକରେ ରଶି ଲଗାଇ ଝୁଲିପଡ଼ିଛନ୍ତି ସ୍ୱାମୀ-ସ୍ତ୍ରୀ। ଋଣ ଭାର ସହିନପାରି ଦମ୍ପତି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ୬୬ ବର୍ଷ ସୀମାଞ୍ଚଳ ବିଷୋୟୀ ଓ ୬୧ ବର୍ଷୀୟ ନମିତା ବିଷୋୟୀ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ବାବା ବେଶରେ ଲୁଟୁଥିଲେ, ୫ ଗିରଫ

ସୁନ୍ଦରଗଡ଼,୨୫।୪(ସଂଚାର ବ୍ୟୁରୋ): ନକଲି ବାବା ସାଜି ଗାଁଗହଳିର ନିରୀହ ଲୋକଙ୍କୁ ଲୁଟୁଥିଲେ। ଶେଷରେ ବନ୍ଧା ହୋଇ ଜେଲ ଗଲେ ୫ ନକଲି ବାବା ବେଶଧାରୀ। ଗିରଫ ସମସ୍ତ ୫ ଜଣ ନକଲି ବାବା ବିହାରର ଔରଙ୍ଗାବାଦ୍ ଅଞ୍ଚଳର ବାସିନ୍ଦା ବୋଲି ପୁଲିସ ସୂଚନା ଦେଇଛି। ସମସ୍ତଙ୍କୁ ସୁନ୍ଦରଗଡ ସଦର ଥାନାଞ୍ଚଳରୁ ଗିରଫ କରାଯାଇଛି। ଲକ୍ଷାଧିକ ଟଙ୍କାର ସୁନାଗହଣା ସମେତ ନଗଦ ୩୬ ହଜାର ଟଙ୍କା ମଧ୍ୟ ସେମାନଙ୍କଠାରୁ ଜବତ କରାଯାଇଛି। ଅନେକ ଦିନ ଧରି ସଦର ଥାନା ଅଞ୍ଚଳରେ ଲୋକଙ୍କୁ ଠକି ସୁନାଗହଣା ଓ ଟଙ୍କା ଲୁଟି ନେଉଥିଲେ। ଗିରଫ ହୋଇଥିବା ୫ ଅଭିଯୁକ୍ତ ହେଲେ ଗୁଗୁ ପଣ୍ଡା, ଦୁଲାର ପଣ୍ଡା, ବିଶାଲ ପଣ୍ଡା, ଧାନୁ ପଣ୍ଡା ଓ ଡକ୍ଟର ପଣ୍ଡା।



ଗତକାଲି ସୁନ୍ଦରଗଡ଼ ସଦର ଥାନା ଲଙ୍କାହୁଡ଼ା ଗାଁର ଗୋବର୍ଦ୍ଧନ ଓରାମଙ୍କ ଘରକୁ ୩ ଜଣ ନକଲି ବାବା ଆସିଥିଲେ। ପ୍ରଥମେ ଗୋବର୍ଦ୍ଧନ ସ୍ତ୍ରୀ ସେମାନଙ୍କୁ ଚାଉଳ ଓ ୨୦ ଟଙ୍କା ଦେଇଥିଲେ। କିନ୍ତୁ ବାବା ବେଶଧାରୀମାନେ ଗୋବର୍ଦ୍ଧନଙ୍କ ପରିବାର ଉପରେ ବିପଦ ଥିବା କହି ଟଙ୍କା ଓ ସୁନା ଅଳଙ୍କାର ଦେବାକୁ କହିଥିଲେ। କିନ୍ତୁ ଏସବୁ ଦେବାରେ ସେ ଅସମର୍ଥ ବୋଲି ଗୋବର୍ଦ୍ଧନ ପ୍ରକାଶ କରିବାରୁ ସେମାନେ ତାଙ୍କ ଛୁଆକୁ କ୍ଷତି ପହଞ୍ଚାଇବାର ଧମକ ଦେଇଥିଲେ। ତେଣୁ ଗୋବର୍ଦ୍ଧନ ଭୟଭୀତ ହୋଇ ସେମାନଙ୍କୁ ତାଙ୍କ ସ୍ତ୍ରୀଙ୍କ କାନଫୁଲ ଦେଇଥିଲେ। ଏହି ସମୟରେ ଆହୁରି ୨ ଜଣ ବାବା ବେଶଧାରୀ ସେଠାରେ ପହଞ୍ଚି ଧମକଚମକ ଦେଇଥିଲେ। ଏନେଇ ଗୋବର୍ଦ୍ଧନ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରୁ ଏହି ୫ ଜଣ ବାବା ବେଶଧାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନଙ୍କଠାରୁ ପିତ୍ତଳ ମୂର୍ତ୍ତି, ପୂଜାପାଠ ବହି, ୭ଟି ମୋବାଇଲ, ବିଭିନ୍ନ ରତ୍ନପଥର ଓ ଲୁଟ୍ ସୁନା ଗହଣା ଆଦି ଜବତ କରାଯାଇଛି। ସେହିପରି ଏପରି ଠକମାନଙ୍କୁ ଆଦୌ ପ୍ରଶ୍ରୟ ନ ଦେବାକୁ ପୁଲିସ୍ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦେଇଛି।

## ବେଆଇନ କରତ କଳରେ ଚଢ଼ାଉ ମିଳିଲା ବନ୍ଧୁକ ଓ ମାରଣାସ୍ତ୍ର

ଭଞ୍ଜନଗର,୨୫।୪(ସଂଚାର ବ୍ୟୁରୋ): ବେଆଇନ୍ କରତ କଳରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ଉକ୍ତ କରତ କଳରୁ ବନ୍ଧୁକ ଓ ମାରଣାସ୍ତ୍ର ଜବତ କରାଯାଇଛି। ଏହାଛଡ଼ା ବିପୁଳ ପରିମାଣର ମୂଲ୍ୟବାନ କାଠ ଓ ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ବି ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ଜବତ ହୋଇଥିବା ବନ୍ଧୁକ ମଧ୍ୟରେ ଏକ ମାଉଜର୍ ଓ ଦୁଇଟି ଦେଶୀ ବନ୍ଧୁକ ରହିଥିବା ବେଳେ ଜୀବନ ଗୁଳି ଓ ଧାରୁଆ ଅସ୍ତ୍ର ଜବତ କରାଯାଇଛି। ଏଥିସହ କରତକଳର ଦୁଇ ଜଣ କର୍ମଚାରୀଙ୍କୁ ବି ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଓ ତା'ର ଜଣେ ସହଯୋଗୀ ଅଛନ୍ତି। ମିଳିଥିବା ସୂଚନାନୁସାରେ,



ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ତଥା ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଶିଆରିମାଳ ଗାଁ ନିକଟସ୍ଥ ଏକ ଫାର୍ମ ହାଉସ୍‌ରେ ଏହି ବେଆଇନ୍ କରତକଳଟି ଚାଲିଥିଲା। ଏ ସଂକ୍ରାନ୍ତରେ ସୂଚନା ପାଇ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ସହ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ଶାଗୁଆନ କାଠ ଜବତ ହୋଇଥିବା ବେଳେ ସେସବୁର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସେହିଭଳି କରତକଳର ସମସ୍ତ ଯନ୍ତ୍ରାଂଶକୁ ଗ୍ୟାସ କଟର ସାହାଯ୍ୟରେ କାଟି ଜବତ କରାଯାଇଛି। ଉକ୍ତ ଯନ୍ତ୍ରାଂଶଗୁଡ଼ିକର ଅନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ବିଏଡ୍ ସାର୍ଟିଫିକେଟ ନାଁରେ ବଡ଼ ଠକେଇ

ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ): ଟଙ୍କା ଦିଅ, ବିଏଡ୍ ସାର୍ଟିଫିକେଟ ନିଅ। ଆଶାୟୀଙ୍କୁ ଏଭଳି ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟୁଥିଲେ। ଟଙ୍କା ନେଲା ପରେ ଆଉ ଧରାଛୁଆଁ ଦେଉନଥିଲେ। ୩୦୦ରୁ ଅଧିକ ଆଶାୟୀ ଏଭଳି ଭାବେ ଠକେଇର ଶିକାର ହୋଇଥିଲେ। କେନ୍ଦୁଝର ସମେତ ପଶ୍ଚିମ ଓଡ଼ିଶାର ୬ ଜିଲ୍ଲାରେ ଚାଲିଥିଲା ଏହି ଠକେଇ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ନିକଟରେ ଅଫିସ ଖୋଲି ଠକେଇର ଜାଲ ବୁଣିଥିବା ଅଭିଯୁକ୍ତ ଚିତ୍ତରଞ୍ଜନ ବାରିକ ଓ ରୀମା ଦାସଙ୍କୁ ଆଜି ପୁଲିସ ଗିରଫ କରିବା ପରେ ଏହି ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି।

ଚିତ୍ତରଞ୍ଜନ ଓ ରୀମା ଆନ୍ଧ୍ରପ୍ରଦେଶର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରୁ ବିଏଡ୍ ସାର୍ଟିଫିକେଟ କରାଇ ଦେବାକୁ କହି ବୁର୍ଲାରେ 'ୱାନ ୱାର୍ଲଡ ଏକାଡେମୀ' ନାମକ ସଂସ୍ଥା ଖୋଲିଥିଲେ। ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବଲାଙ୍ଗିର, ବରଗଡ଼, ନୂଆପଡ଼ା ଓ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀ ବିଏଡ୍




● ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଲୁଟ୍‌ର ଶିକାର
● ଦୁଇ ଅଭିଯୁକ୍ତଙ୍କୁ ଧରିଲା ପୁଲିସ

ସାର୍ଟିଫିକେଟ ଆଶାରେ ଦାବି ମୁତାବକ ଅର୍ଥ ପୈଠ କରିଥିଲେ। ହେଲେ କେତେ ଜଣ ଆଶାୟୀ ସଂସ୍ଥାର କାରବାରକୁ ନେଇ ସନ୍ଦେହ କରିଥିଲେ। କାରଣ ଦୁଇ ଅଭିଯୁକ୍ତ ବିଭିନ୍ନ ଆଳରେ ସେମାନଙ୍କୁ ହଇରାଣ ହରକତ କରୁଥିଲେ। ବାରମ୍ବାର ଅର୍ଥ ହାତେଇନେବା ସହ ସାର୍ଟିଫିକେଟ ନଦେଇ ଠକିଚାଲିଥିଲେ। ଏ ନେଇ ଗତ ୨୩ ତାରିଖରେ ଝାରସୁଗୁଡ଼ା ସାଇବର ଥାନାରେ ଓରିଏଣ୍ଟ ଥାନା ଅଞ୍ଚଳର ପ୍ରୀତିରାଣୀ ପଣ୍ଡା ଅଭିଯୋଗ କରିଥିଲେ। ବ୍ରଜରାଜନଗର ଥାନାଞ୍ଚଳର ଆକାଂକ୍ଷାମୟୀ ସୁନା ମଧ୍ୟ ଅନୁରୂପ ଅଭିଯୋଗ ଆଣିଥିଲେ।

ପ୍ରୀତିରାଣୀ ଅଭିଯୋଗରେ ଦର୍ଶାଇଥିଲେ ଯେ ସେ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ଡିଷ୍ଟାନ୍ସ ବିଏଡ୍‌ରେ ନାମ ଲେଖାଇବାକୁ ବୁର୍ଲାର ଏଜେଣ୍ଟ ରୀମାଙ୍କ ସହ ଯୋଗାଯୋଗ କରିଥିଲେ। ରୀମାଙ୍କ କଥାରେ ସେ ପ୍ରବେଶ ଫି' ବାବଦକୁ ୫୦ ହଜାର ଟଙ୍କା ଫୋନପେ'ରେ ୨୦୨୫ ଜୁଲାଇରେ ପୈଠ କରିଥିଲେ। ପରେ ଆଉ ୫ ହଜାର ଟଙ୍କା ବି ଦେଇଥିଲେ। ୫୫ ହଜାର ଟଙ୍କାର ପ୍ରାପ୍ତିସ୍ୱୀକାର ରସିଦ ମଧ୍ୟ ତାଙ୍କୁ ପ୍ରଦାନ କରାଯାଇଥିଲା। ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ନାମଲେଖା ସମ୍ପୂର୍ଣ୍ଣ ହୋଇଥିବା ଏଜେଣ୍ଟ ରୀମା କହିଥିଲେ। ମାତ୍ର ପରୀକ୍ଷା ଦେବାକୁ ଯିବା ସମୟରେ ଆଡମିସନ ହୋଇ ପାରି ନ ଥିବା ରୀମା କହିଥିଲେ। ପ୍ରବେଶ ଫି' ବାବଦ ଅର୍ଥ ଫେରାଇବାକୁ କହିବାରୁ ସେ ପ୍ରୀତିରାଣୀଙ୍କୁ ଭୁଲାଇ ଚାଲିଥିଲେ।

ବିଏଡ୍ ପ୍ରମାଣପତ୍ର ନାମରେ ବଡ଼ ଧରଣର ଠକେଇ ହୋଇଥିବା ଜାଣିବା ପରେ ପ୍ରୀତିରାଣୀ ଝାରସୁଗୁଡ଼ା ସାଇବର ଥାନାରେ ଏତଲା ଦେଇଥିଲେ। ଏହାକୁ ଗମ୍ଭୀରତାର ସହ ନେଇଥିଲେ ଏସପି ଗୁଣ୍ଡଲା ରାଘବେନ୍ଦ୍ର ରେଡ୍ଡୀ। ଏସପିଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ସାଇବର ଥାନା ଇନ୍ସପେକ୍ଟର ଦେବଦତ୍ତ ବସ୍ତିଆଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲାର ଲାଇକେରା ଥାନାର ୩ ଜଣ, ଓରିଏଣ୍ଟ, ଲଖନପୁର, ବେଲପାହାଡ଼ ଓ ବ୍ରଜରାଜନଗର ଥାନାଞ୍ଚଳର ଜଣେ ଲେଖାଏଁ ପ୍ରାର୍ଥୀ ଏଭଳି ଠକେଇର ଶିକାର ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ପରେ ଏହି ତାଲିକା ଆହୁରି ଲମ୍ବିଥିଲା। ପଶ୍ଚିମ ଓଡ଼ିଶାର ୩୦୦ରୁ ଊର୍ଦ୍ଧ୍ୱ ଆଶାୟୀ ଏପରି ସ୍କାମରେ ଫସିଛନ୍ତି। ରାଜ୍ୟର ଆଉ କେଉଁ କେଉଁ ଜିଲ୍ଲାକୁ ଏହି ସ୍କାମ୍‌ର ଚେର ଲମ୍ବିଛି, ତା' ତଦନ୍ତ ପରେ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# କମିଲା ସୁନା ଏବଂ ରୂପା ଦର



ନୂଆଦିଲ୍ଲୀ, ୨୫।୪: ଗ୍ରାହକଙ୍କ ପାଇଁ ଖୁସି ଖବର। କମିଲା ସୁନା ଏବଂ ରୂପା ଦର। ଡଲାରର ମଜବୁତ ହେବା ଏବଂ ବିଶ୍ୱ ସ୍ତରରେ ଅନିଶ୍ଚିତତା ବୃଦ୍ଧି ପାଇବା ମଧ୍ୟରେ ଏହା ଘଟିଛି। ଆମେରିକୀୟ ଡଲାରର ଦୃଢ଼ତା ଏବଂ ବିଶ୍ୱ ସ୍ତରରେ ଅନିଶ୍ଚିତତା ବୃଦ୍ଧି ପାଇବା ଯୋଗୁଁ ୨୫ ଏପ୍ରିଲରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇଛି। ମୁମ୍ବାଇରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମକୁ ୧,୫୪,୦୫୦ ଟଙ୍କାକୁ ହ୍ରାସ ପାଇଛି। ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମକୁ ୧,୪୧,୨୧୦ ଟଙ୍କାରେ ଉପଲବ୍ଧ ଥିଲା। ଏହି ହାରଗୁଡ଼ିକରେ ଜିଏସଟି ଏବଂ ମେକିଂ ଚାର୍ଜ ଅନ୍ତର୍ଭୁକ୍ତ ନୁହେଁ।

ଏହି ସମୟରେ, ମୁମ୍ବାଇରେ ସାରା ଭାରତରେ ରୂପାର ସ୍ପଟ୍ ମୂଲ୍ୟ କିଲୋଗ୍ରାମ ପିଛା ୨,୫୯,୮୦୦ ଟଙ୍କା ରହିଛି। ଅନ୍ତର୍ଜାତୀୟ ବଜାରରେ ସୁନା ଆଉନ୍ସ ପ୍ରତି ୪୭୦୮.୧୭ ଡଲାରେରେ ପହଞ୍ଚିଥିବା ବେଳେ ରୂପା ପ୍ରାୟ ୧ ପ୍ରତିଶତ ବୃଦ୍ଧି ପାଇ ୭୫.୯୬ ଡଲାରରେ ପହଞ୍ଚିଛି। ଇରାନ, ଇସ୍ରାଏଲ ଏବଂ ହର୍ମୁଜ ପ୍ରଣାଳୀରେ ଆମେରିକାର ଉପସ୍ଥିତି ସହିତ ଜଡିତ ଉତ୍ତେଜନା ଦ୍ୱାରା ମୂଲ୍ୟ ବୃଦ୍ଧି ଜାରି ରହିଛି। ଏହାର ଅନିଶ୍ଚିତତା ଯୋଗୁଁ ସୁନାର ମୂଲ୍ୟ ହ୍ରାସ ହୋଇଛି। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଶୁକ୍ରବାର ବଜାର ବନ୍ଦ ହେବା ସୁଦ୍ଧା ଜାତୀୟ ରାଜଧାନୀରେ ରୂପାର ମୂଲ୍ୟ ୩,୦୦୦ ଟଙ୍କା ହ୍ରାସ ପାଇ ୨,୪୭,୦୦୦ ଟଙ୍କା ହୋଇଛି। ଗୁରୁବାର ବାଣିଜ୍ୟ ଅଧିବେଶନରେ ଏହା ପ୍ରତି କିଲୋଗ୍ରାମ ୨,୫୦,୦୦୦ ଟଙ୍କାରେ ବନ୍ଦ ହୋଇଥିଲା। ସେହିପରି, ୨୪ କ୍ୟାରେଟ୍ ସୁନାର ମୂଲ୍ୟ ମଧ୍ୟ ୨୦୦ ଟଙ୍କା ହ୍ରାସ ପାଇ ପ୍ରତି ୧୦ ଗ୍ରାମ ୧,୫୫,୯୦୦ ଟଙ୍କାରେ ପହଞ୍ଚିଛି। ଗୁରୁବାର ଏହା ପ୍ରତି ୧୦ ଗ୍ରାମ ୧,୫୬,୧୦୦ ଟଙ୍କାରେ ବନ୍ଦ ହୋଇଥିଲା।

ଅନ୍ତର୍ଜାତୀୟ ବଜାର ଦର, ଆମଦାନୀ ଶୁଳ୍କ, ଟିକସ ଏବଂ ବିନିମୟ ହାରରେ ଉତ୍ଥାନ-ପତନ ମୁଖ୍ୟତଃ ଭାରତରେ ସୁନା ମୂଲ୍ୟକୁ ପ୍ରଭାବିତ କରିଥାଏ। ଏହି କାରଣଗୁଡ଼ିକ ଏକାଠି ସାରା ଦେଶରେ ଦୈନିକ ସୁନା ମୂଲ୍ୟ ନିର୍ଣ୍ଣୟ କରନ୍ତି। ବଜାର ପରିସ୍ଥିତିରେ ନିରନ୍ତର ପରିବର୍ତ୍ତନ ସହିତ, ନିବେଶକ ଏବଂ ବ୍ୟବସାୟୀମାନେ ଉତ୍ଥାନ-ପତନ ଉପରେ ନଜର ରଖନ୍ତି। ବର୍ତ୍ତମାନ ମ୍ୟାରେଜ ସିଜନରେ ସୁନା ରେଟ୍ କମିବା ଶୁଭ ସଙ୍କେତ।




# ଆନ୍ଥ୍ରୋପିକ୍ ଏଆଇ ଷ୍ଟାର୍ଟଅପ୍‌ରେ ୪୦ ବିଲିୟନ ଡଲାର ନିବେଶ କରିବ ଗୁଗଲ୍

ୱାସିଂଟନ, ୨୫।୪: ଆନ୍ଥ୍ରୋପିକ୍ ଏଆଇ ଷ୍ଟାର୍ଟଅପ୍‌ରେ ୪୦ ବିଲିୟନ ଡଲାର ପର୍ଯ୍ୟନ୍ତ ନିବେଶ କରିବାକୁ ଗୁଗୁଲ୍ ଯୋଜନା କରୁଛି। କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଫାର୍ମ ନିଶ୍ଚିତ କରିଛି, ଦୁଇ କମ୍ପାନି ମଧ୍ୟରେ ଏକ ଦୀର୍ଘକାଳୀନ ସହଭାଗିତା ହୋଇଛି। ଏହି ନିବେଶ ଏକ ସହଭାଗିତା ଉପରେ ନିର୍ମାଣ ହୋଇଛି ଯେଉଁଥିରେ ଆନ୍ଥ୍ରୋପିକ୍ ଏହାର ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ପ୍ରଦାନ କରିବା ପାଇଁ କଷ୍ଟମ ଗୁଗୁଲ୍ ଚିପ୍ସ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ସେବା ବ୍ୟବହାର କରିବ। ଆନ୍ଥ୍ରୋପିକ୍ ନିଶ୍ଚିତ କରିଛନ୍ତି ଯେ, ଚୁକ୍ତିନାମାରେ ଗୁଗୁଲ୍ ପକ୍ଷରୁ ପ୍ରାରମ୍ଭିକ ୧୦ ବିଲିୟନ ଡଲାର ନିବେଶ କରାଯିବ। ବାକି ୩୦ ବିଲିୟନ ଡଲାର କାର୍ଯ୍ୟଦକ୍ଷତା ଆଧାରରେ ପୂରଣ କରିବା ଉପରେ ନିର୍ଭର କରିବ। ଆନ୍ଥ୍ରୋପିକ୍‌ରେ ଆମାଜନ ୫ ବିଲିୟନ ଡଲାର ନିବେଶ କରିବାକୁ ଘୋଷଣା କରିବାର କିଛି ଦିନ ପରେ ଗୁଗୁଲ୍ ଏହି ଚୁକ୍ତି କରିଛି। ଆମାଜନ କହିଥିଲା, ଆନ୍ଥ୍ରୋପିକ୍‌ରେ ୫ ବିଲିୟନ ଡଲାର ନିବେଶ କରାଯିବ। କାର୍ଯ୍ୟଦକ୍ଷତା ଲକ୍ଷ୍ୟ ପୂରଣ ହେଲେ ଆହୁରି ୨୦ ବିଲିୟନ ଡଲାର ମଧ୍ୟ ନିବେଶ କରାଯିବ। ଆନ୍ଥ୍ରୋପିକ୍ ପକ୍ଷରୁ କୁହାଯାଇଛି, ଆଗାମୀ ଦଶନ୍ଧିରେ ଏଆଇକୁ ଶକ୍ତିଶାଳୀ କରିବା ପାଇଁ ଆମାଜନ ୱେ୍ ସର୍ଭିସେସ୍(ଏଡବ୍ଲୁଏସ୍) ପ୍ରଯୁକ୍ତିବିଦ୍ୟାରେ ୧୦୦ ବିଲିୟନ ଡଲାରରୁ ଅଧିକ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ।

# କେଶ ତୈଳ, ଏସି, ସାବୁନ ମହଙ୍ଗା

## ଅସହ୍ୟ ହେଲାଣି କଞ୍ଚାମାଲ ଦର

ନୂଆଦିଲ୍ଲୀ, ୨୫।୪: ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତରେ ଉପଭୋକ୍ତା ସାମଗ୍ରୀ କମ୍ପାନିଗୁଡ଼ିକର ଖର୍ଚ୍ଚ ବହୁତ ବଢ଼ିଯାଇଛି। କଞ୍ଚାମାଲର ମୂଲ୍ୟ ବୃଦ୍ଧି ଯୋଗୁଁ ସେମାନେ ପ୍ରାୟ ପ୍ରତିଦିନ ଖର୍ଚ୍ଚ ଟ୍ରାକ୍ କରିବାକୁ, ବାରମ୍ବାର ମୂଲ୍ୟ ସମୀକ୍ଷା କରିବାକୁ ଏବଂ ଦୀର୍ଘକାଳୀନ ଯୋଜନା ବଦଳରେ କ୍ଷଣସ୍ଥାୟୀ ନିଷ୍ପତ୍ତି ଉପରେ ଧ୍ୟାନ ଦେବାକୁ ବାଧ୍ୟ ହେଉଛନ୍ତି। ଏହାର ପ୍ରଭାବରେ ଦେଶରେ କେଶ ତୈଳ, ସାବୁନ ଓ ଏୟାର କଣ୍ଡିସନର (ଏସି) ମହଙ୍ଗା ହୋଇଛି। କଞ୍ଜ୍ୟୁମର ପ୍ରଡକ୍ଟ ନିର୍ମାତାମାନେ କହିଛନ୍ତି ଯେ ସେମାନେ କଞ୍ଚାମଲ ଦରରେ ଏଭଳି ହଠାତ୍ ବୃଦ୍ଧି ପୂର୍ବରୁ କେବେ ଦେଖିନଥିଲେ। ଗତବର୍ଷ ଜିଏସ୍‌ଟି ହ୍ରାସ ପାଇବା ପରେ କମ୍ପାନିଗୁଡ଼ିକର ବିକ୍ରିରେ ସୁଧାର ହୋଇଆସୁଥିବା ବେଳେ ଯୁଦ୍ଧ ଆରମ୍ଭ ହୋଇଯିବାରୁ ସବୁ କିଛି ବିଗିଡ଼ି ଯାଇଛି। ଯୁଦ୍ଧ ପ୍ରଭାବରେ ତରଳ ପାରାଫିନ୍ ଓ ପ୍ୟାକେଜିଂ ସାମଗ୍ରୀ ମୂଲ୍ୟ ଅସ୍ଥିର ରହିଛି। ସୋରିଷ ଓ ଶୁଖିଲା ନଡ଼ିଆର ମୂଲ୍ୟ ମଧ୍ୟ ଆଶାନୁରୂପ ଭାବେ କମ୍ ହୋଇନାହିଁ। ଯୁଦ୍ଧ ଯୋଗୁଁ ସାମଗ୍ରୀ ଏବଂ ଅଶୋଧିତ ତୈଳ ସହିତ ଜଡିତ ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇଛି, ମାଲ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଛି ଏବଂ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଆମଦାନୀ ମହଙ୍ଗା ହୋଇଛି। ଯୁଦ୍ଧବିରତି ପରେ ମଧ୍ୟ ମୂଲ୍ୟ ହ୍ରାସ ପାଇନାହିଁ ଏବଂ ସଂଘର୍ଷ ପୁଣି ଥରେ ଆରମ୍ଭ ହୋଇପାରିବ କି ନାହିଁ ସେ ବିଷୟରେ ଅନିଶ୍ଚିତତା ରହିଛି। ଗତ ମାସରେ କମ୍ପାନିଗୁଡ଼ିକ ଏୟାର-କଣ୍ଡିସନର, ରେଫ୍ରିଜରେଟର, ସାବୁନ, ଡିଟରଜେଣ୍ଟ, କେଶ ତେଲ, ପୋଷାକ, ସାଜସଜ୍ଜା ରଙ୍ଗ ଏବଂ ପାଦୁକା ସମେତ ଅନେକ ବର୍ଗରେ ମୂଲ୍ୟ ବୃଦ୍ଧି କରିସାରିଛନ୍ତି। କିଛି କମ୍ପାନି ଅଧିକ ମୂଲ୍ୟର ମୁକାବିଲା କରିବା ପାଇଁ ପ୍ୟାକ୍ ଆକାର ମଧ୍ୟ ହ୍ରାସ କରିଛନ୍ତି। ଏହି ମାସ ଶେଷ ସୁଦ୍ଧା ଆହୁରି ମୂଲ୍ୟ ବୃଦ୍ଧି ଆଶା କରାଯାଉଛି।

ଖୁଚୁରା ବ୍ୟବସାୟୀମାନେ ମଧ୍ୟ ଅଧିକ ସତର୍କତାର ସହିତ ଖର୍ଚ୍ଚ କରୁଥିବା ଦେଖୁଛନ୍ତି। ଗ୍ରାହକମାନେ ମଧ୍ୟ ସତର୍କତାର ସହ ଖର୍ଚ୍ଚ କରୁଛନ୍ତି। ଅନିଶ୍ଚିତତା ମଧ୍ୟରେ ଜୀବନଯାପନ ଖର୍ଚ୍ଚ ବଢ଼ିଥିବାରୁ ଲୋକମାନେ ଇଚ୍ଛାଧୀନ ଖର୍ଚ୍ଚ କମ୍ କରିଛନ୍ତି। ମଧ୍ୟପ୍ରାଚ୍ୟ ବିବାଦ ଦୁଇ ମାସର ନିକଟତର ହେବାକୁ ଯାଉଛି। ଗତ ଫେବ୍ରୁଆରି ୨୮ ତାରିଖରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ମିଳିତ ଆକ୍ରମଣ ଆରମ୍ଭ କରିବା ପରେ ଏହି ବିବାଦ ଆରମ୍ଭ ହୋଇଥିଲା। ପ୍ରତିଶୋଧ ସ୍ୱରୂପ ଇରାନ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଥିଲା। ଏହି ବାଟ ଦେଇ ବିଶ୍ୱର ୨୦ ଇନ୍ଧନ ପରିବହନ ହୋଇଥାଏ।



### ବିଦେଶରେ ରହୁଥିବା ଭାରତୀୟଙ୍କ ପାଇଁ ଖୁସି ଖବର

# ଆହୁରି ସହଜ ହେବ କିଣାବିକା

ନୂଆଦିଲ୍ଲୀ, ୨୫।୪: **YourDesiCart** ନାମକ ଏକ ଅନ୍‌ଲାଇନ ଶପିଙ୍ଗ ଏବଂ ପାର୍ସେଲ ସେବା ପ୍ଲାଟଫର୍ମକୁ କ୍ରୟ କରିଛି ଗରୁଡ଼ବେଗା (**NexGen Logistics**ର ଏକ ଅଂଶ)। ଏହା ଦ୍ୱାରା ଗରୁଡବେଗା (ଗରୁଡ଼ବେଗା) ଆନ୍ତର୍ଜାତୀୟ ଇ-କମର୍ସରେ ଶକ୍ତିଶାଳୀ ହେବା ସହ ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ ଏବଂ ମିଡଲ ଇଷ୍ଟରେ ସେବା ବିସ୍ତାର ପାଇଁ ଯୋଜନା ପ୍ରସ୍ତୁତ କରିଛି।

୨୦୨୦ରେ ଆରମ୍ଭ ହୋଇଥିବା **YourDesiCart** ବିଦେଶରେ ରହୁଥିବା ଭାରତୀୟଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେଉଛି। ୯୦,୦୦୦ରୁ ଊର୍ଦ୍ଧ୍ୱ ବ୍ୟବହାରକାରୀ ଏହାର ବ୍ୟବହାର କରୁଥିବା ବେଳେ ୨୨୦ରୁ ଅଧିକ ଦେଶକୁ ସେବା ଯୋଗାଉଛି। ଗ୍ରାହକମାନେ ଭାରତର କୌଣସି ଦୋକାନରୁ ଅନଲାଇନ କିମ୍ବା ଅଫଲାଇନରେ ଜିନିଷ କିଣି **YourDesiCart** ମାଧ୍ୟମରେ ବିଦେଶକୁ ପଠାଇପାରିବେ। ଏପରିକି ଗ୍ରାହକଙ୍କୁ ଲକର୍ ଆଡ୍ରେସେସ୍, ପାର୍ସଲ କନ୍‌ସୋଲିଡେସନ୍ ଏବଂ ଅସିଷ୍ଟେଡ୍ ସପିଂ ଭଳି ସେବା ମଧ୍ୟ ଯୋଗାଇ ଦିଆଯିବ। ବର୍ତ୍ତମାନ ଗରୁଡ଼ବେଗା ସହିତ କାମ କରିବ **YourDesiCart**। ଏହା ଦ୍ୱାରା ସାମଗ୍ରୀ ଡେଲିଭରି ଦ୍ରୁତ ହେବା ସାଙ୍ଗକୁ ଯୋଗାଇ ଦିଆଯାଉଥିବା ସେବା ଆହୁରି ବିଶ୍ୱସନୀୟ ହୋଇ ଗ୍ରାହକଙ୍କ ଖର୍ଚ୍ଚକୁ କମ୍ କରିବ। **NexGen Logistics**ର ସିଇଓ ସତୀଶ ଲକ୍କରାଜୁ କହିଛନ୍ତି ଯେ, **YourDesiCart** ଗ୍ରାହକଙ୍କ ପାଇଁ ଏକ ଭଲ ସମାଧାନ ପ୍ରସ୍ତୁତ କରିଛି। ଏହା ଗ୍ରାହକଙ୍କୁ ଆହୁରି ଭଲ ଶପିଙ୍ଗ ଅନୁଭବ ଦେଇପାରିବ। **YourDesiCart**ର ସଂସ୍ଥାପିକା ସତ୍ୟା ଅୟ୍ୟାଗାରି କହିଛନ୍ତି, ଭାରତୀୟ ସାମଗ୍ରୀକୁ ସମଗ୍ର ବିଶ୍ୱରେ କିପରି ସହଜରେ ପହଞ୍ଚାଇ ହେବ ଏହା ଆମର ଲକ୍ଷ୍ୟ। 'ଗରୁଡ଼ବେଗା'ର ସ୍କେଲ୍ ଏବଂ ଲଜିଷ୍ଟିକ୍ସ ଶକ୍ତି ଦ୍ୱାରା ବିକାଶକୁ ତ୍ୱରାନ୍ୱିତ କରି ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ସପିଂ ଅଭିଜ୍ଞତା ପ୍ରଦାନ କରାଯାଇପାରିବ। **YourDesiCart** ବର୍ତ୍ତମାନ ହାଇଦ୍ରାବାଦରୁ କାର୍ଯ୍ୟ କରୁଥିବା ବେଳେ ତୁରନ୍ତ ଭାରତର ଅନ୍ୟ ସହରଗୁଡ଼ିକୁ ସେବା ବିସ୍ତାର କରିବ। ଏହା ଦ୍ୱାରା ଡେଲିଭରି ସମୟ ପୂର୍ବାପେକ୍ଷା କମିବ ଏବଂ ଭାରତୀୟ ବ୍ୟବସାୟୀ ବିଶ୍ୱ ବଜାରରେ ନୂତନ ସୁଯୋଗ ପାଇପାରିବେ।



# ଲାଗୁ ହେବ ମଲ୍ଟି ଲେନ୍ ଫ୍ରି ଫ୍ଲୋ ଟୋଲିଂ




ନୂଆଦିଲ୍ଲୀ, ୨୫।୪: ଟୋଲ ଶୁଳ୍କ ଲାଗି ଫାସଟ୍ୟାଗ୍ ବ୍ୟବସ୍ଥା କରି କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ଟୋଲ ପ୍ଲାଜାରେ ବାହନଙ୍କ ଧାଡ଼ି ସୀମିତ କରିଦେଇଛନ୍ତି। ହେଲେ ଏବେ ଟୋଲ ପ୍ଲାଜାମାନଙ୍କରେ ଅଟକିବା ଓ ଟୋଲ କଟିବା ପାଇଁ ଯାହାବି ସମୟ ଲାଗୁଛି ତାକୁ ମଧ୍ୟ ସମ୍ପୂର୍ଣ୍ଣ ସମାପ୍ତ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କେନ୍ଦ୍ର ସରକାର ଟୋଲ ବ୍ୟାରିୟର ମୁକ୍ତ ଯେଉଁ ହାଇ-ୱେର ପରିକଳ୍ପନା ଉପରେ ଅନେକ ସମୟରୁ କାମ କରୁଥିଲେ ତାହା ଦେଶରେ ଆଗାମୀ ମାସରୁ ଲାଗୁ ହେବ। ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନଏଚଏଆଇ)ଙ୍କ ଉଦ୍ଦେଶ୍ୟ ଆଗାମୀ ୩ ବର୍ଷ ମଧ୍ୟରେ ସାରା ଦେଶର ଏନଏଚରେ ଫ୍ରି ଫ୍ଲୋ ଟୋଲିଂ ଲାଗୁ କରିବା। ଏନଏଚଏଆଇର ଜନୈକ ବରିଷ୍ଠ ଅଧିକାରୀଙ୍କ ଅନୁସାରେ ଦେଶର ସବୁ ଏନଏଚ୍ ରୁ ଟୋଲ ପ୍ଲାଜା ହଟି ଯିବ। ଟୋଲ ବ୍ୟାରିୟର ସ୍ଥାନରେ ଗ୍ୟାଣ୍ଟ୍ରି ରହିବ। ଯେଉଁଥିରେ ଅଟୋମ୍ୟାଟିକ୍ ନମ୍ବର ପ୍ଲେଟ୍ ରିକଗ୍ନିସନ (ଏଏନପିଆର) ଆରଏଫଆଇଡି ରିଡର ଲାଗିଥିବ। ଏହା ମାଧ୍ୟମରେ ଫାସଟ୍ୟାଗ୍ ଓ ଭେଇକଲ ରେଜିଷ୍ଟ୍ରେସନ ନମ୍ବରର ସ୍କାନିଂ ଗାଡ଼ିକୁ ନ ଅଟକାଇ କରାଯାଇ ପାରିବ। ଏହାଦ୍ୱାରା କୌଣସି ଠାରେ ବାହନ ଧାଡି ଲାଗିବ ନାହିଁ। ଏଥିରେ ମାନବୀୟ ହସ୍ତକ୍ଷେପ ମଧ୍ୟ ରହିବ ନାହିଁ। ଅଧିକାରୀ କହିଛନ୍ତି ଯେ ଯଦି କୌଣସି ଫାସଟ୍ୟାଗ୍ ରେ ବୈଷୟିକ ତ୍ରୁଟି ଥିବ ଅଥବ ପର୍ଯ୍ୟାପ୍ତ ରାଶି ନଥିବ ତେବେ ଯେଉଁଭଳି ଇ-ଚାଲାଣ କଟୁଛି ସେହିଭଳି ଇ-ଚାଲାଣ କଟା ଯାଇ ଦୁଇଗୁଣା ଶୁଳ୍କ ରାଶି ଆଦାୟ କରାଯିବ। ଅଧିକାରୀଙ୍କ ଅନୁସାରେ ଦେଶରେ ସର୍ବ ପ୍ରଥମେ ଗୁଜରାଟର ଚୌର୍ଯ୍ୟାସୀ ଟୋଲ ପ୍ଲାଜାରେ ଫ୍ରି ଫ୍ଲୋ ଟୋଲିଂ ଆରମ୍ଭ ହେବାକୁ ଯାଉଛି। ଏହା ପରେ ହରିୟାଣାର ଏନଏଚ ୪୪ରେ ଘରୌନ୍ଦା ଟୋଲ ପ୍ଲାଜାରେ ଏହି ବ୍ୟବସ୍ଥା ଲାଗୁ ହେବ ଓ ଆଗାମୀ ୩ ବର୍ଷ ମଧ୍ୟରେ ସାରା ଦେଶର ଟୋଲ ପ୍ଲାଜାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟଙ୍କ ଉଦ୍ଦେଶ୍ୟ ହେଉଛି ଦେଶର ଟୋଲ ପ୍ଲାଜାରେ ବାହନ ଧାଡି ନ ରହୁ। ଏଣୁ ପ୍ରଥମେ ଫାସଟ୍ୟାଗ୍ ବନ୍ଦୋବସ୍ତ ହୋଇଥିଲା, ଏବେ ଗ୍ୟାଣ୍ଟ୍ରି ଲାଗିବ।



# ଆଜିର ସୁନା ଦର

ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ବଲାଙ୍ଗିର ବିଜେଡି



ବଲାଙ୍ଗିର,୨୫।୪ (ସଂଚାର ବ୍ୟୁରୋ):ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ଥାନୀୟ ସର୍କିଟ ହାଉସ ଠାରେ ଭେଟି ବିଜେଡି ପ୍ରତିନିଧି ଦଳ ବଲାଙ୍ଗିରର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଜଣାଇଥିଲେ । ବଲାଙ୍ଗିର ବିଧାୟକ କଲିକେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶରେ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ । ଏହି ବିଜେଡି ପ୍ରତିନିଧି ଦଳରେ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ଦେଓଗାଁ ବ୍ଲକ ଚେୟାରମେନ ମଣ୍ଟୁ ଖମାରୀ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବଲାଙ୍ଗୀର ଜିଲା ଛାତ୍ର ସଭାପତି ସୁମନ କୁମାର ନନ୍ଦ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ବିଜେଡି ନେତା ମନୀଷ ସାଏ, ଲେଙ୍କା ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଦେଓଗାଁ ଚିନିକଳର ପୁନରୁଦ୍ଧାର, କେନ୍ଦ୍ରୀୟ ପାଠାଗାର ନିର୍ମାଣ, ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ୧୦୦ ଏକର ଜମି ଦେବାକୁ ପତ୍ର ମାଧ୍ୟମରେ ଦାବି ଜଣାଇବା ସହ ଅନୁରୋଧ କରିଥିଲେ ।

## ବାବା ଗ୍ରହରାଜ ଶନିଶ୍ଚରଙ୍କ ବାର୍ଷିକ ଯଜ୍ଞ ମହୋତ୍ସବ



ସାଇଁକୁଳରେ ଅଖଣ୍ଡ ଦୀପ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ଆନନ୍ଦପୁର,୨୫।୪(ସଂଚାର ବ୍ୟୁରୋ) କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ଗ୍ରାମରେ ଥିବା ବାବା ଶନିଶ୍ଚରଙ୍କ ମନ୍ଦିର ରେ ୪୦ତମ ବାର୍ଷିକ ଯଜ୍ଞମହୋତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଅପରାହ୍ନରେ ଗ୍ରାମ ସ୍ଥିତ ସାଇଁକୁଳ ପୁଷ୍କରିଣୀ ରୁ ବ୍ରତଧାରୀ ମାନେ କଳସ ବୁଡ଼ାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନା କରିଥିଲେ । ସକାଳୁ ନୀତି ପୂଜକ ରବିନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପୂଜା ଆରମ୍ଭ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଯୋଗଦାନ କରି ବାବା ଗ୍ରହରାଜ ଶନିଶ୍ଚର ଙ୍କ ପୂଜାର୍ଚ୍ଚନା କରିବା ସହ ବାବା ଙ୍କ ଅଖଣ୍ଡ ଦୀପ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଯଜ୍ଞ ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ ସୀତାରାମ ପତି, ପଣ୍ଡିତ ରାଜୀବ ଲୋଚନ ପଣ୍ଡା ଙ୍କ ଦ୍ୱାରା ବେଦପାଠ, ପଞ୍ଚକର୍ମ, ସୂର୍ଯ୍ୟ ପୂଜା, ଗୁରୁ ପୂଜା, ଗୋ ପୂଜା, ସାଲା ପ୍ରବେଶ, ଯଜ୍ଞାଗିରି ସ୍ଥାପନ, ଷୋଡ଼ଶ ଉପଚାର ପୂଜା, ହବନ ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟ କର୍ତ୍ତା ରାଜୀବ ଲୋଚନ ଚକ୍ର, ସୁଜାତା ଚକ୍ର ତୁଲାଇ ଥିଲେ। ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଧ୍ୟା ରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସାଇଁକୁଳ ଶନିଶ୍ଚର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ହୋଇଥିଲା । ଶ୍ରଦ୍ଧାଳୁ ମାନେ କିପରି ଶାନ୍ତି ଶୃଙ୍ଖଳା ରେ ଦର୍ଶନ କରି ପାରିବେ ସେନେଇ ସାଇଁକୁଳ ଫାଣ୍ଡି ପୁଲିସ ଓ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଏନ୍.ସି.ସି ଛାତ୍ର ଛାତ୍ରୀ ନିୟୋଜିତ ଥିଲେ । ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରାସାଦ ସେବନ ବ୍ୟବସ୍ଥା ହୋଇଥିବା ବେଳେ ପରିଚାଳନା ବିଜୟ କୁମାର ପଣ୍ଡା ,ନିରାକାର ଚକ୍ର,ଚଗୁଲ ସାମଲ ,ସନ୍ତୋଷ ସ୍ୱାଇଁ,ଦୀପକ ସ୍ୱାଇଁ ଙ୍କ ସହ ଅନେକ ଯୁବ ପୀଢ଼ି ଉପସ୍ଥିତ ରହି ସହଯୋଗ କରିଥିଲେ ।

## ରାଛିପୁରରେ ଓଁ ଶ୍ରୀ ଶ୍ରୀ ଶନି ଠାକୁରଙ୍କ ବାର୍ଷିକ ଉତ୍ସବ ପାଳିତ



ଯାଜପୁର ରୋଡ଼,୨୫।୪(ସଂଚାର ବ୍ୟୁରୋ): ଯାଜପୁର ରୋଡ ଥାନା ଅନ୍ତର୍ଗତ ରାଛିପୁର ଗ୍ରାମ ସ୍ଥିତ ଓଁ ଶ୍ରୀ ଶ୍ରୀ ଶନି ଠାକୁରଙ୍କର ୭୮ ତମ ବାର୍ଷିକ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି ଦିବସ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଅଛି। ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରିତିରଞ୍ଜନ ଘଡ଼ାଇ ଯୋଗଦେଇ ଠାକୁରଙ୍କ ଦର୍ଶନ କରିବା ସହିତ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏହି ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ମଧ୍ୟରାତ୍ରୀରୁ ଠାକୁରଙ୍କ ଗଛରେ ଜଳାଭିଷେକ କରିବା ସହିତ ଠାକୁରଙ୍କ କୃପା ଓ ଆଶିଷ ଲାଭ କରିଥାନ୍ତି। ଏଠାରେ ଶହ ଶହ ବିଭିନ୍ନ ରକମର ଦୋକାନ, ଯାତ୍ରା ଆଦି ଏହି ଉତ୍ସବ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥାଏ। ଠାକୁରଙ୍କ ସେବକ ତପନ କୁମାର ସାହୁ, ଦୁର୍ଯ୍ୟୋଧନ ପାଢ଼ୀ, ଯଦୁନନ୍ଦନ ତ୍ରିପାଠୀଙ୍କ ସମେତ ବିଭିନ୍ନ ସମାଜସେବୀ ଅନୁଷ୍ଠାନର ସଦସ୍ୟ ଓ ରାଛିପୁର ଗ୍ରାମବାସୀମାନେ ଠାକୁରଙ୍କ ଉତ୍ସବ କିପରି ସୁରୁଖୁରୁରେ ସମାପନ ହେବ ସହଯୋଗ ପ୍ରଦାନ କରିଥାଆନ୍ତି।

## ବ୍ରହ୍ମକ୍ଷେତ୍ର ପୀଠରେ ଶନିଶ୍ଚରଙ୍କ ଜଳାଭିଷେକ



ନିଶ୍ଚିନ୍ତକୋଇଲି,୨୫।୪ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବ୍ରହ୍ମକ୍ଷେତ୍ର ପୀଠ ଜିଗ୍ନୀପୁର ଠାରେ ଥିବା ଗ୍ରହରାଜ ଶ୍ରୀ ଶ୍ରୀ ଶନିଶ୍ଚର ଙ୍କ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି, ଆଜିର ଏହି ପବିତ୍ର ଦିନରେ ପ୍ରତ୍ୟୁଷରୁ ମାନସିକ ଧାରୀ ମାନେ ମାଟି ମାଠିଆ ରେ ଚନ୍ଦନ ପୁଷ୍କରଣୀ ରୁ ଜଳ ଆଣି ଶନିଠାକୁର ଙ୍କ ଉପରେ ଢାଳିଥିଲେ ପରେ ନିଜ ନିଜର ମାନସିକ ଭଙ୍ଗ କରିଥିଲେ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିବା ପୀଠର ପରିବେଷ ସକାଳୁ ସକାଳୁ ମନ୍ଦିର ରେ ଥିବା ପୂଜକ ମାନେ ରୀତିନୀତି ଅନୁଯାଇ ସମସ୍ତ ନୀତିକାନ୍ତି ଭୋଗ ଲାଗି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ କମିଟି ର ସଦସ୍ୟ ଅଜୟ ମହାପାତ୍ର, ମାନସ ସ୍ୱାଇଁ,ଅଭୟ ସାହୁ, ସରୋଜ ମିଶ୍ର,ମିହିର ମହାପାତ୍ର, ତାପସ ଦାସ,ଜ୍ୟୋତି ସ୍ୱାଇଁ,ନିତ୍ୟାନନ୍ଦ ସ୍ୱାଇଁ,ଗୁରୁଚରଣ ସାମଲ ଙ୍କ ସମେତ କମିଟି ର ବହୁ ସଦସ୍ୟ ମାନେ ଉପସ୍ଥିତ ରହି ଲୋକଙ୍କୁ ସୁବିଧାରେ ପାଣି ଢ଼ାଳିବା ସହିତ ଦର୍ଶନ କରାଇବାରେ ସହଯୋଗ କରିଥିଲେ ପରେ ପରେ ଭକ୍ତ ମାନଙ୍କ ମନୋରଞ୍ଜନ ପାଇଁ ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଦର୍ଶ ଗାଁ' କାମରେ ମହାଦୁର୍ନୀତି

# ଗୁମର ଖୋଲିଲା ଆରଟିଆଇ ତଥ୍ୟ

ନୀଳଗିରି,୨୫।୪ (ସଂଚାର ବ୍ୟୁରୋ): ଆଦର୍ଶ ଗ୍ରାମରେ ଉନ୍ନୟନରେ ମହାଦୁର୍ନୀତି ହୋଇଥିବା ନେଇ ଉକ୍ତ ଗ୍ରାମର ମାନସ ରଂଜନ ଦଳେଇ ଆରଟିଆଇ ମାଗିଥିଲେ। ଉକ୍ତ ତଥ୍ୟ ଆସିଲା ପରେ ଦୁର୍ନୀତିର ପର୍ଦାଫାଶ ହୋଇଛି।

ଆରଟିଆଇ ତଥ୍ୟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ୨୦୨୨-୨୩ ମସିହା ଆର୍ଥିକ ବର୍ଷରେ ନୀଳଗିରି ଉପଖଣ୍ଡ ତଥା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଜୁରିଆପାଟଣା ରାଜସ୍ୱ ଗ୍ରାମରେ ସମୁଦାୟ ୨୦ ଗୋଟି ପ୍ରକଳ୍ପ ଅନୁମୋଦିତ ହୋଇ ମୋଟ ୪୦ଲକ୍ଷ ଟଙ୍କା ଉପଲବ୍ଧ ହୋଇଥିଲା। ଏ ପର୍ଯ୍ୟନ୍ତ ୨୦ଟି ପ୍ରକଳ୍ପ ମଧ୍ୟରୁ ଗ୍ରାମ ପଂଚାୟତ ପ୍ରଶାସନ ଦ୍ୱାରା ୧୫ଟି ପ୍ରକୋଲ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ୩୦ଲକ୍ଷ ୬୫ ହଜାର ଟଙ୍କାର ବିଲି କରାଯାଇଛି। ଉକ୍ତ ଟଙ୍କାରେ ତିନି ତୃତୀୟାଂଶ କାମ ହୋଇଛି ବାକି ଏକ ଅଂଶ ବିନା କାମରେ ବିଲି ଉଠାଯାଇଥିବା ସୂଚନା ତଥ୍ୟରୁ ଜଣାପଡ଼ିଛି।



ବିଶେଷ କରି ଜୁରିଆପାଟଣା ହନୁମାନ ମନ୍ଦିର ପାଖରେ ଗାଡୱାଲ ସହିତ ଘାଟ ଏବଂ ଡ୍ରେସଚେଞ୍ଜ ଘରକରିବା ପାଇଁ ଏକ ଲକ୍ଷ ଟଙ୍କାର ବିଲି ହୋଇଛି। କିନ୍ତୁ ଡ୍ରେସଚେଞ୍ଜ ଘର କରାଯାଇ ନାହିଁ। ବୋରୱେଲ ଓ ପାନୀୟ ଜଳ ବ୍ୟବହାର କରଣ ପାଇଁ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି କିନ୍ତୁ ଗ୍ରାମରେ ଏକ ତୃତୀୟାଂଶ ଲୋକଙ୍କ ଘରେ ପାଣି ପହଂଚିପାରୁନାହିଁ। ଲକ୍ଷ୍ମୀନାରାୟଣମଣ୍ଡପ ସାମ୍ନା ପୋଖରୀ ଆଡିରେ ପକ୍କା ଘାଟ ଶହ ଡ୍ରେସଚେଙ୍ଗି

### ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କରିବା ପାଇଁ ଏକ ଲକ୍ଷ ଟଙ୍କାର ବିଲି ହୋଇଛି ଘର ହୋଇନାହିଁ। ପୁଣି ଆଚର୍ଯ୍ୟ କଥା ଦୁଇ ଲକ୍ଷ ଅଶି ହଜାର ଟଙ୍କାର ବିଲି ହୋଇଛି। କିନ୍ତୁ ଗାଡୁଆଲ ହୋଇଛି ଘାଟ ନାହିଁ କି ଡ୍ରେସଚେଞ୍ଜିଂ ଘର ନାହିଁ। ହାଇମାକ୍ସ ସୋଲାର ଲାଇଟ ମଧୁସୂଦନ ଧାଉଁଡିଆ ଘର ପାଖରେ ବସାଯାଇଛି ବୋଲି ଏକ ଲକ୍ଷ ଟଙ୍କାର ବିଲି ହୋଇଛି କିନ୍ତୁ ମଧୁସୂଦନ ଘର ପାଖରେ କୋଣସି ହାଇମାକ୍ସ ସୋଲାର ଲାଇଟିର ନାହିଁ। ତେଣୁ ଏଠି ପ୍ରଶ୍ନବାଚୀ କିଏ ଖାଇଲା ଆଦର୍ଶ ଗାଁର ଟଙ୍କା, କାହାର ଭାଗ କେତେ? ତୁରନ୍ତ ଜିଲ୍ଲା ପ୍ରକୋଲ୍ପ ନିର୍ଦ୍ଦେଶକ ଏଥିପ୍ରତି ଧ୍ୟାନ ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରେଳ ବିଭାଗର ବୈମାତୃକ ମନୋଭାବ

# ୨୯ରେ ସମ୍ବଲପୁରରେ ନୀରବ ଧାରଣା

ବଲାଙ୍ଗିର,୨୫।୪ (ସଂଚାର ବ୍ୟୁରୋ): ବର୍ଷ ବର୍ଷ ଧରି ଦାବି ଜଣାଇ ରେଳ ବିଭାଗ ଦ୍ୱାରା ବାରମ୍ବାର ଅବହେଳିତ ଓ ପ୍ରତାରିତ ହେଲା ପରେ ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘ ଶେଷରେ ଆନ୍ଦୋଳନର ପଥ ବାଛି ନେଇଛନ୍ତି। ଏବେ ଆଉ ନିବେଦନ ନୁହେଁ, ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା। ଏହି ଅଞ୍ଚଳର ଲୋକଙ୍କ ମୌଳିକ ଗମନାଗମନ ସୁବିଧା ଦେବାରେ ରେଳବିଭାଗ ଜାଣିଶୁଣି ବଞ୍ଚିତ କରୁଥିବାରୁ ଉଭୟ ସଂଘ ପରିଣାମକୁ ଖାତିର ନ କରି ଅନ୍ତିମ ଲଢ଼େଇ ପାଇଁ ମାନସିକ ରୂପେ ପ୍ରସ୍ତୁତ ହୋଇସାରିଛନ୍ତି।

ଏହି କ୍ରମରେ ଆସନ୍ତା ଏପ୍ରିଲ ୨୯ ତାରିଖରେ ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଉଭୟ ସଂଘର ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ଦ୍ୱାରା "ଶାନ୍ତିପୂର୍ଣ୍ଣ ନୀରବ ଧାରଣା" ଦେଇ ରେଳବିଭାଗକୁ ଦାବିପୂରଣ କରିବା ପାଇଁ ଶେଷ ସୁଯୋଗ ଦେବ। ଏହି ଶାନ୍ତିପୂର୍ଣ୍ଣ ପ୍ରୟାସ ଯଦି ସଫଳ ନ ହୁଏ, ତେବେ ଆସନ୍ତା ମେ ମାସରେ ଏକ ନିର୍ଦ୍ଦିଷ୍ଟ ଦିନରେ ବରଗଡ଼ ରୋଡ଼ ଓ ବଲାଙ୍ଗିର ଷ୍ଟେସନରେ ଏକ ସମୟରେ ରେଳ-ରୋକୋ ଆନ୍ଦୋଳନ କରାଯିବ। ଏଥିପାଇଁ ସମସ୍ତ ଅନୁଷ୍ଠାନ, ସଂଘ, ରାଜନୈତିକ ଦଳ ତଥା ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରାଯାଇ ଏକ ବିରାଟ ଜନଆନ୍ଦୋଳନ କରାଯିବ ଏବଂ ଆନ୍ଦୋଳନ ଦାବି ପୂରଣ ହେବା ପର୍ଯ୍ୟନ୍ତ ଜାରି ରହିବ।

ଆମର ଦାବିଗୁଡ଼ିକ ଅଯୌକ୍ତିକ କିମ୍ବା ଅସମ୍ଭବ ନୁହେଁ, ତେଣୁ ଏଥିପାଇଁ ବାହାନା କିମ୍ବା ସମୟ ଗଡାଇବା ସୂତ୍ର ଗ୍ରହଣୀୟ ନୁହେଁ। ଦାବିଗୁଡ଼ିକ ହେଲା - (୧) ବଲାଙ୍ଗିର ଓ ବରଗଡ଼ରୁ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ଚଳାଯାଉ, ଯାହାକି ଭୁବନେଶ୍ୱରରେ ରକ୍ଷଣାବେକ୍ଷଣ ହୋଇ ମଧ୍ୟରାତ୍ର ସୁଦ୍ଧା ବଲାଙ୍ଗିର ଫେରିଆସିବ।

(୨)ବଲାଙ୍ଗିର ଓ ବରଗଡ଼ ଦେଇ ଦିଲ୍ଲୀ ଓ ପ୍ରୟାଗରାଜକୁ ଟ୍ରେନ ସୁବିଧା। ରେଳବିଭାଗ ଚାହିଁଲେ, ତ୍ରି-ସାପ୍ତାହିକ ହୀରାକୁଦ ଏକ୍ସପ୍ରେସକୁ ଦୈନିକ ଚଳାଇ ଅବଶିଷ୍ଟ ଚାରିଦିନ ଟିଟଲାଗଡ, ସମ୍ବଲପୁର ତଥା କଟନି, ପ୍ରୟାଗରାଜ, ମଥୁରା ଦୁଇଟି ଡାଇଭର୍ସନ ନେଇ ଚଳାଯାଇପାରିବ।

ଦ୍ୱିତୀୟ ପିଟଲାଇନ୍ ନିର୍ମାଣ କରାଯାଇ ସମ୍ବଲପୁର ପର୍ଯ୍ୟନ୍ତ ଆସୁଥିବା ଟ୍ରେନଗୁଡିକୁ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଉ।

## କୋଲନରାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ରାୟଗଡା,୨୫।୪ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପ୍ରାଙ୍ଗଣରେ ଏକ ସଚେତନତା ମୂଳକ ବୈଠକର ଆୟୋଜନ କରାଯାଇଥିଲା। ବିଡିଓ ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେପି ନେତା ବସନ୍ତ ଉଲାକା, ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରମଣ୍ୟମ ପଣ୍ଡା, ବରିଷ୍ଠ ନାଗରିକ ଜଗନ୍ନାଥ ପଣ୍ଡା ଓ ଜୟରାମ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଗୁରୁତ୍ୱ, ଗ୍ରାମ ଉନ୍ନତିରେ ପଞ୍ଚାୟତର ଭୂମିକା ଓ ଲୋକ ସହଭାଗିତାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ଗ୍ରାମ ସଭାକୁ ସଶକ୍ତ କରିବା, ପାରଦର୍ଶିତା ରକ୍ଷା କରିବା ଓ ଉନ୍ନୟନ ଯୋଜନାକୁ ଲୋକଙ୍କ ସହଭାଗିତାରେ କାର୍ଯ୍ୟକରୀ କରିବା ଆଦି ନେଇ କୁହାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମୀଣ ଲୋକତନ୍ତ୍ରର ମୂଳ ଆଧାର ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟନ୍ୱୟନରେ ଜନସାଧାରଣଙ୍କ ସହଯୋଗ ହେଲେ ସମଗ୍ର ଉନ୍ନତି ସମ୍ଭବ ବୋଲି ଉପସ୍ଥିତ ଅତିଥି ମାନେ ମତ ପ୍ରକାଶ କରିଥିଲେ। ବଲାଙ୍ଗୀର ଜିଲ୍ଲାରୁ ଆଭାଷୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଡ଼ି ହୋଇ ପଞ୍ଚାୟତ ସ୍ତରରେ ସ୍ୱଚ୍ଛତା, ପାନୀୟଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଆଗୁଆ କରିବା ପାଇଁ କହିଥିଲେ। ଜିପିଓ ଅଜିତ କୁମାର ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ବିଭାଗର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ସପୋର୍ଟ ଷ୍ଟାଫମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବାଲିପାଟଣାରେ ବଢ଼ି ଚାଲିଛି ମନ୍ଦିରରୁ ଚୋରି ଘଟଣା



### ପୁଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ

ବାଲିପାଟଣା,୨୫।୪ (ସଂଚାର ବ୍ୟୁରୋ): ଭୁବନେଶ୍ୱର କମିଶନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ବିଶ୍ୱନାଥପୁର ସ୍ଥିତ ମା 'ଦକ୍ଷିଣେଶ୍ୱରୀଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି | ମନ୍ଦିର ଫାଟକ ଭାଙ୍ଗି କେହି ଦୁର୍ବୃତ୍ତ ମା'ଙ୍କ ବିଗ୍ରହରୁ ସୁନାର ଚିତା ଏବଂ ରୁପା ଆଖି ଲୁଟି ନେଇଛନ୍ତି | ଆଜି ସକାଳେ ପୂଜକ ପୂଜା କରିବାକୁ ଆସିବା ସମୟରେ ମୁଖ୍ୟ ଦ୍ୱାର ତାଲା ଭଙ୍ଗା ଯାଇଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ | ମନ୍ଦିର ଖୋଲିବା ପରେ ମା'ଙ୍କ ବିଗ୍ରହରେ ସୁନା ଚିତା ଓ ରୁପା ଆଖି ନ ଥିବା ଦେଖିଥିଲେ। ଆରାଧ୍ୟ ଠାକୁରାଣୀ'ଙ୍କ ମନ୍ଦିରରୁ ଚୋରି ଘଟଣା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି | ଏ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି |

ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି | କହିବାକୁ ଗଲେ ବାଲିପାଟଣା ଥାନା ଅଞ୍ଚଳ ରେ ଚୋରି,ରାହାଜାନୀ ବଢ଼ି ଚାଲିଥିବା ବେଳେ ପୁଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବାଲିଆପାଳରେ ଜାତୀୟ ପଞ୍ଚାୟତିରାଜ ଦିବସ



ବାଲିଆପାଳ, ୨୫।୪ (ସଂଚାର ବ୍ୟୁର) :ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୈଧୁରୀ, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ,ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ସିଡ଼ିପିଓ ସୁନିତା ନାୟକ , ସମାଜସେବୀ ରବିନ୍ଦ୍ର ଅଣ୍ଡିଆ, ସତ୍ୟାନନ୍ଦ ମହାନ୍ତି, ପଙ୍କଜିନୀ ମହାପାତ୍ର,ମୃତ୍ୟୁଞ୍ଜୟ ନାୟକ ,ଅଞ୍ଜନ କୁମାର ଗିରିଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୯୭ ଜଣ ନୂଆ ହିତାଧିକାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ,ଏହା ବ୍ୟତିତ ପଞ୍ଚାୟତ ମାନଙ୍କରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପାରଦର୍ଶିତାରେ ସ୍ୱଚ୍ଛ ଭାରତ ମିଶନ ସାଉଡି , ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି ଓ କେନ୍ଦ୍ର ଅର୍ଥ କମିଶନର ଅଧିକ ଖର୍ଚ୍ଚ ପାଇଁ ଦେଉଳା ପଞ୍ଚାୟତ , ରାଜ୍ୟ ଅର୍ଥ କମିଶନର ଅଧିକ ଖର୍ଚ୍ଚ ପାଇଁ କୁଣ୍ଡୁଳି , ପଞ୍ଚାୟତ ଉନ୍ନତି ସୂଚକ ବଡାଶ,ନିଖିରା ଡଗରା ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ବ୍ଲକ କର୍ମଚାରୀ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ଜପିଡିଓ ପ୍ରୀୟବ୍ରତ ଗିରି ପରିଚାଳନା କରିଥିଲେ ଏବଂ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି ଧନ୍ୟବାଦ୍ ଅର୍ପଣ କରିଥିଲେ।

### ବ୍ଲକ୍ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ସଶକ୍ତ ହେଲେ ଗାଁ ବିକଶିତ ହେବ ରାଷ୍ଟ୍ର: ବିଧାୟକ



ବୋରିଗୁମ୍ମା, ୨୫।୪ (ସଂଚାର ବ୍ୟୁର) : କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୬ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ୍ ଭାବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ନବରଙ୍ଗପୁର ସାଂସଦ ପ୍ରତିନିଧି ଶ୍ରୀନିବାସ ରାଓ,ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା, ତହସିଲଦାର ଶୋଭନ କୁମାର ବେହେରା, ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଅଧିକାରୀ ଡା. ଦିଲିପ କୁମାର ନାଥ ପ୍ରମୁଖ ମଂଚାସୀନ ଥିଲେ।

କାର୍ଯ୍ୟକ୍ରମରେ ବିଡ଼ିଓ ଶ୍ରୀ ପଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜାତୀୟ ପଞ୍ଚାୟତିରାଜ ଦିବସର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟ ଅତିଥ୍ୟ ବିଧାୟକ ଶ୍ରୀବାହିନୀପତି ନିଜ ବକ୍ତବ୍ୟରେ କହିଥିଲେ ଯେ ଗାଁ ସଶକ୍ତ ହେଲେ ପଞ୍ଚାୟତର ବିକାଶ ସହ ରାଷ୍ଟ୍ର ବିକାଶରେ ବି ଏହା ସହାୟକ ହେବ | ଏବଂ ରାଜ୍ୟ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମସଭା ନିଷ୍ପତିକୁ ସମ୍ମାନ ଦେଉଛନ୍ତି ଏବଂ ପ୍ରତ୍ୟେକ ଯୋଜନାର ଲାଭ ଯେଭଳି ଅଧିକରୁ ଅଧିକ ହିତାଧିକାରୀ ମାନଙ୍କୁ ମିଳିବ ତାହା ପ୍ରୟାସ କରିବା ସହିତ ମହିଳା ମାନଙ୍କୁ ସଶକ୍ତ କରିବା, ସୁସ୍ଥ ସମାଜ ଗଠନ କରିବା, ସ୍ୱଚ୍ଛ ଓ ସବୁଜ ଗାଁରେ ପରିଣତ କରିବା, ବିକଶିତ ଓ ସଫଳ କ୍ରମନ୍ୱୟ ଗ୍ରାମରେ ପରିଣତ କରିବାର ଯୋଜନାବଧ ସଂକଳ୍ପ ଦିବସ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଏବିଡ଼ିଓ ମାଧୁରୀ ଆଚାରୀ, ଜିପିଡିଓ ସ୍ୱାଗତିକା ଗୋପାଳ, ବ୍ଲକ ମଙ୍ଗଳ ଅଧିକାରୀ ସନାଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଇ-ପଞ୍ଚାୟତ ସଭା (ଜିଲ୍ଲା ପରିଷଦ) ପୋର୍ଟାଲ ଏବଂ ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲକୁ ଶୁଭ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୁ ବୋରିଗୁମ୍ମା ବ୍ଲକ୍ର ନୂତନ ଅନ୍ତୋଦୟ ଗୃହ ଯୋଜନା ୨୦୨୬-୨୭ରେ ବ୍ଲକରେ ୩୪୭ ଜଣଙ୍କ ଅନ୍ତୋଦୟ ଗୃହ ଯୋଜନାରେ ଘର ମଞ୍ଜୁର ହୋଇଛି, ସେଥିମଧ୍ୟରୁ ୩୫ ଜଣ ହିତ ଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ | ସେଭଳି ବ୍ଲକର ଗ୍ରାମୀଣ ଆବାସ ଗୃହ ଯୋଜନାରେ ୬ ଜଣ ହିତାଧିକାରୀଙ୍କୁ ୨୦ ହଜାର ଏବଂ ୧୦ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ପଟ୍ଟାମୁଣ୍ଡାଇ ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ପଟ୍ଟାମୁଣ୍ଡାଇ,୨୫।୪(ସଂଚାର ବ୍ୟୁରୋ):ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକରେ ଜାତୀୟ ପଂଚାୟତରାଜ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଗତକାଲି ସନ୍ଧ୍ୟାରେ ଆୟୋଜିତ ମନୋଜ୍ଞ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ଷମତାର ବିକେନ୍ଦ୍ରିକରଣ କରି ଲୋକଙ୍କ ହାତରେ କ୍ଷମତା ସହ ବିକାଶ କାର୍ଯ୍ୟକ୍ରମ ଆଗକୁ ନେବା ପାଇଁ ପଂଚାୟତରାଜ ବ୍ୟବସ୍ଥା କରାଯାଇଛି ।

ଏଇ ଅବସରରେ ବିକାଶମୂଳକ ଯୋଜନାର ସଫଳ କାର୍ଯ୍ୟକାରୀତା ପାଇଁ ଡିହାପଡା ପଂଚାୟତ ସରପଞ୍ଚ ଶତ୍ରୁଘ୍ନ ମଲିକ, ସମିତି ସଭ୍ୟା ରେଣୁକା ସେଠୀ କନିଷ୍ଠ ଯନ୍ତ୍ରୀ ଜ୍ଞାନାଞ୍ଜୟ ବେହେରା ପି ଇ ଓ ରଂଜିତ କୁମାର ପରିଡା ଏ ଡି ଇ ଓ ମଳୟ କୁମାର ପ୍ରଧାନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମନେରଗା ଯୋଜନାର ସଫଳ କାର୍ଯ୍ୟକାରୀତା ପାଇଁ ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନା ଜେନା ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ଓ ଏ ଡି ଇ ଓ ବିକାଶ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୃହ ନିର୍ମାଣ ଯୋଜନାର ସଫଳ କାର୍ଯ୍ୟକାରୀତା ପାଇଁ ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା କନିଷ୍ଠଯନ୍ତ୍ରୀ ବିନୟ ମିଶ୍ର ପି ଇ ଓ ପ୍ରଭାତ ମଲିକ ଏ ଡି ଇ ଓ ମାନସୀ ଷଣ୍ଢ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ବଡ଼ମୂଳବସନ୍ତ ପଂଚାୟତର ଅନ୍ତୋଦୟ ଗୃହ ଯୋଜନାରେ କାର୍ଯାଦେଶ ପଂଚାୟତ ସରପଞ୍ଚ ସନ୍ତୋଷ ସେଠୀ ସମିତିସଭ୍ୟା ସ୍ମୃତିମୟୀ ମଲିକ କନିଷ୍ଠଯନ୍ତ୍ରୀ ବିନୟ ମିଶ୍ର ଓ ଏ ଡି ଇ ଓ ଅଶୋକ ଦାଶଙ୍କ ଉପସ୍ଥିତି ର ପ୍ରଦାନ କରାଯାଇଥିଲା ।

ସେହିପରି କଖାରୁଣୀ ପଂଚାୟତର ଅନ୍ତୋଦୟ ଗୃହ ଯୋଜନାର ଅତିରିକ୍ତ ଅର୍ଥ ରାଶି ସରପଞ୍ଚ ରମେଶ ମଲିକ ସମିତି ସଭ୍ୟ ସୁନୀଲ ସାମନ୍ତରାୟ କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା । ସେହିପରି ସଂସାରଫଳ ଅନ୍ତୋଦୟ ଗୃହନିର୍ମାଣ ଯୋଜନାର ଅତିରିକ୍ତ ଅର୍ଥ ରାଶି ସମିତି ସଭ୍ୟ ପର୍ଶୁରାମ ବେହେରା କନିଷ୍ଠଯନ୍ତ୍ରୀ ଶୁଭସ୍ମିତା ବେହେରା ପି ଇ ଓ ତପନ ପ୍ରଧାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା । ବାଛରା ପଂଚାୟତର ଶ୍ରଦ୍ଧା ସୁମନ ମହିଳା ସ୍ୱୟଂ ସହାୟକ ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସମଗ୍ର ଉତ୍ତରଭାରତରେ ତରଡ଼ି ପାଳର ପଂଚାୟତର ମମତା ନାଥ ଶର୍ମାଙ୍କୁ ଲକ୍ଷପତି ଦିଦି ଭାବେ ପୁରସ୍କୃତ କରାଯାଇଥିଲା ।

## ଶନିଗ୍ରହଙ୍କ ଜଳାଭିଷେକ ଉପଲକ୍ଷେ ଜଳଛତ୍ର



ନିଶ୍ଚିନ୍ତକୋଇଲି, ୨୫।୪ (ସଂଚାର ବ୍ୟୁର) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତିଳକଣା ଗ୍ରାମ ପଞ୍ଚାୟତର ତିନିମୁହାଣୀ ବଜାରରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୟରେ ଶନିଗ୍ରହଙ୍କ ଜଳାଭିଷେକ ଉପଲକ୍ଷେ ଜଳଛତ୍ରର ଆୟୋଜନ କରାଯାଇଥିଲା। ଏହି ଜଳଛତ୍ର କାର୍ଯ୍ୟକର୍ମରେ ତିଳକଣା ପଂଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତମାନର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବିଶ୍ୱନାଥ ପଣ୍ଡା, ବିଜେପି ତିଳକଣା ପଞ୍ଚାୟତ ର ଯୁବ ସଭାପତି ଅଶ୍ୱିନୀ କୁମାର ମଲ୍ଲିକ,ବିଜେପି ପଞ୍ଚାୟତ ପ୍ରମୁଖ ତପନ କୁମାର ଜେନା, ଦୁର୍ଯ୍ୟୋଧନ ସାହୁ ,ବିଚିତ୍ରାନନ୍ଦ ଦାସ,ପ୍ରତାପ କେଶରୀ ଜେନା,ସମାଜ ସେବିକା ଶ୍ରୀମତୀ ରଶ୍ମିତା ରାଣୀ ଦାସ ଙ୍କ ସମେତ ବହୁ ମାନ୍ୟଧାନ୍ୟ ବେକ୍ତି ଯୋଗଦେଇ ଶ୍ରଦ୍ଧାଳୁ ମାନଂକୁ ଜଳପ୍ରଦାନ କରିଥିଲେ।




# ଗୁଳୁଗୁଳିରେ ପିଲାଙ୍କର ଡାଇରିଆ



**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**



ଡହ ଡହ ମୁଣ୍ଡ ଉପରେ ଖରା, ତତଲା ଝାଞ୍ଜିରେ ବାହାରକୁ ବାହାରିବା ବେଳକୁ ଦେହ ମୁଣ୍ଡ ପୋଡ଼ି ଦେଲାଭଳି ମନେ ହେଉଛି। ସକାଳ ଆଠଟାରୁ ଏକ ପ୍ରକାର ଓଡ଼ିଶା ଜଳିବା ଆରମ୍ଭ ହୋଇଯାଉଛି। ଭାରତର ସବୁଠୁ ଉତ୍ତପ୍ତ ସହର ଭାବେ ଝାରସୁଗୁଡ଼ା ୪୪.୬ ଡିଗ୍ରୀ ତାପମାତ୍ରାରେ ଗତକାଲି ଅର୍ଥାତ୍ ଅପ୍ରେଲ ୨୩ ତାରିଖରେ ରେକର୍ଡ଼ କରିଛି। କେବଳ ସେତିକି ନୁହେଁ ଓଡ଼ିଶାର ପାଖାପାଖି କୋଡିଏରୁ ଊର୍ଦ୍ଧ୍ୱ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକକୁ ଡେଉଁଛି। ଖରାବେଳ ସମୟରେ ତାତିର ଏକ ପ୍ରକାର ଭୟଙ୍କର କର୍ଫ୍ୟୁ କବଳକୁ ପୁରା ଓଡ଼ିଶା ଚାଲି ଆସୁଛି। ଦେଶରେ ଉତ୍ତପ୍ତ ସହର ତାଲିକାରେ ପ୍ରଥମ ଦଶ ମଧ୍ୟରେ ଓଡ଼ିଶାର ସ୍ଥାନ ଛଅ ନମ୍ବରରେ ରହିଛି। ରାତିରେ ମଧ୍ୟ ଅନେକ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ସରକାରୀ ଭାବେ ଅଠରଟି ଜିଲ୍ଲାରେ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏ ସବୁ ଭିତରେ ସବୁଠାରୁ ବଡ଼ ଉଦବେଗର ପ୍ରସଙ୍ଗ ହେଉଛି ଯେ ଯେଉଁ ପ୍ରକାର ଗୁଳୁଗୁଳି ଅନୁଭୂତ ହେଉଛି ଏହାର ଭୟାନକ ପ୍ରଭାବ ଛୋଟପିଲା ଓ ବିଶେଷକରି ନବଜାତକଙ୍କ ଉପରେ ପଡୁଛି।

ସବୁ ଠିକ୍ ଚାଲିଥିବ, କିନ୍ତୁ ପିଲା ମାନଙ୍କ ପେଟ ସାମାନ୍ୟ ଗୋଳମାଳ ହୋଇଗଲେ ଆଉ କିଛି ଭଲ ଲାଗିବନି। ଟାଣ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ପେଟ ଗୋଳମାଳ ହେବା କିଛି ନୂଆ କଥା ନୁହେଁ। ସମସ୍ୟା ଏହି ସମୟରେ ଡାଇରିଆ ଆଡ଼କୁ ମଧ୍ୟ ଚାଲିଯାଏ। ଯେ କୌଣସି ସମୟରେ ଯିଏ ବି ଏହାର ଶିକାର ହେବାର ଆଶଙ୍କା ରହିଥାଏ। ଖରାରେ ଖାଦ୍ୟ ସଂକ୍ରମଣ ଏବଂ ଅନ୍ୟ ଖାଦ୍ୟଜନିତ ସମସ୍ୟାରୁ ଏପରି ହୋଇପାରେ। ଏଥିରେ ଦିନକୁ ତିନିରୁ ଚାରିଥର ପତଳା ଝାଡ଼ା ହୋଇ କିଛି ଦିନ ଲାଗି ରହିଲେ ଶରୀରରୁ ଜଳୀୟ ଅଂଶ କମିଯାଏ। ଏହାଦ୍ୱାରା ଅବସ୍ଥା ଡିହାଇଡ୍ରେସନରେ ପହଞ୍ଚେ। ଓଜନ କମିଯାଏ। ତଳିପେଟରେ ଯନ୍ତ୍ରଣା, ପେଟ ଫୁଲିବା ଓ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ପ୍ରକାଶ ପାଏ। ସପ୍ତାହେ ଯାଏ ରହିଲେ ଅବସ୍ଥା ସାଂଘାତିକ ହୋଇଯାଏ। ସମ୍ପ୍ରତି ଟାଣ ଖରା ଓ ଅଚାନକ କାଳବୈଶାଖୀ ପିଲା ମାନଙ୍କ ସ୍ୱାସ୍ଥ ଅବସ୍ଥାକୁ ଅଧିକ ବିଗିଡ଼େଇବାର ସମ୍ଭାବନା ଥାଏ।

ପିଲାମାନଙ୍କ ଡାଇରିଆ ପଛରେ ବିଭିନ୍ନ ପ୍ରକାର କାରଣ ରହିଛି। ସେଥିମଧ୍ୟରେ ରହୁଛି ଭାଇରାଲ କିମ୍ବା ବ୍ୟାକ୍ଟେରିଆଲ ସଂକ୍ରମଣ, ଫୁଡ଼ ଇନଟଲେରାନ୍ସ, ଦୂଷିତ ଖାଦ୍ୟ ଓ ପେନିସିଲିନ ଭଳି କିଛି ଔଷଧ, ଇଣ୍ଟେଷ୍ଟିନାଲ ବା ଅନ୍ତ୍ରଜନିତ ରୋଗ, ଇନଫ୍ଲାମେଟୋରୀ ବାଓ୍ୱେଲ ଡିଜିଜ କିମ୍ବା ସେଲିଆକ ଡିଜିଜ। ଷ୍ଟୋମାକ ସର୍ଜରୀ ବା ଗଲ ବ୍ଲାଡ଼ର ବାହାର କରିଦିଆଯିବା ପରେ ଡାଇରିଆରେ କିଛି ବ୍ୟକ୍ତି ପୀଡ଼ିତ ହୁଅନ୍ତି। ଗ୍ୟାସ ସୃଷ୍ଟି କରୁଥିବା ଖାଦ୍ୟ ବ୍ରୋକୋଲି, ଲଙ୍କା, ବିନ, ବେରିଜ, ଚିକେନ, ଶାଗ, କଫି, ଆଲକୋହଲ, କାର୍ବୋନେଟେଡ ଡ୍ରିଙ୍କସ୍ ସହ ରାସ୍ତାକଡ଼ରେ ବିକ୍ରି ହେଉଥିବା ମାଂସ କିମ୍ବା ମାଛ ଖାଇଲେ ଡାଇରିଆ ହେବାର ଆଶଙ୍କା ବେଶୀ।

ତୀବ୍ର ଟାଣ ଖରା, ଗୁଳୁଗୁଳି ଓ ପାଣିପାଗର ଅସ୍ୱାଭାବିକ ଅବସ୍ଥା ସହ ଯଥେଷ୍ଟ ପରିମାଣର ଶରୀରରୁ ଜଳୀୟ ଅଂଶ କମିଗଲେ ପିଲାମାନଙ୍କ ପାଇଁ ବର୍ତ୍ତମାନ ସମୟରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ପାରେ। ଖରାଦିନେ ସବୁବେଳେ ପିଲାଟି କିପରି ନିର୍ଦ୍ଦିଷ୍ଟ ସମୟ ଅବଧାନରେ ବିଶୋଧିତ ପାଣି ପିଉଛି ସେ ଦିଗକୁ ଦେଖନ୍ତୁ। ବଜାରର ଥଣ୍ଡା ପାନୀୟ, ଥଣ୍ଡା ଖାଦ୍ୟ ଠାରୁ ଯଥା ସମ୍ଭବ ଦୂରେଇ ବରଂ ଘରୋଇ ପ୍ରସ୍ତୁତ ପାନୀୟ ଦିଅନ୍ତୁ। କେତେକ ପିଲାଙ୍କର ଡାଇରିଆ ପ୍ରଭାବରେ ପରିସ୍ରା ଜନିତ ସମସ୍ୟା ମଧ୍ୟ ଦେଖାଯାଏ। ପରିସ୍ରା ଜଳାପୋଡ଼ା ହୁଏ, ଅଳ୍ପ ପରିସ୍ରା ଆସେ ଏବଂ ଅଧିକ କ୍ଷତିକାରକ ହୋଇଥିଲେ ପରିସ୍ରାର ରଙ୍ଗ ତୀବ୍ର ହଳଦିଆ ହୋଇଥାଏ। ତେବେ ଏ ସବୁ କ୍ଷେତ୍ରରେ କୌଣସି ପ୍ରକାର ଭୟଭୀତ ନହୋଇ ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଦେଶୀ ଚିକିତ୍ସା, ଗୁଣୀଗାରେଡ଼ି ବିଶ୍ୱାସ ଏ ସବୁ ଆଦୌ ରଖନ୍ତୁ ନାହିଁ। ପିଲାଟିକୁ ଡାଇରିଆ, ଅଂଶୁଘାତ ଯେ କୌଣସି ସମସ୍ୟା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାର ସୁଯୋଗ ନିଅନ୍ତୁ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

**ପ୍ରୋବାୟୋଟିକ୍ସ:** ପ୍ରୋବାୟୋଟିକ୍ସରେ ଉପକାରୀ ବ୍ୟାକ୍ଟେରିଆ ରହିଛି। ଲହୁଣୀରେ ଥିବା ଲାକ୍ଟୋବାସିଲସ ଏସିଡୋଫିଲସ ଏବଂ ବିଫିଡୋବ୍ୟାକ୍ଟେରିୟମ ଡାଇରିଆ ଉପଶମ କରିବାରେ ସାହାଯ୍ୟ କରେ।

**କଦଳୀ:** ଡାଇରିଆ ହୋଇଥିଲେ ସୋଡିୟମ ଓ ପଟାସିୟମ ହଜମ କ୍ରିୟା ସ୍ୱାଭାବିକ କରିବାରେ ପ୍ରମୁଖ ଭୂମିକା ନିଭାଏ। ଏଣୁ କଦଳୀ ଖାଇବା ସବୁଠୁ ଭଲ। ଏହା ସହଜରେ ହଜମ ହେବା ସହ ଆବଶ୍ୟକ ସୋଡ଼ିୟମ ଓ ପଟାସିୟମ ଯୋଗାଇ ଦିଏ। ଡାଇରିଆ ପୁରା ଭଲ ହେବାଯାଏ କଦଳୀ ଖାଆନ୍ତୁ।

**ଅଦା:** ପାକସ୍ଥଳୀରେ ସମସ୍ୟା ରହିଥିଲେ ଅଦାରେ ଦୂର ହୋଇଯାଏ। ଅଦା ଚା ଦିନକୁ ଦୁଇ କିମ୍ବା ତିନିଥର ପିଅନ୍ତୁ। ଅଦାରସ ଚାମଚେ ମହୁରେ ମିଶାଇ ଖାଇପାରିବେ।

**ମେଥି:** ଡାଇରିଆ ଚିକିତ୍ସାରେ ଏହା ଲାଗେ। ଏଥିରେ ଅତ୍ୟଧିକ ସୁସିଲେଜ ରହିଛି ଯାହା ଆଣ୍ଟିଡାଇରିଆଲ ଭାବେ କାମ କରେ। ଚାମଚେ ଲହୁଣୀରେ ମେଥି ମିଶାଇ ଖାଆନ୍ତୁ। ସ୍ୱାଦ ଲାଗି ଅଳ୍ପ ଜିରା ପକାଇ ଖାଇପାରିବେ।

**ଚାମୋମାଇଲ ଟି:** ହଜମକ୍ରିୟାର ବିଭିନ୍ନ ଅଂଶକୁ ସହଜରେ ସକ୍ରିୟ ରଖିବାରେ ସାହାଯ୍ୟ କରେ ଚାମୋମାଇଲ ଚା। ଏହାଦ୍ୱାରା ଡାଇରିଆ ଶୀଘ୍ର ଉପଶମ ହୋଇଯାଏ।

**ପାଣି:** ସବୁଠୁଠାରୁ ଗୁରୁତ୍ୱପୂର୍ଣ୍ଣ ପାଣି। ଯେତେ ବେଶୀ ପାଣି ପିଅନ୍ତୁ। ଓରାଲ ପେଡ଼ିଆଟ୍ରିକ୍ସ ହାଇଡ୍ରେସନ ସଲ୍ୟୁସନ ପେଡ଼ିଆଲାଇଟ ପିଲାମାନଙ୍କୁ ଦିଆଯାଏ। ଏଥିରୁ ବି ଅଳ୍ପ ନେଇପାରିବେ।

# ପ୍ରତିଦିନ ସକାଳେ ଖାଆନ୍ତୁ ଅଖରୋଟ



ପ୍ରତିଦିନ ଅଖରୋଟ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ। କିନ୍ତୁ ଖାଇବା ପୂର୍ବରୁ ଏହାକୁ ଭିଜାଇ ରଖିଲେ ଏହାର ଲାଭ ଆହୁରି ବଢ଼ିଯାଏ। ଭିଜା ଅଖରୋଟ ହଜମ କରିବା ସହଜ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇଥାଏ। ଯାହା ଆମ ଶରୀରକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେହି ମସ୍ତିଷ୍କ ସ୍ୱାସ୍ଥ୍ୟକୁ ବୃଦ୍ଧି କରିବାକୁ ଚାହାଁନ୍ତି କି ହୃଦ୍‌କ୍ରିୟାକୁ ଉନ୍ନତ କରିବାକୁ ଚାହାଁନ୍ତି, ତେବେ ଆସନ୍ତୁ ଜାଣିବା ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା କ'ଣ ଲାଭ ମିଳିଥାଏ।

**ମସ୍ତିଷ୍କ ପାଇଁ ଉପକାରୀ:** ଅଖରୋଟକୁ ପ୍ରାୟତଃ "ବ୍ରେନ୍ ଫୁଡ୍" ବୋଲି କୁହାଯାଏ। ଯାହା ଓମେଗା-୩ ଫ୍ୟାଟି ଏସିଡରେ ଭରପୂର। ଭିଜା ଅଖରୋଟ ମସ୍ତିଷ୍କ ବିକାଶ ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହା ଏକ ହେଲଦି ଫ୍ୟାଟ୍ ଯାହା ମସ୍ତିଷ୍କ ସ୍ମୃତିଶକ୍ତିକୁ ଉନ୍ନତ କରେ ଏବଂ ସାମଗ୍ରିକ ମାନସିକ ସ୍ପଷ୍ଟତାକୁ ବୃଦ୍ଧି କରେ। ନିୟମିତ ଭାବରେ ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା ଆପଣଙ୍କୁ ଏହା ସାରା ଦିନ ଆକ୍ଟିଭ ରହିବାରେ ସାହାଯ୍ୟ କରେ।

**ଡାଇବେଟିସ୍:** ଅଖରୋଟ ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରିବାର କ୍ଷମତା ପାଇଁ ଜଣାଶୁଣା। ଆପଣଙ୍କ ସକାଳର ରୁଟିନରେ ଭିଜା ଅଖରୋଟକୁ ସାମିଲ କରିବା ଦ୍ୱାରା ବ୍ଲଡ୍ ସୁଗାର ଲେବଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ ହୋଇପାରେ। ଅଖରୋଟରେ ହେଲଦି ଫ୍ୟାଟ୍, ଫାଇବର ଏବଂ ପ୍ରୋଟିନର ମିଶ୍ରଣ ବ୍ଲଡ୍ ସୁଗାର ସ୍ପାଇକ୍ ହେବାର ସମ୍ଭାବନାକୁ ହ୍ରାସ କରେ ଏବଂ ଗ୍ଲାଇସେମିକ୍ ନିୟନ୍ତ୍ରଣକୁ ଉନ୍ନତ କରେ।

**ହୃଦୟ ପାଇଁ ଲାଭଦାୟକ:** ଭିଜା ଅଖରୋଟ କୋଲେଷ୍ଟ୍ରଲ୍ ଲେବଲ୍ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଏଥିରେ ପଲିଅନସାଚୁରେଟେଡ୍ ଫ୍ୟାଟ୍, ବିଶେଷକରି ଆଲଫା-ଲିନୋଲେନିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି। ଯାହା ଖରାପ କୋଲେଷ୍ଟ୍ରଲ୍ କମ କରିବା ସହିତ ଭଲ କୋଲେଷ୍ଟ୍ରଲ୍ ବୃଦ୍ଧି କରେ। ଧମନୀରେ ପ୍ଲାକ୍ ଜମାକୁ ରୋକିବା ଏବଂ ହୃଦରୋଗର ଆଶଙ୍କା ହ୍ରାସ କରିବା ପାଇଁ ଏହି ସନ୍ତୁଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

**ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରେ:** ଅଖରୋଟ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଯାହା କୋଷଗୁଡ଼ିକୁ କ୍ଷତି ପହଞ୍ଚାଉଥିବା ଫ୍ରି ରାଡିକାଲ୍ସ ସହିତ ଲଢ଼ିଥାଏ ଏବଂ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରିଥାଏ। ଭିଜା ଅଖରୋଟର ନିୟମିତ ସେବନ ଫୁଲା ଏବଂ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିପାରେ ଯାହା ଉଭୟ ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ରୋଗ ସହିତ ଜଡିତ।

**ପେଟ ପାଇଁ ଲାଭଦାୟକ:** ଭିଜା ହୋଇଥିବା ଅଖରୋଟ କେବଳ ହଜମ କରିବା ସହଜ ନୁହେଁ ବରଂ ଅନ୍ତନଳୀ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିଥାଏ। ଅଖରୋଟ ଫାଇବରର ଏକ ଭଲ ଉତ୍ସ। ଯାହା ପାଚନ କ୍ରିୟାକୁ ସୁସ୍ଥ ରଖେ।

# ଫଳରୁ ଷ୍ଟିକର୍ ଛଡ଼ାଇ ଖାଆନ୍ତୁ

ଖାଦ୍ୟ ଓ ପାନୀୟରେ ଅସାବଧାନତା ଅନେକ ସମୟରେ ମହଙ୍ଗା ପଡ଼ିପାରେ। ନିକଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଫଳ ଓ ପନିପରିବା ଉପରେ ଷ୍ଟିକର୍ ଲଗାଇବାକୁ ନେଇ ଏକ ଚେତାବନୀ ଜାରି କରିଛନ୍ତି। କହିଛନ୍ତି ଯେ, ଏହି ଷ୍ଟିକରଗୁଡ଼ିକର ପଛପଟେ ବ୍ୟବହୃତ ଅଠାଜାତୀୟ ପଦାର୍ଥ ଖାଦ୍ୟ ଉପଯୋଗୀ ନୁହେଁ, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଆମେ ପ୍ରାୟତଃ ଫଳ ତଥା ପନିପରିବା କିଣିବା ସମୟରେ ସେଥିରେ ଲାଗିଥିବା ଷ୍ଟିକର୍‌ଗୁଡ଼ିକୁ ଅଣଦେଖା କରିଦେଉ। ତେବେ ଏହି ଛୋଟ ଭୁଲ୍ ସମସ୍ୟା ସୃଷ୍ଟି କରିପାରେ। ବିଶେଷଜ୍ଞଙ୍କ ମତରେ, ଷ୍ଟିକର୍‌ଗୁଡ଼ିକରେ ବ୍ୟବହୃତ ଗ୍ଲୁ, କାଳି ଓ ଅନ୍ୟ ରାସାୟନିକ ପଦାର୍ଥ ଶରୀର ପାଇଁ ନିରାପଦ ନୁହେଁ। ତେଣୁ ଖାଇବା ପୂର୍ବରୁ ସେଗୁଡ଼ିକୁ ବାହାର କରିବା ଦରକାର। ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ଯେ, ଯଦି ଭୁଲ୍‌ବଶତଃ ଏଥିରୁ ଛୋଟ ଖଣ୍ଡଟିଏ ଶରୀର ଭିତରକୁ ଯାଏ, ତେବେ ବିରାଟ କ୍ଷତି କରିପାରେ। ଏହାଦ୍ୱାରା ପେଟ ଖରାପ, ସାମାନ୍ୟ ବାନ୍ତି କିମ୍ବା ପାଚନ ସମସ୍ୟା ଦେଖାଦେଇପାରେ। କେତେକ ସମୟରେ ଶ୍ୱାସରୁଦ୍ଧର ଆଶଙ୍କା ବି ବଢ଼ାଇପାରେ। ତେଣୁ ସତର୍କତା ଅବଲମ୍ବନ କରିବା ଭଲ। ଏହି ବିପଦ ଏଡ଼ାଇବାର ସବୁଠାରୁ ସହଜ ଉପାୟ ହେଉଛି, ଖାଇବା ପୂର୍ବରୁ ଫଳ ଓ ପନିପରିବାକୁ ଭଲ ଭାବେ ଧୋଇ ତା' ଉପରେ ଲାଗିଥିବା ଷ୍ଟିକର୍‌ଗୁଡ଼ିକୁ କାଢ଼ିଦେବା। ଉଷୁମ ପାଣିରେ ଅଳ୍ପ ପରିମାଣର କ୍ଲୋରିନ୍ ମିଶାଇ ତାହାକୁ ସଫା କରାଯାଇପାରିବ। ତେବେ ସାବୁନ କିମ୍ବା କୌଣସି ରାସାୟନିକ କ୍ଲିନର୍ ବ୍ୟବହାର କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ହୋଇଥାଏ।



# ମୁଣ୍ଡ ବିନ୍ଧା ହେଉଛି କି ?

# ଶରୀରରେ କମି ଯାଇଥିବ ସୋଡିୟମ୍



ଖାଦ୍ୟରେ ସୋଡିୟମ୍‌ର ମାତ୍ରା କମ୍ କରିବା ସ୍ୱାସ୍ଥ୍ୟକର ନିଶ୍ଚୟ। କିନ୍ତୁ ଲଗାତାର ଲୋ ସୋଡିୟମ୍ ଡାଏଟ୍ ନେବା ଶରୀର ପାଇଁ କ୍ଷତିକାରକ ହୋଇପାରେ। ମାଂସପେଶୀର ସକ୍ରିୟତା, ରକ୍ତଚାପ ଓ ଶରୀରରେ ପାଣିର ସନ୍ତୁଳନ ପାଇଁ ସୋଡିୟମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ ଲୋକଙ୍କୁ ଏକଥା ଜଣା ଯେ ଅଧିକ ଲୁଣ ଶରୀର ପାଇଁ କ୍ଷତିକାରକ। କିନ୍ତୁ ଲଗାତାର ଲୋ ସୋଡିୟମ୍ ଖାଦ୍ୟ ଖାଇବା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ବିଶେଷକରି ବୟସ୍କ ଲୋକଙ୍କ ପାଇଁ। ଏହି ସମସ୍ୟାକୁ ହାଇପୋନାଟ୍ରେମିଆ କୁହାଯାଏ। ଚାଲନ୍ତୁ ଜାଣିବା କମ୍ ସୋଡିୟମ୍ ଯୋଗୁ ଶରୀରକୁ କେମିତି କ୍ଷତି ପହଞ୍ଚିଥାଏ। ଏହାର ଲକ୍ଷଣ କ'ଣ ଓ କେମିତି କରିପାରିବେ ସନ୍ତୁଳନ ରକ୍ଷା। ମୁଣ୍ଡବିନ୍ଧା, ମାଂସପେଶୀରେ ଯନ୍ତ୍ରଣା ଓ ଭ୍ରମ ସୃଷ୍ଟି ହୋଇଥାଏ।

ଏହାର ସବୁଠାରୁ ବଡ଼ କାରଣ ହେଉଛି ସ୍ୱଳ୍ପ ସମୟ ବ୍ୟବଧାନରେ ଅଧିକ ପାଣି ପିଇବା। ଫଳରେ ରକ୍ତରେ ସୋଡିୟମ୍‌ର ମାତ୍ରା କମ୍ ହୋଇଯାଇଥାଏ। ସେହିପରି ଅଧିକ ପରିଶ୍ରମ ଥିବା ଖେଳର ଖେଳାଳୀମାନଙ୍କଠାରୁ ବାହାରୁଥିବା ଝାଳ ଯୋଗୁ ସେମାନଙ୍କଠାରେ ସୋଡିୟମ୍‌ର ଅଭାବ ଦେଖାଦିଏ। ଏହାବ୍ୟତୀତ ମଧ୍ୟ କେତେକ କ୍ଷେତ୍ରରେ ସୋଡିୟମ୍‌ର ଅଭାବ ଦେଖା ଦେଇଥାଏ। ଯେପରିକି କେତେକ ଔଷଧ, ହାର୍ଟ ଫେଲିୟୋର୍, କିଡ୍‌ନୀ ରୋଗ କିମ୍ବା ଲିଭର୍ ରୋଗ, ମଧୁମେହ, ଲଗାତାର ଡାଇରିଆ ବା ବାନ୍ତି ସମସ୍ୟା, ହର୍‌ମୋନ୍ ଅସନ୍ତୁଳନ ଓ ଅଧିକ ମଦ୍ୟପାନ ଦ୍ୱାରା ସୋଡିୟମ୍‌ର ଅଭାବ ଦେଖା ଦେଇଥାଏ। ଯଦି ହାଇପୋନାଟ୍ରେମିଆ ସମସ୍ୟାକୁ ତୁରନ୍ତ ଡାକ୍ତର ପରାମର୍ଶ ନ କରାଯାଏ, ତେବେ ଏହାର କୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏହା ମୁଖ୍ୟତଃ ମସ୍ତିଷ୍କରେ ଥିବା ସ୍ନାୟୁ କୋଷଗୁଡ଼ିକୁ ଜଳଶୁଷ୍କ କରିବା ସହ ନଷ୍ଟ କରିଦେଇଥାଏ। ସ୍ଥିତି ଗମ୍ଭୀର ହୋଇଥିଲେ ସୋଡିୟମ୍ ସ୍ତରକୁ ଧୀରେ ଧୀରେ ବଢାଯାଇଥାଏ। ଶରୀରକୁ ଭଲ ଭାବେ କାମ କରିବା ପାଇଁ ସୋଡିୟମ୍ ଜରୁରି। ସୋଡିୟମ୍‌ର ମୁଖ୍ୟ କାମ ହେଉଛି- ଶରୀରରେ ପାନୀୟର ମାତ୍ରାରେ ସନ୍ତୁଳନ ରକ୍ଷା କରିବା। ସ୍ନାୟୁ ଓ ମାଂସପେଶୀର ସକ୍ରିୟତାରେ ସହଯୋଗ କରିବା ସୋଡିୟମ୍ ସ୍ତରକୁ ସନ୍ତୁଳିତ ରଖିବା ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଅନ୍ତୁ, କିନ୍ତୁ ଥରକେ ଅଧିକ ପାଣି ପିଅନ୍ତୁନି। ସ୍ୱାସ୍ଥ୍ୟକର ଓ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ।

## ତଳକୁସୁମା ଓ ଲଙ୍କାପଡ଼ା ମୁଖ୍ୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ଗରଡପୁର,୨୫।୪(ସଂଚାର ବ୍ୟୁରୋ)ଃ ତଳକୁସୁମା ଠାରୁ ଲଙ୍କାପଡା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ଶୁଭ ଭିତି ପ୍ରସ୍ତର ସ୍ଥାପନ କଲେ ପାଟକୁରାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ର । ଏହି ରାସ୍ତା ଏନେକ ଦିନକୁ ଭାଙ୍ଗିଯାଇ ଏବଂ ଚଳଚଳ କରିବା ସହିତ ଯିବା ଆସିବାର ସମସ୍ୟା ରହିଥିଲା। ଏହାକୁ ନଜରରେ ରଖି ସେହି ଅଞ୍ଚଳ ବାସୀଙ୍କ ସୁବିଧା ଲାଗି ପାଟକୁରାର ବିଧାୟକ ପାଖାପାଖି ୬କୋଟି ଟଙ୍କାର ବେୟଅଟକଳରେ ଏହି ରାସ୍ତାକୁ ଦୃଢ଼ୀକରଣ କରିବା ଓ ସ୍ଥାନୀୟ ଅଂଚଳର ସୁବିଧା ପାଇଁ ବିଧାୟକ ଙ୍କ ଉଦ୍ୟମ ସମ୍ପାଦିତ ହୋଇଛି। ଖୁବ ଶୀଘ୍ର ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇଯିବା ସହ ଅଞ୍ଚଳ ବାସିଙ୍କ କଷ୍ଟ ଦୂର ହେବା ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରଭାତ ନଳିନୀ ଜେନା, ପୂର୍ବତନ ବ୍ଲକ ଅଧକ୍ଷ ବାସୁଦେବ ବେହେରା, ପାଟକୁରା ସରପଞ୍ଚଙ୍କ ପ୍ରତିନିଧି ଶୈଳେନ୍ଦ୍ର ମହାନ୍ତି,ସ୍ଥାନୀୟ ସମିତି ସଭ୍ୟ ପ୍ରଭାସ ରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ଅଜୟ ଦାସ ଏବଂ ସମଜସେବୀ ପ୍ରକାଶ ମହାପାତ୍ର ଅଂଚଳର ଅନେକ ମୁରବି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସହ ଉପସ୍ଥିତ ରହି ଶୁଭ ଶିଳାନ୍ୟାସ କାର୍ଯ୍ୟକୁ ସମ୍ପନ୍ନ କରିଥିଲେ।

## ପଦଯାତ୍ରା ପାଇଁ ପ୍ରଶାସନର ନା’

ପାରାଦୀପ,୨୫।୪(ସଂଚାର ବ୍ୟୁରୋ)ଃ କଂଗ୍ରେସ ପକ୍ଷରୁ ହେବାକୁ ଥିବା ପଦଯାତ୍ରାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳିନାହିଁ । ଏ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି । ଜଗତସିଂହପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା ୫୨୨/୨୪-୦୪-୨୦୨୬ ଅନୁଯାୟ ଏସେମ୍ବା ପୁଲିସ ଷ୍ଟେସନ ଜୋନ ୪ର ଜିଲ୍ଲାପରିଷଦ ତଥା କଂଗ୍ରେସ ନେତା ପିନାକୀ ନାରାୟଣ ଦାସଙ୍କ ନାଁରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି,ମାନବ ଜୀବନ ହାନି ହେବାର ସମ୍ଭାବନା ରହିଛି। ପ୍ରସ୍ତାବିତ ଅଞ୍ଚଳରେ ସୁରକ୍ଷା ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ପଦଯାତ୍ରା ହେଲେ ଗୁରୁତର ଟ୍ରାଫିକ ଆଶଙ୍କା ରହିଛି ଯାହା ସାଧାରଣ ଲୋକଙ୍କ ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି ହେବ । ପଦଯାତ୍ରା ପାଇଁ ଗୁରୁତର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଓ ସାର୍ବଜନୀନ ଶାନ୍ତି ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଥିବାରୁ ଏହାକୁ ଦୃଷ୍ଟି ରେ ରଖି ପ୍ରଶାସନ ପକ୍ଷରୁ ପଦଯାତ୍ରା କୁ ଅନୁମତି ମିଳିନା ନାହିଁ ବୋଲି ଏହି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି । ପିନାକୀ ନାରାୟଣ ଦାସଙ୍କ ସମେତ ଅନେକ କଂଗ୍ରେସ ନେତା ନିର୍ମାଣାଧୀନ ଜେଏସଡବ୍ଲ୍ୟୁ ଢିଙ୍କିଆ ଗ୍ରାମର ପୁଲୁଖାଇ ମନ୍ଦିର ପ୍ରାଙ୍ଗଣରୁ ୨୭ ତାରିଖ ସକାଳ ୭ଟା ସମୟରୁ ରାଜଭବନ ଅଭିମୁଖେ ପଦଯାତ୍ରା କରାଯାଇ ରାଜ୍ୟପାଳଙ୍କୁ ଭେଟିବା ସହ ବିଭିନ୍ନ ଅଦାବି ଉପସ୍ଥାପନା କରାଯାଇଥାନ୍ତା ।

## ପାନୀୟ ଜଳ ସମସ୍ୟାର ସମାଧାନ କଲା ଜେଏସଡବ୍ଲ୍ୟୁ

ପାରାଦୀପ,୨୫।୪(ସଂଚାର ବ୍ୟୁରୋ)ଃଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ପ୍ରକଳ୍ପ ସ୍ଥାନ ନିକଟବର୍ତ୍ତୀ ୩ ଟି ପଞ୍ଚାୟତ ଢିଙ୍କିଆ,ଗଡ଼କୁଜଙ୍ଗ ଓ ନୂଆଗାଁ ଆଦି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ରେ ପାନୀୟ ଜଳ ସମସ୍ୟା ଦୂର କରାଯାଉଛି । ଏହି ଉପଲକ୍ଷେ ୩ ଟି ପଞ୍ଚାୟତରେ ୭ଏକର ପୋଖରୀ ପୁନଃ ଉଦ୍ଧାର କରାଯାଇଛି । ୨୩ଟି ବୋରୱେଲ୍ ଖନନ କରାଯାଇଛି। ବିଦ୍ୟାଳୟ ଗୁଡିକରେ ଜଳ କଷ୍ଟ ଦୂର ପାଇଁ ୮୦ ଲିଟରର ୧୮ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି । ଜଳ ଉପଲବ୍ଧତା ବୃଦ୍ଧି କରିବା ପାଇଁ ମାହାଳ ଗ୍ରାମରେ ୪୦୦ ମିଟର ବୋରୱେଲ୍ ଖନନ କରାଯାଇଛି। ଅଙ୍ଗନୱାଡ଼ି ପିଲା ଓ କର୍ମୀଙ୍କ ପାଇଁ ପାନୀୟ ଜଳ ଯୋଗାଣକୁ ସୁଦୃଢ଼ କରିବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ୧୧ଟି ବୋରୱେଲ ସ୍ଥାପନ କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ବିଭିନ୍ନ ସଭା ଗୃହରେ ୪ଟି ବୋରୱେଲ୍ ଯଥା ନୂଆଗାଁରେ ୨ଟି, ଗୋବିନ୍ଦପୁରରେ ଗୋଟିଏ ଓ ପାଟଣାରେ ଗୋଟିଏ ଅନ୍ତର୍ଭୁକ୍ତ । ସାମୁହିକ ଭିତ୍ତିଭୂମିକୁ ସମର୍ଥନ କରି ଗୋବିନ୍ଦପୁର, ନୂଆଗାଁ, ଢିଙ୍କିଆ ଓ ମାହାଳ ଶ୍ମଶାନ ଭୂମିରେ ସୁଦ୍ଧ ପୋଖରୀ ସହିତ ୪ଟି ବୋରୱେଲ ବିକାଶ କରାଯାଇଛି । ଏହା ସହ କୃଷି ଓ କୃଷକ ତଥା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଉଛି । ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତି ବଦ୍ଧ ।

## ଜେଲ ଗଲେ ଢିଙ୍କିଆର ଭ୍ରମରବର୍ ଦାସ

ପରାଦୀପ,୨୫।୪(ସଂଚାର ବ୍ୟୁରୋ)ଃ ଅଭୟଚନ୍ଦପୁର ପୋଲିସ ଥାନା ଅଧୀନ ଢିଙ୍କିଆ ପଞ୍ଚାୟତର ଭ୍ରମରବର ଦାସଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ବିରୋଧରେ ଅଭୟଚନ୍ଦପୁର ପୋଲିସ ଥାନାରେ ଗୁରୁତର ଅଭିଯୋଗ ରୁଜୁ ହୋଇଛି । ସେ ଅନ୍ୟ ଜଣଙ୍କ ବିରୋଧରେ ତାଙ୍କର ସମ୍ମତି ବିନା ଦୁଷ୍ଟ ଉଦ୍ଦେଶ୍ୟରେ ବଳପ୍ରୟୋଗ କରି ଅପରାଧ କରିଥିବାର ଅଭିଯୋଗ ରହିଛି । ଏହି ଅଭିଯୋଗ ଆଧାରରେ ଭ୍ରମରବର ଦାସଙ୍କୁ ଗିରଫ କରାଯାଇ ଅଦାଲତରେ ପେଶ କରାଯାଇଛି। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଅଭୟଚନ୍ଦପୁର ପୋଲିସ ଥାନାରେ ମାମଲା ରୁଜୁ ହୋଇଥିଲା, ଯାହାରେ କେସ୍ ନଂ ୫୩/୨୦୨୩ , ୧୯୪ /୨୦୨୪ ଓ ଅଭୟଚନ୍ଦପୁର ପିଏସ୍ କେସ୍ ନଂ ୧୪୧ /୧୪୩/୧୪୯/୨୯୪/୪୩୧/୫୦୬ ଆଇପିସି /୩ ପିଡିପିପି ଆକ୍ଟ ଅନ୍ତର୍ଭୁକ୍ତ । ତଥାପି, କିଛି ସ୍ୱାର୍ଥସାଧନ ଲୋକମାନେ ଷଡଯନ୍ତ୍ରର ଅଂଶ ଭାବେ ଭ୍ରାନ୍ତିକର ସୂଚନା ପ୍ରଚାର କରୁଥିବା ଅଭିଯୋଗ ହୋଇଛି, ଯାହା ଦ୍ୱାରା ଲୋକମାନଙ୍କୁ ତାଙ୍କ ଇଚ୍ଛା ବିରୋଧରେ ପ୍ରଭାବିତ କରାଯାଉଛି ଏବଂ ଅପରାଧମୂଳକ କାର୍ଯ୍ୟକଳାପକୁ ଉତ୍ସାହ ଦିଆଯାଉଛି । ଏହା ମଧ୍ୟ ଅଭିଯୋଗ ଯେ, ଶ୍ରୀ ଦାସ ସଦା ଏମିତି ଷଡଯନ୍ତ୍ରରେ ଜଡିତ ରହିଛନ୍ତି ଯାହା ସ୍ଥାନୀୟ ଅଞ୍ଚଳର ଉନ୍ନତିକୁ ବାଧା ଦେଉଛି ।

ଜମୁଛି ମା’ ମଙ୍ଗଳା ମହୋତ୍ସବ-୨୦୨୬

# ଦ୍ୱିତୀୟ ସନ୍ଧ୍ୟାରେ ମନ କିଣିଲା ସତ୍ୟଜିତ ଓ ଶୁଭଶ୍ରୀଙ୍କ ସଙ୍ଗୀତ

କାକଟପୁର/ଅସ୍ତରଙ୍ଗ,୨୫।୪(ସଂଚାର ବ୍ୟୁରୋ)ଃ କଳା, ସଂସ୍କୃତି ଅଞ୍ଚଳ ପୁରୀ ଜିଲ୍ଲା। ଅନେକ ଲୋକକଳାରେ ଭରପୁର ଏହି ଅଂଚଳ ଏଠାକାର ପ୍ରତିଭା ସହ ଓଡିଶାର ବିଭିନ୍ନ ଲୋକକଳାକୁ ଲୋକଲୋଚନ କୁ ଆଣିଛି କାକଟପୁର ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ୧୫ତମ ମା ମଙ୍ଗଳା ମହୋତ୍ସବ । ଚଳିତ ବର୍ଷ ଆୟୋଜିତ ୩ ଦିନିଆଁ ମଙ୍ଗଳା ମହୋତ୍ସବରେ ପ୍ରତିଦିନ ଜମୁଛି ପ୍ରବଳ ଭିଡ଼ । ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଡଃ ସଂତ୍ରୁପ୍ତ ମିଶ୍ର, ବିଶିଷ୍ଟ ଶିକ୍ଷାବିତ ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ମହୋତ୍ସବକୁ ଉପଭୋଗ କରିବା ସହ ମହୋତ୍ସବ ସମ୍ପର୍କରେ ସ୍ମୃତି ସାଉଁଟିଥିଲେ । ଉତ୍ସବରେ ସ୍ଥାନୀୟ ବିଧାୟକ ଦୁଲାଲଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ମହୋତ୍ସବ କମିଟିର ସମ୍ପାଦକ ଭାବେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସହସମ୍ପାଦକ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ ଜେନା, ଶୁଭଶ୍ରୀ ଜେନା ସଂଗୀତ ଓ ଯାତ୍ରା ଜଗତର ହାସ୍ୟ ଅଭିନେତା ଭିକାରୀ ଙ୍କ କମେଡିରେ ଉପସ୍ଥିତ ଦର୍ଶକ ଭରପୂର ମଜା ଉଠାଉଥିବା ବେଳେ ଓଡ଼ିଶୀ, ସମ୍ବଲପୁରୀ, ରାଜସ୍ଥାନି ନୃତ୍ୟରେ ଝୁମିଥିଲେ ଦର୍ଶକ । ଏଥିସହ ଏହି ଉତ୍ସବ କୁ ଅଧିକ ସରଶ ସୁନ୍ଦର କରିବା ପାଇଁ ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ ମିନା ବଜାର, ସୁସ୍ୱାଦ ଖାଦ୍ୟ ଷ୍ଟଲ ଏବଂ ଏସ ଏଚ ଜି ମା ମାନଙ୍କ ଦ୍ୱାରା ଘର ସରଞ୍ଜାମ ଷ୍ଟଲ ଏଠାକୁ ଆସୁଥିବା ଦର୍ଶକଙ୍କୁ ଆକର୍ଷିତ କରୁଛି ।



## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପ୍ରସ୍ତୁତି ବୈଠକ




ଯୋଡ଼ା,୨୫।୪ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଉଚ୍ଚବାଲି ଗ୍ରାମରେ ବୃହତ ବିଦ୍ୟୁତ୍ ଗ୍ରିଡ ଷ୍ଟେସନ ସ୍ଥାପନା ହେବାକୁ ଯାଉଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଙ୍କ କରକମଳରେ ଆସନ୍ତା ତା-୨୮/୦୪/୨୦୨୬ ରିଖି ପୂର୍ବାହ୍ନ ରେ ଏହି ବୃହତ ପ୍ରକଳ୍ପ ର ଭୂମିପୂଜନ ହେବାକୁ ସ୍ଥିରୀକୃତ ହୋଇଛି,ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତ କୁ ସଫଳ କରିବା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ଯୋଡ଼ା କାଲ୍ ଭିନ୍ ହୋଟେଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ରେ ଉପସ୍ଥିତ ଥିବା ମଞ୍ଚାଷିନ ବିଜେପି କର୍ମକର୍ତ୍ତା ଚନ୍ଦ୍ରଗୁପ୍ତ ପ୍ରସାଦ, ନିଳମଣି ମହାନ୍ତ, ପରିମଳ ଚାଟାର୍ଜୀ, ରଞ୍ଜିତ ମହାକୁଡ, ବିଚିତ୍ରାନନ୍ଦ ଦାଶ, ରମେଶ ସିଂ, ସଲେନ୍ଦର୍ ଯୋରା,ପଦ୍ମ ଚରଣ ମୁଣ୍ଡା,ସୋଫାଇ ଟପୋ, ଦୀପ୍ତି ରଞ୍ଜନ ବେହେରା ଓ ଦିପାରାଣୀ ମହାକୁଡ ଉପସ୍ଥିତ ଥିଲେ। ମହିଳା, ପୁରୁଷ ଓ ଯୁବ କାର୍ଯ୍ୟକର୍ତ୍ତା ବହୁ ସଂଖ୍ୟାରେ ଯୋଗ ଦାନ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ବଦ୍ଧ ପରିକର।

## ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଘାଟିତ



ସତ୍ୟବାଦୀ,୨୫।୪(ସଂଚାର ବ୍ୟୁରୋ)ଃ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ଚିତ୍ରକଳା ର ଅନନ୍ୟ ଅନୁଷ୍ଠାନ ସତ୍ୟବାଦୀ ସଂଗୀତ ମହାବିଦ୍ୟାଳୟ ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା ।

କାର୍ଯ୍ୟକ୍ରମ ଆରମ୍ଭରେ ତାବାଲା ବାଦକ ଗୁରୁ ବୈକୁଣ୍ଠ ନାଥ ସେଠୀଙ୍କ ନେତୃତ୍ୱରେ ପିଲା ମାନଙ୍କ ଦ୍ୱାରା ତାବାଲା ବାଦ୍ୟ କରାଯାଇଥିଲା। ସେହିପରି ଓଡିଶୀ ସଂଗିତ ଗୁରୁ ଆଲୋକ କୁମାର ସାହୁ ଙ୍କ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ , ସେହିପରି ରୂପକ କୁମାର ପରିଡ଼ା ଭୋକାଲିଷ୍ଟ ବାଦ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ରାଜଶ୍ରୀ ପ୍ରହରାଜ, ଓଡ଼ିଶୀ ଗ୍ରୁପ ନୃତ୍ୟ ଲିଙ୍ଗରାଜ ସ୍ୱାଇଁଙ୍କ ସାଥୀ, ଭୁବନେଶ୍ୱରରେ। ସତ୍ୟବାଦୀ ସଂଗୀତ ମହାବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ମିରା ଓ ରାଧାଙ୍କ ଉପରେ ଆଧାରିତ ରସାଶ୍ରୀତମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମ୍ୟୁଜିକ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ସୁକାନ୍ତ କୁଣ୍ଡୁ । ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ନିଶିକାନ୍ତ ମିଶ୍ର, ଗୁରୁ ରତିକାନ୍ତ ମହାପାତ୍ର ଓ ସତ୍ୟବାଦୀ ମହୋତ୍ସବ କମିଟିର ସମ୍ପାଦକ ତଥା ଜୟପୁର ପଞ୍ଚାୟତର ସମିତି ସଭ୍ୟ ଦୀପକ ଶତପଥୀ, ଅନୁଷ୍ଠାନ ର ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର, ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ଯୋଗ ଦେଇ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ଉପଢୌକନ, ପୁଷ୍ପମାଲ୍ୟ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ର ସମ୍ପାଦକ ଶ୍ରୀ ଖୁଣ୍ଟିଆ ଅନୁଷ୍ଠାନ ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଇନଜୀବୀ ଅଞ୍ଜନ କୁମାର ହୋତା ସଂଯୋଜନା କରିଥିଲେ।

# ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା




ସୁନ୍ଦରଗଡ଼,୨୫।୪ (ସଂଚାର ବ୍ୟୁରୋ)ଃ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସଂସଦ ଏବଂ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ଆରକ୍ଷଣ ସୁନିଶ୍ଚିତ କରିବାକୁ ଅଣାଯାଇଥିବା ଐତିହାସିକ “ନାରୀ ଶକ୍ତି ବନ୍ଦନ ଅଧିନିୟମ” ପ୍ରତି କଂଗ୍ରେସ, ଟିଏମସି, ବିଜୁ ଜନତା ଦଳ ସହିତ ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କ ଅସମର୍ଥନ ବିରୋଧରେ ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ଜିଲ୍ଲା ପକ୍ଷରୁ ଏକ ବିଶାଳ “ଜନ ଆକ୍ରୋଶ ମହିଳା ପଦଯାତ୍ରା” ଆୟୋଜିତ ହୋଇଥିଲା।

ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମାଦ୍ରି କାଲୋ ଭବନ ଠାରୁ ଆରମ୍ଭ ହୋଇଥିବା ଏକ ବିଶାଳ ପଦଯାତ୍ରା, ଡିଆରଡିଏ ଛକ ହୋଇ ଅଟଳ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ ଆୟୋଜିତ ହୋଇଥିଲା।

ଏହି ଅବସରରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରି ତୀବ୍ର ପ୍ରତିବାଦ ଜଣାଯାଇଥିଲା। ସଭାରେ ଉପସ୍ଥିତ ବକ୍ତା ଜିଲ୍ଲା ପ୍ରଭାରୀ ରାମଚନ୍ଦ୍ର ହାଁସଦା, ଜିଲ୍ଲା ସଭାପତି ଗିରୀଶ ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଯଶବନ୍ତ ନାଏକ, ନାରୀ ଶକ୍ତି ବନ୍ଦନ ଅଧିନିୟମ ଜିଲ୍ଲା ସଂଯୋଜୀକା ପ୍ରମିଳା ଦାସ, ପୂର୍ବତନ ରାଜଗାଙ୍ଗପୁର ପୌରପରିଷଦ ଅଧ୍ୟକ୍ଷା ଶଶୀରେଖା ସାମଲ, ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶାନ୍ତି ସରାଫ, ଦୀପ୍ତିମୟୀ ଠାକୁର, ହିମାନୀ ପାଢ଼ୀ, ଲତିକା ପଟ୍ଟନାୟକ ପ୍ରମୁଖ ନାରୀ ସଶକ୍ତିକରଣ ପାଇଁ ଅଣାଯାଇଥିବା ଏହି ଐତିହାସିକ ଅଧିନିୟମ ପ୍ରତି ବିରୋଧୀ ଦଳମାନଙ୍କ ନକରାତ୍ମକ ଦୃଷ୍ଟିଭଙ୍ଗୀକୁ ଜନସାଧାରଣଙ୍କ ମଧ୍ୟରେ ଉଜାଗର କରିଥିଲେ ଏବଂ ନାରୀଙ୍କ ଅଧିକାର ପାଇଁ ଆମ ଲଢ଼ାଇ ଅବିରତ ଭାବେ ଜାରି ରହିବ ବୋଲି ସଙ୍କଳ୍ପ ବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରମୁଖ ନେତୃତ୍ୱବୃନ୍ଦଙ୍କ ସହ ଶତାଧିକ ମହିଳା କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ।

## ସହିଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଶନି ମେଳାରେ ତରଭୁଜ ବଣ୍ଟନ

ଯାଜପୁର ରୋଡ଼,୨୫।୪(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ତଥା ବ୍ୟାସନଗରର ଅଗ୍ରଣୀ ସମାଜସେବୀ ସଂଗଠନ ଶହୀଦ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ପବିତ୍ର ଶନିଶ୍ଚର ମେଳା ଅବସରରେ ଆଜି ମା' ଯୋଗେଶ୍ୱରି ପୀଠ ଖଣ୍ଡାହାତାର ପଥପ୍ରାନ୍ତରେ ଗ୍ରୀଷ୍ମତାପକୁ ଲକ୍ଷ୍ୟକରି ପ୍ରତିବର୍ଷ ପରି ଚଳିତ ବର୍ଷ ଶନି ଓଷା ପଡିଆ ରାଛିପୁରକୁ ଯାଉଥିବା ଭକ୍ତ ମାନଙ୍କୁ ତରଭୁଜ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ କୁମାର ଧୀର, ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ରମେଶ ବିଶ୍ୱାଳ, ମହେଶ୍ୱର ନାୟକ, ହେମନ୍ତ କୁମାର ନାୟକ, ତପନ ସିଂ, ବିଜୟ ନନ୍ଦୀ, ଆଶିଷ ମଲ୍ଲିକ, ସୁବ୍ରତ ସାହୁ , ଶୁଭେନ୍ଦୁ ରାଉତ ସୁଦର୍ଶନ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଦୀପ ରାଉତ, ଅଭୟ ରାଉତ, କାହ୍ନୁ ରାଉତ,ସମେତ ସହଯୋଗ କରିଥିଲେ।

## ବାଲୁଙ୍କେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ,୨୫।୪(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ବାଲୁଙ୍କେଶ୍ୱର ଓ ମହାବୀର ମନ୍ଦିର ପ୍ରାଙ୍ଗଣରେ ୨୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ଅକ୍ଷୟତୃତୀୟା ତିଥିରେ ଏହି ଯଜ୍ଞର ଅଙ୍କୁରାରୋପଣ ଓ ଶୁଭାଧିବାସ ହୋଇଥିବା ବେଳେ ମଙ୍ଗଳବାର ସକାଳେ ଶତାଧିକ ଶ୍ରଦ୍ଧାଳୁ ପବିତ୍ର ଲୁଣାନଦୀରୁ ଶତାଧିକ ମହିଳା ଶୁଭକଳସ ବାଜାବାଣ ସଂକୀର୍ତ୍ତନ ପଟୁଆରରେ ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା କରାଯିବା ସହ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। ଏହି ଯଜ୍ଞରେ କର୍ତାକର୍ତୀ ଭାବରେ ସୀତାକାନ୍ତ ମହାନ୍ତି ଓ ଜୟନ୍ତୀ ମହାନ୍ତି କାର୍ଯ୍ୟ ନିର୍ବାହ କରିଥିଲେ। ଗତକାଲି ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଚରୁଅନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂଜକ ଚନ୍ଦ୍ରଶେଖର ମିଶ୍ର, ଅନୁଷ୍ଠାନର କର୍ମକର୍ତା ବେଣୁଧର ପ୍ରଧାନ, ଦିପ୍ତିକାନ୍ତ ସାହୁ, ଭଞ୍ଜନ କୁମାର ମହାନ୍ତି, ପ୍ରଭାକର ଦାଶ, ରଞ୍ଜନ କୁମାର ଘଡ଼େଇ, ଦେବେନ୍ଦ୍ରନାଥ ତ୍ରିପାଠୀ, ସନାତନ ଦାସ, ସନାତନ ବାହାଲିଆ, ସ୍ନେହାଶିଷ ବାହାଲିଆଙ୍କ ସମେତ ଯଜ୍ଞ କମିଟିର କମକର୍ତାମାନେ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ମାହାଙ୍ଗା,୨୫।୪ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତାଙ୍ଗସ୍ଥିତ ପ୍ରଭୁ ଗୋବର୍ଦ୍ଧନେଶ୍ୱର ପୀଠ ପରିସରରେ ବରିଷ୍ଠ ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ନୁର୍ତାଙ୍ଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟମଣି ସାମଲ ଉଦ୍‌ଘାଟକ ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଜେ.ଏନ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡଃ ପ୍ରତାପ କୁମାର ଚୌଧୁରୀ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ଚନ୍ଦ୍ର ସାହୁ, ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ୍ ଶିବ ପ୍ରସାଦ ଦାଶ, ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ଶିକ୍ଷକ ରଙ୍ଗାଧର ନାୟକ, ସମାଜସେବୀ ଶରତ ଚନ୍ଦ୍ର ବାରିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରମାକାନ୍ତ ବରାଳ, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ଶିକ୍ଷାବିତ ଆରତି ପଣ୍ଡା, ସାଧୁ କାହ୍ନୁ ବାବା, ପ୍ରଧାନଶିକ୍ଷକ ବିଶ୍ୱଜିତ ସେଠୀ ପ୍ରମୁଖ ଯୋଗଦେଇ ସମାଜରେ ଥିବା ଅବହେଳିତ ଅସହାୟ ୫୫ ଜଣ ମହିଳାମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ବିଶେଷ କରି ସମାଜସେବୀ ଶ୍ରୀ ବାରିକଙ୍କ ୭୫ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସେ ଏହି ବସ୍ତ୍ର ପ୍ରଦାନ କରିବା ସହ ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ସମ୍ପାଦକ ମାଧବ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ‘ଓଡ଼ିଆ ପ୍ରିନିୟର ୩. ୦’ ହାକାଥାନ ଅନୁଷ୍ଠିତ

# ଶ୍ରେଷ୍ଠ ତିନି ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ




ବାରିପଦା, ୨୫।୪ (ସଂଚାର ବ୍ୟୁରୋ)ଃ ବାରିପଦାସ୍ଥିତ ଶ୍ରୀମା’ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଷ୍ଟାରସ ପ୍ରୋଗ୍ରାମ ଅଧୀନରେ “ଜିଲ୍ଲା ସ୍ତରୀୟ ଓଡ଼ିଆ ପ୍ରିନିୟର-ଏ ସ୍ମାର୍ଟ ଓଡିଶା ହାକଥନ ୩. ୦ “ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର ଦ୍ୱାରା ମନୋନୀତ ୨୧ଟି ଅଭିନବ ପ୍ରକଳ୍ପକୁ ନେଇ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଉତ୍ତର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ, ମୟୁରଭଞ୍ଜର ସିଏଚସିଇ ଡେପୁଟି ସେକ୍ରେଟାରୀ ରାଜେଶ କୁମାର ପ୍ରଧାନ, ମୁଖ୍ୟ ବକ୍ତା ରୂପେ ମହାରାଜା ଶ୍ରୀରାଚନ୍ଦ୍ରଭଞ୍ଜ ବିଶ୍ୱ ବିଦ୍ୟାଳୟ ବାରିପଦାର ଏମ୍ .ସି. ଏ. ବିଭାଗୀୟ ମୁଖ୍ୟ ପ୍ରଫେସର ଏମ୍. ହେମାବିନ୍ଦୁ, ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଓ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ମିନାକ୍ଷୀ ମହାନ୍ତି ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ ।

ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଭିନବ ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତାରେ ଓ.ଏ.ଭି, ଗରୁଡ଼ବସା ଛାତ୍ରୀ ଦିବ୍ୟାଂଶୀ ଦାଶ ଓ ଟିମ୍ ଙ୍କ ଏଆଇ-ଚାଟବୋଟ ପ୍ରକଳ୍ପ, ଓ.ଏ.ଭି, ସାନଶୋଳ, ଶାମାଖୁଣ୍ଟାର ତନ୍ମୟ ପୁଥାଳଙ୍କ ଅଟୋ ଗ୍ରୀଡ଼ ଏକ୍ସ ପ୍ରକଳ୍ପ ଓ ଓ.ଏ.ଭି, ଚାନ୍ଦୁଆ, କୁଳିଅଣାର ଜୟନ୍ତ କୁମାର ମହାନ୍ତଙ୍କ ଫୋଲଡ଼ ଏକ୍ସ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବରେ ବିଚରକ ମାନଙ୍କ ଦ୍ୱାରା ଚୟନ ହୋଇଛି। ସମସ୍ତ ଶ୍ରେଷ୍ଠ ତିନି ଦଳ ଅତିଥିମାନଙ୍କ ଠାରୁ ମାନ ପତ୍ର ଓ ନଗଦ ପୁରସ୍କାର ରାଶି ଭାବରେ ଯଥାକ୍ରମେଃ - ୨୦୦୦୦, ୧୫୦୦୦ ଓ ୧୦୦୦୦ ଟଙ୍କା ଗ୍ରହଣ କରିଥିଲେ ।

ଉକ୍ତ ଶ୍ରେଷ୍ଠ ତିନି ପ୍ରକଳ୍ପ ରାଜ୍ୟ ସ୍ତରୀୟ ହାକାଥନରେ ମୟୁରଭଞ୍ଜ ଜିଲ୍ଲାର ପ୍ରତିନିଧିତ୍ୱ ନିମନ୍ତେ ମଧ୍ୟ ମନୋନୀତ ହୋଇଛନ୍ତି । ସେହିପରି ଓ.ଏ.ଭି, ଗରୁଡ଼ବସାର ଜ୍ୟୋତି କୁମାରୀ ସାହୁର ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ଏବଂ ସି.ପି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୋନାଲି ପାତ୍ରର କାଈ ପିମ୍ପୁଡ଼ି ପ୍ରକଳ୍ପ ମଧ୍ୟ ଶ୍ରେଷ୍ଠ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଆଇଆଇଟି ଭୁବନେଶ୍ୱର ତରଫରୁ ଇଞ୍ଜିନିୟର ସୌମ୍ୟରଞ୍ଜନ ମିଶ୍ର, ବାଜାରସାଇଡ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ପିତାମ୍ବର ସାହୁ ଏବଂ ମୟୁରଭଞ୍ଜ ଚେମ୍ବର ଅଫ୍ କମର୍ସର ସଭାପତି ରୋଟାରିଆନ୍ ନୀରଜ କୁମାର ପାଣ୍ଡା ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ ।

## ବସୁଧା ସମାଜ ସେବକ ସଂଘ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ




ମାହାଙ୍ଗା, ୨୫।୪(ସଂଚାର ବ୍ୟୁରୋ)ଃ ପ୍ରଭୁ ଶନିଶ୍ଚରଙ୍କ ଜଳାଭିଷେକ ଅବସରରେ ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣୁପୁର ଶନିଘାଟ ଠାରେ ବସୁଧା ସମାଜ ସେବକ ସଂଘ ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପଦେଷ୍ଟା ତଥା ଶିକ୍ଷାବିତ୍ ରବୀନ୍ଦ୍ରନାଥ କର ଉଦ୍‌ଘାଟକ ଓ ମୁଖ୍ୟଅତିଥିଭାବେ ଯୋଗଦେଇ ଜଳଛତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଅନୁଷ୍ଠାନର ଏଭଳି ମହନୀୟ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଶନିଶ୍ଚର ମନ୍ଦିରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁମାନଙ୍କୁ ଦହି ସରବତ ଓ ଜଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ବିଚିତ୍ରାନନ୍ଦ ସାହୁ, ସଦାଶିଷ ସାହୁ, ନିରଞ୍ଜନ ବେହେରା, କ୍ଷିତିଶ ସାହୁ, ବିଭୂତିଭୂଷଣ ସାହୁ, ରମାକାନ୍ତ ଦାସ, ବିପ୍ରବର ସାହୁ, ମନୋରଞ୍ଜନ ସାହୁ, ରାଧାବଲ୍ଲଭ ସାହୁ, ସୁରେନ୍ଦ୍ର ଦାସ, ଅଭୟ ସାହୁ, ଚନ୍ଦ୍ରଶେଖର ସାହୁ, ଜଗବନ୍ଧୁ ସାହୁ, ରଜତ କୁମାର ଭୂୟାଁ, ଚିତରଞ୍ଜନ ସିଂହ, ଜ୍ଞାନରଞ୍ଜନ ସାହୁ, ବିଦ୍ୟାଧର ସାହୁ, ନବକିଶୋର ସାହୁ, ଦେବେନ୍ଦ୍ର ସିଂହ, ସନ୍ତୋଷ କୁମାର ଦାସ, ପ୍ରକାଶ ଦାସ, ଦେବ ଦୁଲ୍ଲଭ ସାହୁ, ରାମଚନ୍ଦ୍ର ନାଥ, ଧନଞ୍ଜୟ ନାଥ, କୃଷ୍ଣଚନ୍ଦ୍ର ସିଂହଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।